


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 48 | ଭାଗ ୩୪ | ସଂଖ୍ୟା ୪୮ | Bhubaneswar | Sunday 11 May 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୧୧ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ସେନାକୁ ବଡ଼ ଆକ୍ସନ ନେବାକୁ କହିଲା ଭାରତ

- ସନ୍ଧ୍ୟା ୫ଟାରୁ ଅସ୍ତ୍ରବିରତି ଲାଗୁ
- ଭାରତକୁ ପାକିସ୍ତାନ ଡିଜିଏମଙ୍କ କଲ
- ଜଳ, ସ୍ଥଳ ଓ ଆକାଶରେ କୌଣସି ଆକ୍ସନ ହେବନି
- ହସ୍ତକ୍ଷେପ ସଫଳ ହୋଇଥିବା କହିଲେ ଟ୍ରମ୍ପ
- ୧୨ରେ ପୁଣି ଆଲୋଚନା
- ସାଉଦୀ ଆରବ ଓ ତୁର୍କୀକୁ ଶ୍ରେୟଦେଲା ପାକିସ୍ତାନ
- ସବୁ ବିମାନବନ୍ଦର ଖୋଲିଲା ପାକିସ୍ତାନ
- ସିନ୍ଧୁ ଜଳ ଚୁକ୍ତି ବାତିଲ ବଳବତ୍ତର ରହିବ



# ବେଇମାନ୍ ପାକିସ୍ତାନ, ଅସ୍ତ୍ରବିରତିକୁ ମାନିଲାନି

**ନୂଆଦିଲ୍ଲୀ,୧୦।୫:** ଭାରତର ଭୟଙ୍କର ଆକ୍ରମଣ ଆଗରେ ଭୟଭୀତ ପାକିସ୍ତାନ। ଭାରତୀୟ ସେନାର ରୌଦ୍ରରୂପ ଦେଖି ଡରିଗଲା ପାକିସ୍ତାନ। ଭୟ ଆତଙ୍କରେ ଥରହର ହେଉଥିବା ପାକିସ୍ତାନ ଶେଷରେ କିଛି ବାଟ ନ ପାଇ ଭାରତ ଆଗରେ ମୁଣ୍ଡ ନୁଆଁଇଦେଇଛି ଆଉ ଯୁଦ୍ଧବିରତି ପାଇଁ ଗୁହାରି କରିଛି। ଲଗାତାର ଦୁଇ ଦେଶ ଭିତରେ ଉତ୍ତେଜନା ସ୍ଥିତିରେ ଶେଷରେ ପୂର୍ଣ୍ଣଚ୍ଛେଦ ପଡିଛି ଆଉ ଆଜି ସନ୍ଧ୍ୟା ୫ଟାରୁ ଅସ୍ତ୍ରବିରତି ଲାଗୁ ହୋଇଛି। କିନ୍ତୁ ସଦ୍ୟ ରିପୋର୍ଟ ଅନୁସାରେ ଅସ୍ତ୍ରବିରତି ଘୋଷଣାର କେଇ ଘଣ୍ଟା ପରେ ପାକିସ୍ତାନ ତା'ର ଦୋମୁହାଁ ନୀତି ଦେଖାଇବା ସହ ସୀମାବର୍ତ୍ତୀ ଅଞ୍ଚଳରେ ଗୁଳିଗୋଳା ମାଡ଼ କରିବା ସହ ଡ୍ରୋନ୍ ମାଧମରେ ଆକ୍ରମଣ କରିଥିବା ସାମ୍ନାକୁ ଆସିଛି। ଅର୍ଥାତ୍ ବେଇମାନ ପାକିସ୍ତାନ ଅସ୍ତ୍ରବିରତିକୁ



ମାନିନଥିବା ପରିଲକ୍ଷିତ ହୋଇଛି। ଫଳସ୍ୱରୂପ ଭାରତୀୟ ସେନାକୁ ବଡ଼ ଆକ୍ସନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି। ପୂର୍ବରୁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ସହମତି ପ୍ରକାଶ ପରେ ଶେଷରେ ବନ୍ଦ ହେଲା ଭାରତ-ପାକିସ୍ତାନ ଯୁଦ୍ଧ । ୧୨ ତାରିଖରେ ପରବର୍ତ୍ତୀ ଆଲୋଚନା ଥିବା ବେଳେ ୧୨ ତାରିଖ ଯାଏଁ ଏକ ପ୍ରକାର ଅସ୍ତ୍ରବିରତି ରହିଛି । ସେପଟେ ପାକିସ୍ତାନର ଡିଜିଏମଓ ଆଜି ଅପରାହ୍ନ ୩ଟା ୩୫ରେ ଭାରତର ଡିଜିଏମଓଙ୍କୁ ଫୋନ କରି କଥା ହୋଇଥିଲେ। ଆଲୋଚନାରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନେଇ ସହମତି ପ୍ରକାଶ କରିଥିଲେ । ଜଳ, ସ୍ଥଳ, ଆକାଶରେ କୌଣସି ସୈନ୍ୟ ଆକ୍ସନ ନହେବାକୁ ସହମତି ଦେଇଥିଲେ। ଆଉ ଭାରତ-ପାକ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଛି ବୋଲି ସୂଚନା ଦେଇଛନ୍ତି ବୈଦେଶିକ ସଚିବ ବିକ୍ରମ ମିସ୍ରି।

ତେବେ ସବୁଠାରୁ ବଡ଼ କଥା ହେଉଛି ଯୁଦ୍ଧ ବିରାମ ନେଇ ଆଗୁଆ ପଦକ୍ଷେପ ନେଇଥିଲା ପାକିସ୍ତାନ। ଅସ୍ତ୍ରବିରତି ଘୋଷଣା ହେବା ପରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ପ୍ରତିକ୍ରିୟା ରଖିଛନ୍ତି । କହିଛନ୍ତି, ଆତଙ୍କବାଦ ବିରୋଧରେ ଲଢେଇ ଜାରି ରହିବ। ଆତଙ୍କବାଦକୁ କେବେ ବି ପ୍ରଶ୍ରୟ ଦିଆଯିବନି । ଆସନ୍ତା ୧୨ ତାରିଖ ବୈଠକରେ ବି ଆତଙ୍କବାଦକୁ ନେଇ କୌଣସି ପ୍ରକାର ସାଲିସ କରାଯିବନି। ଆଜି ଅପରାହ୍ଣ ୩.୧୫ ମିନିଟରେ ପାକିସ୍ତାନର ସାମରିକ ପରିଚାଳନା ମହାନିର୍ଦ୍ଦେଶକ ଭାରତ ପ୍ରତିପକ୍ଷଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରିଥିଲେ। ସୂଚନାନୁଯାୟୀ, ଭାରତ ପକ୍ଷରୁ ହୋଇଥିବା ଆକ୍ରମଣରେ ପାକିସ୍ତାନର ବ୍ୟାପକ କ୍ଷୟକ୍ଷତି ହେବା ପରେ ଆଉ ଆକ୍ରମଣ ନ କରିବାକୁ ପାକିସ୍ତାନ ଡିଜିଏମଓ ଭାରତୀୟ ଡିଜିଏମଓଙ୍କୁ ନିବେଦନ ➪ପୃଷ୍ଠା-୬

## ବରିଷ୍ଠ ଅଧିକାରୀଙ୍କ ସମେତ ୫ ନିହତ



### ଦୁଃଖ ପ୍ରକାଶ କଲେ ଓମାର

**ଶ୍ରୀନଗର:** ଜମ୍ମୁ ଓ କାଶ୍ମୀରରକ ଜଣେ ବରିଷ୍ଠ ଅଧିକାରୀ ଶନିବାର ସକାଳେ ପାକିସ୍ତାନୀ ଗୁଳିରେ ନିହତ ହୋଇଛନ୍ତି। ରଜୌରୀର ଅତିରିକ୍ତ ଜିଲ୍ଲା ବିକାଶ କମିଶନର ରାଜ କୁମାର ଥାପ୍ପା, ତାଙ୍କର ଘରେ ଉପରେ ଏକ ମିସାଇଲ୍ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜ କୁମାର ଥାପ୍ପା ଶନିବାର ସକାଳେ ରାଜୌରୀ, ପୁଞ୍ଚ ଏବଂ ଜମ୍ମୁ ଜିଲ୍ଲାରେ ହୋଇଥିବା ଗୁଳିମାଡରେ ମୃତ୍ୟୁବରଣ କରିଥିବା ପଞ୍ଚଜଣଙ୍କ ମଧ୍ୟରେ ଜଣେ। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ଯେ ସେ ତାଙ୍କର ଏହି ଆଘାତ ଓ ଦୁଃଖକୁ ବ୍ୟକ୍ତ କରିବା ପାଇଁ କୌଣସି ଭାଷା ପାଉ ନାହାନ୍ତି। ଅଧିକାରୀ ଜଣକ ଦୁଃଖ ମୃତ୍ୟୁ ପୂର୍ବରୁ ତାଙ୍କ ସହ ଅନଲାଇନ ମିଟିଂରେ ସାମିଲ ହୋଇଥିବା କଥା ମନେ ପକାଇବା ସହ ତାଙ୍କ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ଅପରେସନ ସନ୍ଦୂର ପରେ ପାକିସ୍ତାନ ପକ୍ଷରୁ ଜମ୍ମୁ ଓ କାଶ୍ମୀରର ଜନବସତି ଅଞ୍ଚଳକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଛି। ଯେଉଁଥିରେ ଅନେକ ଲୋକଙ୍କ ଜୀବନ ହାନି ଘଟିଛି।

## ଅପପ୍ରଚାର କରୁଛି ପାକିସ୍ତାନ



### ସ୍ପଷ୍ଟ କଲା ପ୍ରତିରକ୍ଷା ମନ୍ତ୍ରଣାଳୟ

**ନୂଆଦିଲ୍ଲୀ:** ଅପରେସନ ସିନ୍ଦୂର ଆରମ୍ଭ ହେବା ପରେ ଭାରତୀୟ ସେନା ବିରୋଧରେ ଗତ ସପ୍ତାହେ ଧରି ପାକିସ୍ତାନ ଚଳାଇଥିଲା ଅପପ୍ରଚାର। ଭାରତ ଲଢେଇ ପାକିସ୍ତାର ସାଧାରଣ ନାଗରିକ କିମ୍ବା କୌଣସି ଧର୍ମିକ ଅନୁଷ୍ଠାନ ବିରୋଧରେ ନୁହେଁ । ଏ ଲଢେଇ ଆତଙ୍କବାଦୀ ଓ ଭାରତ ବିରୋଧୀ ଶକ୍ତି ବିରୋଧରେ। ଦେଶର ଏକତା ଓ ସାର୍ବଭୌମତ୍ୱ ରକ୍ଷା କରିବାକୁ ଭାରତୀୟ ସେନା ବଦ୍ଧପରିକର। ଆଜି ଅସ୍ତ୍ରବିରତି ଘୋଷଣା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାକିସ୍ତାନ ସେନା ପକ୍ଷରୁ ହେଉଥିବା ମିଛ ପ୍ରଚାରର ମୁଖା ଖୋଲିଛନ୍ତି ବରିଷ୍ଠ ସେନା ଅଧିକାରୀ କମାଣ୍ଡର୍ ରଘୁ ➪ପୃଷ୍ଠା-୬

## ଚେତାବନୀ ଦେଲା ଭାରତ

# ଭବିଷ୍ୟତରେ ଆତଙ୍କବାଦକୁ ଯୁଦ୍ଧ ବିବେଚନା କରାଯିବ

**ନୂଆଦିଲ୍ଲୀ:** ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଭଳି ପରିସ୍ଥିତିରେ ଭାରତ ସରକାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଯଦି ଭବିଷ୍ୟତରେ କୌଣସି ଆତଙ୍କବାଦୀ ଘଟଣା ଘଟେ, ତେବେ ଏହାକୁ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରାଯିବ। ଏପରି ପରିସ୍ଥିତିରେ ଆଗାମୀ ସମୟରେ, ଭାରତ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦ ବିରୁଦ୍ଧରେ ଅଧିକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଯଦି ପାକିସ୍ତାନରେ ବଢୁଥିବା ଆତଙ୍କବାଦୀମାନେ ଏପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି, ତେବେ ଭାରତ ଏହାକୁ ପାକିସ୍ତାନ ସରକାର ଏବଂ ସେନା ଦ୍ୱାରା ଭାରତ ବିରୁଦ୍ଧରେ ଯୁଦ୍ଧ ବୋଲି ବିବେଚନା କରିବ। ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏପରି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଏନ୍ଏସଏ ଅଜିତ ଡୋଭାଲ୍, ସିଡିଏସ୍ ଓ ତିନି ବାହିନୀର ମୁଖ୍ୟ ଉପସ୍ଥିତ ଥିଲେ।

ଏପରି ନିଷ୍ପତ୍ତି ଭାରତର ଆତଙ୍କବାଦ ବିରୋଧୀ ଯୁଦ୍ଧ ଓ ପାକିସ୍ଥାନ ନୀତିରେ ଏକ ବଡ଼ ପରିବର୍ତ୍ତନ ବୋଲି ବିବେଚନା କରାଯାଉଛି । ଏପରି ନୀତିର ଅର୍ଥ ହେଉଛି ଭବିଷ୍ୟତରେ ଭାରତରେ ଯେକୌଣସି ପ୍ରକାରର ଆତଙ୍କବାଦୀ ➪ପୃଷ୍ଠା-୬

# ସୀମାବର୍ତ୍ତୀ ଅଞ୍ଚଳରେ ମୋର୍ଟାର ମାଡ଼ ଓ ଗୁଳିବର୍ଷଣ

ଉଭୟ ଦେଶର ସହମତି କ୍ରମେ ଆଜି ଅପରାହ୍ନ ୫ଟାରୁ ଅସ୍ତ୍ରବିରତି ଲାଗୁ ହୋଇଥିଲା। ଫଳରେ ଦୁଇ ଦେଶ ମଧ୍ୟରେ ଗତ ୪୮ ଘଣ୍ଟା ଧରି ଚାଲିଥିବା ଉତ୍ତେଜନା ପ୍ରମାଣିତ ହୋଇଥିଲା। କିନ୍ତୁ ପାକିସ୍ତାନ ତା'ର ଚିରାଚରିତ ଢଙ୍ଗରେ ଏହି ଘୋଷଣାର ମାତ୍ର କେଇ ଘଣ୍ଟା ପରେ ପୁଣିଥରେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଛି। ଦେଶର ସେନାବାହିନୀ ଭାରତର ସୀମାନ୍ତବର୍ତ୍ତୀ ରାଜ୍ୟ ଜମ୍ମୁ-କାଶ୍ମୀରରେ ଡ୍ରୋନ୍ ମାଡ଼ କରିବା ସହ ଗୁଳିଗୋଳା ବର୍ଷା କରିଛି। ନିୟନ୍ତ୍ରଣ ରେଖା

### ୧୦ ସହରରେ ବ୍ଲାକ୍ଆଉଟ୍



ନିକଟବର୍ତ୍ତୀ ଏକାଧିକ ସ୍ଥାନରେ ପାକିସ୍ତାନ ପଟୁ ଆକ୍ରମଣ ହୋଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଓମାର୍ ଅବଦୁଲ୍ଲା। ତାଙ୍କ କହିବାନୁସାରେ, ଅଖନୁର, ରଜୌରୀ ଓ ପୁଞ୍ଚରେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଛି ପାକ୍ ସେନା। ଅସ୍ତ୍ରବିରତି ଘୋଷଣା ହୋଇଥିଲେ ମଧ୍ୟ ଶ୍ରୀନଗରରେ ଏବେ ବି ବିସ୍ଫୋରଣ ଶବ୍ଦ ଶୁଭୁଛି। ସେ ଆଜି ରାତି ପ୍ରାୟ ୯ଟା ୧୫ ମିନିଟ୍‌ରେ ଏକ ଭିଡିଓ ପୋଷ୍ଟ୍ କରିଛନ୍ତି, ଯେଉଁଥିରେ ବିସ୍ଫୋରଣ ହେଉଥିବା ଶବ୍ଦ ଶୁଣିବାକୁ ମିଳୁଛି। ଅବଶ୍ୟ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ପକ୍ଷରୁ ଏହି ଆକ୍ରମଣର ମୁହଁତୋଡ଼ ଜବାବ ଦିଆଯାଉଛି।

ମିଳିଥିବା ସୂଚନାନୁସାରେ ଶ୍ରୀନଗରରେ ଘନ ଘନ ଡ୍ରୋନ ଓ ମୋର୍ଟାର୍ ଆଟାକ୍ କରିଛି ପାକିସ୍ତାନ। ପ୍ରାୟ ୧୦୦ଟି ବିସ୍ଫୋରଣର ଶବ୍ଦ ଶୁଣାଯାଇଛି। ଭାରତୀୟ ସେନା ମଧ ପାକିସ୍ତାନୀ ଡ୍ରୋନ୍‌କୁ ଅକାମୀ କରିବାରେ ଲାଗିପଡ଼ିଛି। ଶ୍ରୀନଗରର ଲାଲ୍ ଚୌକ ଉପରେ ମଧ ଡ୍ରୋନ୍ ଉଡୁଥିବାର ଖବର ମିଳିଛି। ଆହୁରି ଗୁଜରାଟ କଚ୍ଛ ଆକାଶରେ ବି ଡ୍ରୋନ୍ ଦେଖାଯାଇଥିବା ସୂଚନା ଦେଇଛନ୍ତି ଗୁଜରାଟ ଗୃହମନ୍ତ୍ରୀ ହର୍ଷ ସାଂଘଭୀ। ଏକାଧିକ ଡ୍ରୋନ୍ ଠାବ ପରେ କଚ୍ଛରେ ସମ୍ପୂର୍ଣ୍ଣ ଭାବେ ବ୍ଲାକଆଉଟ୍ କରାଯାଇଛି। ➪ପୃଷ୍ଠା-୬

## ପାକିସ୍ତାନର ୩ ଏୟାରବେସ ଧ୍ୱଂସ

ପାକିସ୍ତାନ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣର ଦୃଢ଼ ଜବାବ ଦେବାକୁ ଯାଇ ଭାରତୀୟ ସେନା ଶନିବାର ସକାଳେ ପାକିସ୍ତାନର ୩ଟି ଏୟାରବେସକୁ ଧ୍ୱଂସ କରିଦେଇଛି। ଶନିବାର ଭୋର ସମୟରେ ପାକିସ୍ତାନ ଭାରତର ୨୬ଟି ସ୍ଥାନକୁ ଟାର୍ଗେଟ କରି ଆକ୍ରମଣ କରିବା ପରେ ଏହାର ଜବାବରେ ସେନା ପକ୍ଷରୁ ତୁରନ୍ତ ପ୍ରତି ଆକ୍ରମଣ କରାଯାଇଥିଲା। ପାକିସ୍ତାନ ପକ୍ଷରୁ ଲାଇନ୍ ଅଫ୍ କଣ୍ଟ୍ରୋଲ ଏଲଓସିର ବିଭିନ୍ନ ସ୍ଥାନରେ ଏହି ଆକ୍ରମଣ କରାଯାଇଥିଲା। ପାକିସ୍ତାନ ସେନାର ପ୍ରବକ୍ତା




ଲେଫ୍ଟନେଣ୍ଟ ଜେନେରାଲ୍ ଅହମଦ ସରିଫ୍ ଚୌଧୁରୀ ଇସ୍ଲାମାବାଦରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ନୁର୍ ଖାନ (ଚକଲାଲା, ରାୱାଲପିଣ୍ଡି), ମୁରିଦ୍ (ଚକୱାଲ୍) ଓ ରଫିକ୍ (ଝାହଙ୍ଗ ଜିଲ୍ଲା ଶୋରକଟ) ଏୟାରବେସ୍‌ଗୁଡିକୁ ଭାରତ ଟାର୍ଗେଟ କରି ଆକ୍ରମଣ କରିଥିଲା। କିନ୍ତୁ ବାୟୁ ସେନାର ସମସ୍ତ ସମ୍ପତ୍ତି ସୁରକ୍ଷିତ ଅଛି। ସେ ଅଭିଯୋଗ କରିଥିଲେ ଯେ ଭାରତ ବାୟୁରୁ ସ୍ଥଳକୁ କ୍ଷେପଣାସ୍ତ୍ର ମାଡ କରିଥିଲା। ମାତ୍ର ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ପଣ୍ଡ କରିଥିଲା। ଏହାପରେ ପାକିସ୍ତାନ ଏୟାରପୋର୍ଟ ଅଧିକାରୀ ଏହି ସବୁ ଏୟାରପୋର୍ଟକୁ ତୁରନ୍ତ ବନ୍ଦ କରିଦେଇଥିବା ନେଇ ସୂଚନା ଦିଆଯାଇଛି।

## ଜିଲ୍ଲାପାଳ ଓ ଆର୍‌ଡିସିଙ୍କ ଛୁଟି ବାତିଲ

**ନୂଆଦିଲ୍ଲୀ:** ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଚାଲିଥିବାରୁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରିଛନ୍ତି ରାଜ୍ୟ ସରକାର। ଆଜି ପୂର୍ବାହ୍ନରେ ରାଜ୍ୟ ସରକାର ଏନେଇ ଜାରି ନିର୍ଦ୍ଦେଶନାମାରେ ଆରଡିସି, ଡିଏମ ଓ କଲେକ୍ଟରଙ୍କ ଛୁଟି ବାତିଲ କରିଛନ୍ତି। ଏଥିସହ ଛୁଟିରେ ଥିଲେ ତୁରନ୍ତ ମୁଖ୍ୟାଳୟକୁ ଫେରି କାର୍ଯ୍ୟରେ ଯୋଗ ଦେବା ସକାଶେ ମଧ ନିର୍ଦ୍ଦେଶ ଦିଆଯାଇଛି। ଅବଶ୍ୟ ଅପରାହ୍ନରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ପାଇଁ ସହମତି ହେବା ଫଳରେ ଯୁଦ୍ଧର ଘନଘଟାରେ ସମ୍ଭବତଃ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସୂଚନାଯୋଗ୍ୟ, ପୂର୍ବରୁ ଭାରତ ସରକାର ଅର୍ଦ୍ଧସାମରିକ ବାହିନୀର ଛୁଟି ବାତିଲ ଘୋଷଣା କରିଥିଲେ। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ସିଏପିଏଫ ମୁଖ୍ୟଙ୍କୁ ➪ପୃଷ୍ଠା-୬

## ଅସ୍ତ୍ରବିରତି ପଛରେ ଆଇଏମ୍ଏଫ୍ ଋଣ ଟଙ୍କା!

**ନୂଆଦିଲ୍ଲୀ:** ପାକିସ୍ତାନ ଓ ଭାରତ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧ ନେଇ ଚରମ ସୀମାରେ ପହଞ୍ଚିଥିବା ବେଳେ ହଠାତ ଅସ୍ତ୍ରବିରତି ଘୋଷଣା ସମସ୍ତଙ୍କୁ ଚକିତ କରିଛି। ତେବେ ଏହାର ପଛରେ କ'ଣ ରହିଛି, ସେ ସମ୍ପର୍କରେ ଚର୍ଚ୍ଚା କଲେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଋଣ ଟଙ୍କା ସାମ୍ନାକୁ ଆସେ। ସୂଚନାନୁଯାୟୀ ପାକିସ୍ତାନକୁ ଗତକାଲି ଆଇଏମଏଫ ୧ ବିଲିୟନ ଡଲାର ଋଣ ପ୍ରଦାନ କରିବା ପରେ ଚୁପ ପଡିଯାଇଥିଲା ପାକିସ୍ତାନ। କାରଣ ଆତଙ୍କବାଦୀ ଆକ୍ରମଣ ପରେ ରକ୍ତମୁଖା ହୋଇପଡିଥିବା ଭାରତ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀର ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା। ଏହାର ଜବାବରେ ପାକିସ୍ତାନ ତା' ପରଦିନ ଭାରତର ସୀମାନ୍ତ ୪ ରାଜ୍ୟ ଉପରେ ରକେଟ, କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ କରିଥିଲା,




ଯାହାକୁ ପଣ୍ଡ କରିଥିଲା ଭାରତୀୟ ସେନା। ଏହାର ପ୍ରତି ଆକ୍ରମଣରେ ଭାରତ ପାକିସ୍ତାନର ପ୍ରମୁଖ ସହର ଉପରେ ଜଳ, ସ୍ଥଳ ଓ ଆକାଶ ମାର୍ଗରୁ ପ୍ରବଳ ଆକ୍ରମଣ କରିଥିଲା। ଯାହାଦ୍ୱାରା ପାକିସ୍ତାନର ବିପୁଳ କ୍ଷତି ହୋଇଥିଲା। ଆଇଏମଏଫର ଏହି ଋଣ ଟଙ୍କା ପାକିସ୍ତାନ ପାଇଁ ଜୀବନରେଖା ଥିଲା। ତେଣୁ ଏହି ଋଣ ଟଙ୍କା ମିଳିବା କ୍ଷଣି ପାକିସ୍ତାନ ଅସ୍ତ୍ରବିରତି ପାଇଁ ତୁରନ୍ତ ରାଜି ହୋଇଥିବା ➪ପୃଷ୍ଠା-୬

## ଅନ୍ତର୍ଜାତୀୟ ସମୁଦାୟର ସ୍ୱାଗତ

**ନୂଆଦିଲ୍ଲୀ:** ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଏହାକୁ ଅନ୍ତର୍ଜାତୀୟ ସମୁଦାୟ ସ୍ୱାଗତ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଶାନ୍ତି ପ୍ରୟାସ ସଫଳ ହେବା ପରେ ସେ ସର୍ବପ୍ରଥମେ ସୋସିଆଲ୍ ମିଡିଆ ମାଧ୍ୟମରେ ଏହି ସୂଚନା ଦେବା ସହ ଏଥିରେ ସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ବାଂଲାଦେଶର ସାମୟିକ ରାଷ୍ଟ୍ରମୁଖ୍ୟ ମହମ୍ମଦ ୟୁନୁସ୍ ଏପରି ନିଷ୍ପତ୍ତି ପାଇଁ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହ ତାଙ୍କର ଦୁଇ ପଡ଼ୋଶୀ ଦେଶ ଆଗାମୀ ଦିନରେ କୌଣସି ପ୍ରକାର ବିବାଦର ସମାଧାନ ପାରସ୍ପରିକ ଆଲୋଚନା ମାଧ୍ୟମରେ କରିବେ ବୋଲି ଆଶା କରିଛନ୍ତି। ସେହିପରି ୟୁରୋପୀୟ ସଂଘର ନୀତି ମୁଖ୍ୟ କାଜା କାଲାସ୍ କହିଛନ୍ତି, ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତ ଓ ପାକିସ୍ତାନ ରାଷ୍ଟ୍ରମୁଖ୍ୟଙ୍କ ➪ପୃଷ୍ଠା-୬

# ସଅଳ ଆସିବ ମୌସୁମୀ, ମେ' ୨୭ ସୁଦ୍ଧା କେରଳ ଛୁଇଁବ

**ନୂଆଦିଲ୍ଲୀ,୧୦।୫:** ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଅପେକ୍ଷାକୃତ ସଅଳ ଆସିବ ମୌସୁମୀ। ସାଧାରଣତଃ ଜୁନ୍ ୧ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳରେ ପହଞ୍ଚିଥିବା ବେଳେ ଏଥର ୪ ଦିନ ପୂର୍ବରୁ ଅର୍ଥାତ୍ ଆସନ୍ତା ମେ' ୨୭ ତାରିଖରେ ମୌସୁମୀ ଆଗମନ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଚଳିତ ଥର ମୌସୁମୀ ଅଗ୍ରସର ହେବା ପାଇଁ ସ୍ଥିତି ଅନୁକୂଳ ଥିବାରୁ ଧାର୍ଯ୍ୟ ସମୟର ୪ ଦିନ ପୂର୍ବରୁ ପହଞ୍ଚିବାର ସମ୍ଭାବନା ରହିଛି। ୫ଟି ପାଣିପାଗ ମଡେଲର ତର୍ଜମା କରି ଏହି ପୂର୍ବାନୁମାନ କରିଛି ଆଇଏମଡି। ତେବେ ଏଥିରେ ୪ଦିନ ପୂର୍ବ କିମ୍ବା ପରେ ମଧ ମୌସୁମୀ ପହଞ୍ଚିବାର ସମ୍ଭାବନା ରହିଛି। ଗତ ୨୦୦୫ଠାରୁ ଜୁନ ପ୍ରଥମ ସପ୍ତାହରେ କେରଳ ଛୁଇଁଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ୨୦୨୦ରେ ଜୁନ ୧, ୨୦୨୧ରେ ଜୁନ ୩,



୨୦୨୨ରେ ମେ ୨୯, ୨୦୨୩ରେ ଜୁନ ୮ ଓ ୨୦୨୪ରେ ମେ ୩୦ ତାରିଖରେ କେରଳରେ ପହଞ୍ଚିଥିଲା ମୌସୁମୀ। ସେହିପରି ଜୁଲାଇ ୮ ତାରିଖ ସୁଦ୍ଧା ଏହା ଭାରତର ସମସ୍ତ ରାଜ୍ୟରେ ପହଞ୍ଚିଯାଇଥାଏ। ପରେ ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ଏହାର ବିଦାୟ ଧାରା ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ୧୫ ତାରିଖ ସୁଦ୍ଧା ଶେଷ ହୋଇଥାଏ। ତେବେ ଚଳିତ ବର୍ଷ ସଅଳ ମୌସୁମୀ ବାୟୁ କେରଳ ପହଞ୍ଚିବାର ଥିଲେ ହେଁ ଏହା ଦେଶର ସମସ୍ତ ରାଜ୍ୟରେ ମଧ ତଦନୁସାରେ ପହଞ୍ଚିବା ନେଇ କୌଣସି ନିର୍ଦ୍ଦିଷ୍ଟତା ନାହିଁ ବୋଲି ଜନୈକ ଆଇଏମ୍‌ଡି ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ମାସରେ ଆଇଏମ୍‌ଡି ପକ୍ଷରୁ ଚଳିତ ବର୍ଷ ରାଜ୍ୟରେ ଭଲ ବର୍ଷା ହେବ ଓ ଏଲ୍ ନିନୋର କୌଣସି ପ୍ରକାର ପ୍ରଭାବ ରହିବ ନାହିଁ ବୋଲି ପୂର୍ବାନୁମାନ କରାଯାଇଥିଲା। ଏହି ଅନୁସାରେ ଚଳିତ ବର୍ଷ ଦେଶରେ ସ୍ୱାଭାବିକଠାରୁ ସାମାନ୍ୟ ଅଧିକ ଅର୍ଥାତ୍ ୧୦୫ ପ୍ରତିଶତ ବର୍ଷା ହେବ ବୋଲି ଭୂବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ୍. ରବିଚନ୍ଦ୍ରନ୍ କହିଥିଲେ। ସେହିପରି ଗତ ୫୦ ବର୍ଷ ଭିତରେ ଦେଶରେ ୯୬ରୁ ୧୦୫ ପ୍ରତିଶତ ମଧ୍ୟରେ ବର୍ଷା ହୋଇଆସୁଥିବାରୁ ହାରାହାରି ➪ପୃଷ୍ଠା-୬

## ଓଡ଼ିଶା ତଟରେ ଡ୍ରୋନ ଓ ପିଏସ୍ଓ ମୁତୟନ

**ଭୁବନେଶ୍ୱର,୧୦।୫(ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ବିରାମ ଲାଗିଥିଲେ ହେଁ ପାକିସ୍ତାନ ପରି ଏକ ଅବିଶ୍ୱସ୍ତ ପଡ଼ୋଶୀର କୌଣସି ପ୍ରକାର ବଦବାସୀକୁ ରୋକିବା ସକାଶେ ଓଡ଼ିଶା ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷାକୁ ବେଶ୍ ସଶକ୍ତ କରାଯାଇଛି। ଏହି କ୍ରମରେ ଓଡ଼ିଶା ତଟରେ ଡ୍ରୋନ ଓ ପିଏସଓଙ୍କୁ ମୁତୟନ କରାଯାଇଛି। ମାଛଧରା ବନ୍ଦରରେ ଡ୍ରୋନ ମୁତୟନ କରାଯାଇଥିବା ବେଳେ ପ୍ରତି ବନ୍ଦରରେ ୫ ଜଣ ଲେଖାଏଁ ପିଏସଓଙ୍କୁ ମୁତୟନ କରାଯାଇଛି। ରାଜ୍ୟର ଉପକୂଳ ସୁରକ୍ଷା ପ୍ରସ୍ତୁତି ନେଇ ତଟ ସୁରକ୍ଷା ଏଡିଜି ଅରୁଣ ବୋଥ୍ରା ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, କମ୍ୟୁନିଟି ପୁଲିସିଂ ପ୍ରୋଗ୍ରାମ ଜାରି ରହିଛି। ୧୮ଟି ଥାନା ସ୍ତରରେ ସୁରକ୍ଷା ବ୍ୟବସ୍ଥା ପରିଚାଳିତ ହେଉଛି। ସାମୁଦ୍ରିକ ଥାନାକୁ ମଧ ଆଲର୍ଟ କରାଯାଇଛି। ଏଥିସହ ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ମଧ ବଢ଼ାଯାଇଥିବା ଶ୍ରୀ ବୋଥ୍ରା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ସାମୁଦ୍ରିକ ପାଟ୍ରୋଲିଂ ସହ ସଶସ୍ତ୍ର ଗାର୍ଡମାନଙ୍କୁ ମଧ ଦାୟିତ୍ୱ ➪ପୃଷ୍ଠା-୬



## କାନ ଡେରିଥା

ମଙ୍ଗଳସୂତ୍ରର ଦାମ ନ ବୁଝିଲ
ଏବେ ଯେ ଲଙ୍ଗଳା ହେଲ
କେବଳ ତମର ଟାଣପଣ ପାଇଁ
ନିରୀହଙ୍କୁ ମାରିଥିଲ
ବାପାକୁ ଘାଇଲା କଲ...
ବାପା ସବୁବେଳେ ବାପା ହୋଇଥାଏ
ଏବେ ତୁମେ ଜାଣିଗଲ!

■ ଦେବାଶିଷ



## ଭାରତୀୟ ଯବାନଙ୍କ ମନୋବଳ ବଢ଼ାଇବା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା

**କେନ୍ଦ୍ରାପଡ଼ା,୧୦।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ସାଂସଦ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଜିଲ୍ଲା ବିଜେପି ନେତା ତଥା ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ଉପସଭାପତି ସଲିମ ଖାନଙ୍କ ଶାଶୂ ହବିବୁନ ବେଗମଙ୍କ ଗତ ମାସ ୨୭ ତାରିଖରେ ଦେହାନ୍ତ ହୋଇଥିଲା। ସାଂସଦ ଶ୍ରୀ ପଣ୍ଡା ଦେହାନ୍ତ ସମୟରେ ପଂହଁଚି ନଥିବାରୁ ଆଜି ତାଙ୍କ ବାସଭବନରେ ପଂହଁଚି ଅମର ଆତ୍ମାର ସଦଗତି କାମନା କରିବା ସହିତ ଜିଲ୍ଲାର ଅନ୍ୟ କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଛନ୍ତି । ଏଇ ପରିପ୍ରେକ୍ଷୀରେ ଭାରତ ପାକିସ୍ତାନ ମଧରେ ଯୁଦ୍ଧ ପରିସ୍ଥିତି ଉପୁଜି ଥିବାରୁ ଭାରତୀୟ ଯବାନ ମାନଙ୍କ ମନୋବଳ ବଢାଇବା ପାଁଇ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଏକ ହୋଇ ଏକ ଶାନ୍ତିପୂର୍ଣ୍ଣ ତ୍ରିରଙ୍ଗା ଶୋଭାଯାତ୍ରା ଆସନ୍ତାକାଲି ସକାଳ ୮ ଟାରେ କେନ୍ଦ୍ରାପଡ଼ା ସହରର ବାଲାବାବା ମନ୍ଦିର ପ୍ରାଙ୍ଗଣରୁ ପୁରୁଣା ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ସେ ଉପରେ ସାଂସଦ ଆଲୋଚନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସହିତ ମହାକଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ,କେନ୍ଦ୍ରାପଡ଼ା ବିଧାନସଭା ବିଧାୟିକା ପାର୍ଥିନୀ ଗୀତାଞ୍ଜଳୀ ସେଠୀ, ପାଟକୁରା ବିଧାୟକ ପାର୍ଥି ତେଜେଶ୍ୱର ପରିଡା, ଆଳି ବିଧାୟକ ପାର୍ଥି କୃଷ୍ଣଚନ୍ଦ୍ର ପଣ୍ଡା, ରାଜନଗର ବିଧାୟକ ପାର୍ଥି ଲଳିତ ବେହେରା, ଜିଲ୍ଲା ସଭାପତି ଶଶାଙ୍କ ସେଠୀ, ପୂର୍ବତନ ଜିଲ୍ଲା ସଭାପତି କିଶୋର ପଣ୍ଡା, ଜିଲ୍ଲା ଉପସଭାପତି ସଞ୍ଜୟ ରଥ, ବିଜେପି ନେତ୍ରୀ କଳ୍ପନା ମଲିକ, ପ୍ରିୟଦର୍ଶିନୀ ନନ୍ଦ, ଝିଲ୍ଲୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତୀୟ ସେନା ପାଇଁ ପରାକ୍ରମ ଶୋଭାଯାତ୍ରା

**କେନ୍ଦ୍ରାପଡ଼ା,୧୦।୫ (ସଂଚାର ବ୍ୟୁରୋ):** ଭାରତୀୟ ବୀର ସୈନିକମାନଙ୍କୁ ଉତ୍ସାହିତ କରିବା ପାଇଁ ଆସନ୍ତାକାଲି ମେ ୧୧ ତାରିଖ ରବିବାର ସମଗ୍ର ରାଜ୍ୟରେ ଜନଶୋଭାଯାତ୍ରା ଆୟୋଜିତ ହେବ । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏହି ଶୋଭାଯାତ୍ରା ସକାଳ ୮ ଟାରୁ ଆରମ୍ଭ ହୋଇ ୧୦ଟା ମଧରେ ଶେଷ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଆୟୋଜିତ ଆଭାସି ବୈଠକରେ ନିଷ୍ପି ଗ୍ରହଣ କରାଯାଇଛି। ରାଜ୍ୟସ୍ତରୀୟ ଶୋଭାଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭ ଉଦ୍‌ଘାଟନ କରିବେ । ରାଜ୍ୟରେ ସମସ୍ତ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ ମହକୁମାରେ ଶୋଭାଯାତ୍ରାର ଆୟୋଜନ କରାଯିବ। ଏହି ରାଲି ମୁଖ୍ୟତଃ ମୋଟରସାଇକଲ ରାଲି ହେବ । ଏହି ଶୋଭାଯାତ୍ରାରେ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍, କ୍ରୀଡ଼ାବିତ, ପୋଲିସ, ଶିକ୍ଷକ, ଶିକ୍ଷୟିତ୍ରୀ, ଜନସାଧାରଣ, ଜନପ୍ରତିନିଧି ପ୍ରମୁଖ ଯୋଗେଦେବେ। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ଶୋଭଯାତ୍ରା ଆୟୋଜନ ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଆଭାସୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌରପରିଷଦ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଶୋଭାଯାତ୍ରା ଇଚ୍ଛାପୁର ରଥଦାଣ୍ଡରୁ ବାହାରି ପୁରୁଣା ବସଷ୍ଟାଣ୍ଡ ଓ ତିନିମୁହାଣୀ ଦେଇ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଶେଷ ହେବ ବୋଲି ପ୍ରାରମ୍ଭିକ ଆଲୋଚନା ହୋଇଛି ।

### ଶୁଣିଲେନି ଠିକାଦାର, ଦେଖିଲାନି ପ୍ରଶାସନ

# ଯଥା ପୂର୍ବଂ ତଥା ପରଂ ନୀତିରେ ଚାଲିଛି ପଥର ପ୍ୟାକିଂ

**ଆଳି,୧୦।୫ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଭୂଇଁପୁର କାଣୀ ନଦୀର ନଦୀତଟ ସୁରକ୍ଷା ବନ୍ଧ ନିର୍ମାଣରେ ବ୍ୟାପକ ଦୁର୍ନୀତିର ଗନ୍ଧ ବାରୁଛନ୍ତି ସ୍ଥାନୀୟ ଲୋକେ। ଖବର ପ୍ରକାଶିତ ପରେବି ଚେତୁନାହିଁ ପ୍ରଶାସନ। ଯାହାଫଳରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ କାର୍ଯ୍ୟର ସ୍ଥାୟୀତ୍ୱ ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନଦୀ ଦାଉରୁ ଗାଁକୁ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଆସୁଛି। ହେଲେ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ କର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଓଡିଶା କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ଼ ବା ଓସିସି ବିଭାଗର ଅଧିକାରୀଙ୍କ ମିଳିଭଗତରେ ଜନସାଧାରଣଙ୍କ କୋଟି କୋଟି ଟଙ୍କା ଟିକସ ଏବେ ପାଣିରେ ଧୋଇ ଯିବାକୁ ବସିଛି। ନିମ୍ନମାନର କାର୍ଯ୍ୟ ଏବେ ଶେଷ ହେବାକୁ ବସିଥିବା ବେଳେ କାମକୁ ବିରୋଧ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସବୁଠୁ ବଡ଼ କଥା ହେଲା ର,ଠ, ଡ୍ରେଜିଂ ନିର୍ମାଣ ହେଉଛି ସୁରକ୍ଷା ବନ୍ଧ। ଏମିତି କି ଯେତିକି ଡ୍ରେଜିଂ କରିବା କଥା

### ଭିଜିଲାନ୍ସ ତଦନ୍ତ ଦାବି

ତାହା କରାଯାଉନାହିଁ। ଏଠି ପ୍ରଶ୍ନ ଉଠେ ଗଣମାଧମରେ ଶିରୋନାମା ପାଲଟି ଥିବା ଏହି ଚର୍ଚ୍ଚିତ କାର୍ଯ୍ୟ କାହିଁକି ତଦନ୍ତ ଅନ୍ତର୍ଭୁକ୍ତ ହୋଇ ନାହିଁ । ନା ରହିଛି କି କାହାର ବଡ ସ୍ୱାର୍ଥ ? ଯଦି ନା ତାହାଲେ ତଦନ୍ତ କରିବାକୁ କହିଁକି ପଛଘୁଂଚା ନା ଭିଜିଲାନ୍ସ ଆସିଲା ପରେ ସବୁ ସ୍ପଷ୍ଟ ହୋଇ ଯିବ।

ବହୁ ଦିନର ସଂଘର୍ଷ ପରେ ସରକାରଙ୍କ ପକ୍ଷରୁ ୧୧ କୋଟି ୩୫ଲକ୍ଷ ଟଙ୍କା ଆର୍ଥିକ ସହାୟତାରେ ଆରମ୍ଭ ହୋଇଥିଲା । କିନ୍ତୁ ଏବେ ଲୋକେ କହୁଛନ୍ତି ସବୁ ଟଙ୍କା ଏବେ ଗୋଟାଏ ବନ୍ୟାରେ ପାଣିରେ ଧୋଇ ଯିବା ସହ କିଛି ଦିନ ପରେ ପଥର ପ୍ୟାକିଙ୍ଗ ସବୁ ନଦୀଗର୍ଭକୁ ଚାଲିଯିବ ବୋଲି ଲୋକେ ଆଶଙ୍କା କରୁଛନ୍ତି।

ଏନେଇ ବାରମ୍ବାର ନିମ୍ନମାନର କାମକୁ ଗ୍ରାମବାସୀ ବିରୋଧ କରି ଆସୁଥିଲେ ମଧ ଠିକାଦାର ମନମାନିରେ କାମ କରୁଛନ୍ତି। ଅନ୍ୟ ପଟେ ଠିକାଦାର କିଛି ସ୍ଥାନୀୟ କୁଜୀ ରାଜନୀତି ଲୋକଙ୍କୁ ଧରି ମୋଟା ଅଙ୍କର ଅର୍ଥ ଦେଇ ଏ ଭଳି ନିମ୍ନମନର କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।



## ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ କଡ଼ାକଡ଼ି ଯାଞ୍ଚ



**ରାଜନଗର,୧୦।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଜଳପଥକୁ ଲାଗିକରି ରହିଛି ଅବଦୁଲ କାଲାମ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର। ପାକିସ୍ତାନ ସହିତ ଭୟଙ୍କର ଯୁଦ୍ଧ ଚାଲିଥିବାରୁ ଜଳପଥ ଦେଇ ଆତଙ୍କବାଦୀ ପ୍ରବେଶ କରିବାର ସମ୍ଭାବନା ରହିଛି। ଯୁଦ୍ଧ ଆରମ୍ଭ ହେବା ପରେ ଜଳପଥରେ ପଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡାକଡି କରାଯାଇଛି। ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଜଳପଥରେ ଦିନ ଓ ରାତିରେ ପଟ୍ରୋଲିଙ୍ଗ କରାଯାଉଛି। ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୋଲିସ ପଟ୍ରୋଲିଙ୍ଗକୁ କଡାକଡି କରିଛି। ଜଳପଥରେ ଚଳାଚଳ କରୁଥିବା ବୋଟ, ଟ୍ରଲର କେଉଁଠୁ ଆସିଲା, କେଉଁଠାକୁ ଯାଉଛି, ସେଥିରେ କେଉଁମାନେ ଅଛନ୍ତି, ତାଙ୍କର ପରିଚୟ ପତ୍ର ଯାଞ୍ଚ ସହିତ ଟ୍ରଲର ଓ ବୋଟକୁ ଯାଞ୍ଚ କରାଯାଉଛି। ଏଥି ସହିତ ତାଳଚୁଆ ଅଞ୍ଚଳରୁ ଫେରି ଘାଟ ଓ ମାଛ ଧରା ଜେଠି ମାନଙ୍କରେ କଡାକଡି ଚେକିଂ କରାଯାଉଛି। ଘାଟରେ ଯାଉଥିବା ସାଧାରଣ ଲୋକ ହୁଅନ୍ତୁ କିମ୍ବା ବୋଟ ନେଇ ସମୁଦ୍ରକୁ ଯାଉଥିବା ମତ୍ସ୍ୟଜିବୀଙ୍କୁ କଡାକଡି ତନଖି କରାଯାଉଛି। ଘାଟ ମାନଙ୍କରେ ଚେକିଙ୍ଗ କରାଯିବା ସହ ବାହାର ଲୋକ କିମ୍ବା ସନ୍ଦିଗ୍ଧ ଭାବେ କାହାକୁ ଦେଖିଲେ ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେବାକୁ ଲୋକଙ୍କୁ ସଚେତନ କରାଯାଇଛି। ଏହା ବାଦେ ଜଳପଥରେ କୌଣସି ଅଜଣା ବୋଟ ଦେଖିଲେ ପୁଲିସକୁ ଖବର ଦେବାକୁ ମତ୍ସ୍ୟଜୀବୀମାନଙ୍କୁ ପୁଲିସ ପକ୍ଷରୁ କୁହାଯାଇଛି।

## ସେନା ଓ ସରକାର ମନୋବଳ ବୃଦ୍ଧି ପାଇଁ ବିଧାୟକଙ୍କ ଆହ୍ୱାନ



**ମହାକାଳପଡ଼ା,୧୦।୫ (ସଂଚାର ବ୍ୟୁରୋ):** ଦେଶ ମାତୃଭୂମୀର ଟେକ ପାଇଁ ଭାରତୀୟ ସେନା ଓ ନରେନ୍ଦ୍ର ମୋଦି ସରକାରଙ୍କ ମନୋବଳ ବୃଦ୍ଧି ପାଇଁ ଆହ୍ୱାନ ଦେଇଛନ୍ତି ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ। ଆଜି ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ମହାକାଳପଡା ନିର୍ବାଚନ ମଣ୍ଡଳୀ ଗ୍ରସ୍ତରେ ଆସି ଆଶ୍ରମ ବାଲିକୁଦାସ୍ଥ ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ଆଶ୍ରମ ପରିସରରେ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ସାମିଲ ହୋଇ ଉପସ୍ଥିତ ଜନସାଧାରଣଙ୍କ ସହିତ ଏମିତି ଆଲୋଚନା କରିଛନ୍ତି।

ଏହି ଅବସରରେ ଶ୍ରୀ ନାୟକ ଉପସ୍ଥିତ ମହାକାଳପଡା ଅଞ୍ଚଳର ଜନସାଧାରଣଙ୍କ ସହିତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଶେଷକରି ଦଶମୌଜିର ବିଭିନ୍ନ ଗ୍ରାମ ର ସମସ୍ୟା ଓ ଏହାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ସମଗ୍ର ଦେଶରେ ଏବେ ଯୁଦ୍ଧର ପରିସ୍ଥିତି ଲାଗି ରହିଛି। ପୋହଲଗାମରେ ଆତଙ୍କୀଙ୍କ ଆକ୍ରମଣରେ ୨୬ ଜଣ ହିନ୍ଦୁଙ୍କର ମୃତ୍ୟୁ ଘଟିଥିଲା। ଆତଙ୍କବାଦୀମାନେ ପାକିସ୍ଥାନରୁ ପ୍ରୋତ୍ସାହିତ ହୋଇଥିବା ପ୍ରମାଣ ସଂଗ୍ରହ କରି ଅପରେସନ ସିନ୍ଦୁର ମାଧମରେ ନରେନ୍ଦ୍ର ମୋଦି ସରକାର ବଦଲା ନେଉଛନ୍ତି। ଯାହା ଏବେ ପ୍ରତ୍ୟକ ଭାରତୀୟ ମାନଙ୍କ ପାଇଁ ଗର୍ବର ବିଷୟ। ଦେଶର ଏଭଳି ଘଡିସନ୍ଧି ମୂହୁର୍ତ୍ତରେ ଆମେମାନେ ଭୟଭୀତ ନହୋଇ ଭାରତୀୟ ସେନା ଓ ମୋଦି ସରକାରଙ୍କ ମନୋବଳ ବୃଦ୍ଧି କରାଇବା ପାଇଁ ବିଧାୟକ ପରାମର୍ଶ ଦେବା ସହିତ ଦେଶ ମାତୃଭୂମୀର ସେବା ପାଇଁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ବିଧାୟକ ଡ଼ ନାୟକଙ୍କ ସହିତ ପ୍ରଶାନ୍ତ ସେଠୀ, କୁମର କାନ୍ତ ମହାନ୍ତି, ବିକ୍ରମାଦିତ୍ୟ ସାହୁ, ଜିବନାନନ୍ଦ ସାହୁ, ପ୍ରଜ୍ଞା ପରମିତା କର, ମାନସ ରଞ୍ଜନ ମହାନ୍ତି, କିଶୋର ସ୍ୱାଇଁ, ସତୀଶ ରାଉତ, ଚିତ୍ତ ରଂଜନ ମହାନ୍ତି, ବିପିନ ବିହାରୀ ସ୍ୱାଇଁ, ସୌବଲ୍ୟା ବାହାଲିଆ, ଅଶୋକ ବେହେରା, ପ୍ରଶାନ୍ତ ସାହୁ, ଦିବନବନ୍ଧୁ ଲେଙ୍କା, ଭକ୍ତବତ୍ସଳ ଜେନା, କୈଳାସ ସାହୁ, ସଂଗ୍ରାମ ସାମନ୍ତରାୟ, ଅଲେଖ ଚରଣ ପ୍ରଧାନଙ୍କ ସହିତ ମହାକାଳପଡା ନିର୍ବାଚନ ମଣ୍ଡଳୀର ବିଜେପିର ବହୁ ନେତୃଶ୍ରେଣୀୟ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ ।




## ପୁଲିସ ପ୍ରଶାସନ ଓ ସାମ୍ବାଦିକ ସଂଘ ପକ୍ଷରୁ ଜଳଛତ୍ର

**ଡେରାବିଶ,୧୦।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକର ଛତା ଛକରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାହକୁ ଦୃଷ୍ଟିରେ ରଖି ଆଜି ଦ୍ୱିତୀୟ ଦିନରେ ରାଜ୍ୟ ସାମ୍ବାଦିକ ସଂଘ ଓ ଡେରାବିଶ ପୋଲିସ ପ୍ରଶାସନ ତରଫରୁ ଜଳ ଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ ଅଜୟ କୁମାର ରାଉତ ଯୋଗଦାନ କରି ସମସ୍ତଙ୍କୁ ଉତ୍ସାହିତ କରିବା ସହ ଶ୍ରୀ ରାଉତ ପଥଚାରି ଓ ବସ ରେ ଆସୁଥିବା ଯାତ୍ରୀମାନଙ୍କୁ ଜଳ ବଣ୍ଟନ କରୁଥିବା ଦେଖିବାକୁ ମିଳିଥିଲା। ଶ୍ରୀ ରାଉତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରହି ଆଜିର ଜଳଛତ୍ରରେ ପାଖାପାଖି ବାରସହରୁ ଉର୍ଦ୍ଧ ପଥ ଚାରି ଓ ବସ ଯାତ୍ରୀଙ୍କୁ ଜଳପାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ଦୈତାରୀ ଜେନା ସତ୍ୟଜିତ ଲେଙ୍କା, ପ୍ରଫୁଲ୍ଲ ମଲ୍ଲ, ସର୍ବେଶ୍ୱର ମଲ୍ଲିକ, ହରିଶଙ୍କର ସାହୁ, ଅମୀୟ ପରିଡା, ବିପିନ ବିହାରୀ ଭଦ୍ର, ସନ୍ତୋଷ ପୋଥାଳ, ନିହାରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଜଳ ବଣ୍ଟନ କରିଥିଲେ ।

## ନଦୀରେ ଭାସୁଥିବା ଅବସ୍ଥାରେ ଯୁବକର ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ



**ସାଲେପୁର,୧୦।୫ (ସଂଚାର ବ୍ୟୁରୋ):** ଆଜି ଜଣେ ଯୁବକର ମୃତ ଦେହ ସନ୍ଦେହଜନକ ଅବସ୍ଥାରେ ମହାନଦୀ ପାଣିରେ ଭାସୁଥିବାବେଳେ ମୃତ ଯୁବକର ମୋଟର ସାଇକେଲ ଓ ପ୍ୟାଣ୍ଟ ମୃତଦେହ ମିଳିବା ସ୍ଥାନରୁ ୧କି.ମି. ଦୂରରେ ରହିଥିଲା। ଅପର ପକ୍ଷରେ ଯୁବକ ଜଣକୁ କେହି ହତ୍ୟାକରି ନଦୀରେ ଫିଙ୍ଗିଦେଇଥିବାର ତାଙ୍କ ପରିବାର ଲୋକ କିଶୋରନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ସରପଡ଼ା ଗ୍ରାମର ଦେବେନ୍ଦ୍ର ସ୍ୱାଇଁ ସପରିବାର ଦୀର୍ଘବର୍ଷ ହେବ ସାଲେପୁର ଥାନା ମାଛୁଆଡି ଗ୍ରାମରେ ଘରଭଡ଼ା ନେଇ ରହିଆସୁଥିଲେ। କାଲି ସନ୍ଧ୍ୟାରୁ ତାଙ୍କର ବଡ଼ ପୁଅ ଅମ୍ଳାନ ଜ୍ୟୋତି ସ୍ୱାଇଁ(୨୩) ମୋଟର ସାଇକେଲ ଧରି ଆସୁଥିବାବେଳେ ବିଳମ୍ବିତ ରାତ୍ରି ସୁଦ୍ଧା ଘରକୁ ନଫେରିବାରୁ ପରିବାର ଲୋକ ତାଙ୍କୁ ବହୁ ଖୋଜାଖୋଜି କରିବା ସହ ମୋବାଇଲକୁ ଫୋନ୍ କରିଥିଲେ। ଆଜି ସକାଳୁ ସାଲେପୁର ବ୍ଲକ କିଶୋରନଗର ଥାନା ଗୁଆଳିନାସୀ ମହାନଦୀ କୂଳରେ ଭାସୁଥିବାର ଦେଖିବାକୁ ପାଇଥିଲେ। ମୃତ ଅମ୍ଳାନ ରହୁଥିବା ଭଡ଼ାଘର ଠାରୁ ପ୍ରାୟ ୫କିମିରୁ ଉର୍ଦ୍ଧ୍ୱ ସ୍ଥାନ ନଦୀ ପଠାକୁ କିପରି ଆସିଲେ ଓ ତାଙ୍କର ପ୍ୟାଣ୍ଟ୍, ସାର୍ଟ ଓ ମୋଟର ସାଇକେଲ୍ ଏକ ସ୍ଥାନରେ ଥିଲାବେଳେ ତାଙ୍କ ମୃତ ଦେହ ସେଠାରୁ ୧କି.ମି. ଦୂରରେ ନଦୀରେ ଭାସୁଥିଲା। ତାଙ୍କର ମୃତ୍ୟୁକୁ ନେଇ ପରିବାର ଲୋକ ସନ୍ଦେହ ପ୍ରକଟ କରିବା ସହ ତାଙ୍କୁ କିଏ ହତ୍ୟା କରି ନଦୀ ପାଣିରେ ଫିଙ୍ଗି ଦେଇଥିବାର କିଶୋରନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅପର ପକ୍ଷରେ ଆଜି ସକାଳୁ ଖବର ପାଇ ସାଲେପୁର ଓ କିଶୋରନଗର ପୁଲିସ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଶବଟିକୁ ଜବତ କରି କିଶୋରନଗର ଥାନାରେ କେସ୍ ନଂ-୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କିଶୋରନଗର ଥାନା ଆଇଆଇସି ଦାୟିତ୍ୱରେ ଥିବା ସାଲେପୁର ଆଇଆଇସି ଅନୀତା ସାହୁ ଏହା ପ୍ରକାଶ କରିଛନ୍ତି।

ଅପର ପକ୍ଷରେ ଅମ୍ଳାନର ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ତାହାର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## କେନ୍ଦ୍ରାପଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ



**କେନ୍ଦ୍ରାପଡ଼ା,୧୦।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଭାରପ୍ରାପ୍ତ ଜିଲ୍ଲା ଜଜ ପ୍ରଜ୍ଞା ପରମିତା ରାଉଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠତ ଏହି ଲୋକ ଅଦାଲତ ରେ ଏନଆଇ ଆକ୍ଟରେ ୨୩୮ଟି କେସ ଗ୍ରହଣ କରାଯାଇ ୩୫ଟି ଫଏସଲା କରାଯାଇ ଥିଲା । ଏଥିରେ ୨ଲକ୍ଷ ୪୬ହଜାର ୧୨ ଟଙ୍କା ଜରିମାନା ଆଦାୟ କରାଯାଇଛି। ଟଙ୍କା ଆଦାୟ ମାମଲା ୧୧୩ଟି ଗ୍ରହଣ କରାଯାଇ ୧୭ଟି ଫଏସଲା କରାଯାଇ ୪୭ ଲକ୍ଷ ୩୦୨ଟଙ୍କା ଆଦାୟ କରାଯାଇଛି । ମଟର ଯାନ ଦୁର୍ଘଟଣା ଜନିତ ମାମଲା ୧୨ଟି ଗ୍ରହଣ କରାଯାଇ ୫ଟି କେସର ସମାଧାନ କରାଯାଇ ୨୫ ଲକ୍ଷ ୧୦ ହଜାର ଟଙ୍କା ଜରିମନା ଆଦାୟ କରାଯାଇଛି । ଏଥି ସହିତ ବିବାହ ସମ୍ବନ୍ଧୀୟ ୪୫ଟି କେସ ଗ୍ରହଣ କରାଯାଇ ୧୦ଟି କେସ ସମାଧାନ କରାଯାଇ ଥିଲା । ଭୂ-ଅର୍ଜନ କେସ ୩୦ ଟି ଗ୍ରହଣ କରାଯାଇ ୭ଟି ସମାଧାନ କରାଯାଇ ୫ ଲକ୍ଷ ୭୬ ହଜାର ୭୨୪ ଟଙ୍କା ଜରିମାନା ଆଦାୟ କରାଯାଇଛି । ରାଜସ୍ୱ କେସ ଓ ଦେୱାନୀ କେସ ୬୮ଟି ଫଏସଲା କରାଯାଇଛି । ମୋଟ୍ ୩୬୨୨ ଟି କେସ ଗ୍ରହଣ କରାଯାଇ ୨୧୪୩ଟି କେସ ସମାଧାନ କରାଯାଇ ୮୧ ଲକ୍ଷ ୮୬ ହଜାର ୬୨୫ ଟଙ୍କା ଆଦାୟ କରାଯାଇଛି । ବିଦ୍ୟୁତ୍ ଟିପିସିଓଡିଏଲ ର ୭୭ଟି ମାମଲା ସମଧାନ କରାଯାଇ ୧ ଲକ୍ଷ ୪୨ ହଜାର ଟଙ୍କା ଆଦୟ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ପରିଚାଳନା କରିଥିବା ବେଳେ ସମସ୍ତ ବିଚାରପତି ଉପସ୍ଥିତ ଥିଲେ ।

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର

## ସୁରକ୍ଷା ବାଡ଼ ନିର୍ମାଣ ଦାବି



**ମହାକାଳପଡ଼ା,୧୦।୫ (ସଂଚାର ବ୍ୟୁରୋ):** ବିପଦଶଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ବୁଲା ଗାଈଗୋରୁଙ୍କ ପାଖରୁ ଆରମ୍ଭ କରି ମଣିଷମାନେ ଖୋଲା ଟ୍ରାନ୍ସଫର୍ମର ଦେଖି ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଟିକରପଙ୍ଗା ଗ୍ରାମ ର ୧୦ ନମ୍ବର ୱାର୍ଡରେ। ଏହି ଟ୍ରାନ୍ସଫର୍ମର ଉପରେ ପ୍ରାୟ ୨୦୦ ପରିବାର ନିର୍ଭରଶିଳ। ବିନା ସୁରକ୍ଷା ବାଡ଼ ମଧରେ ବହୁତ ତଳେ ଫେଜ ପଏଣ୍ଟ ଲଗାଯାଇଛି। ଖରା ଦିନ ହେତୁ ବହୁତ ଗାଈଗୋରୁ ବୁଲା ବୁଲି କରୁଛନ୍ତି କେତବେଳେ ବି କିଛି ଦୁର୍ଘଟଣା ଘଟିପାରେ। ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସମାଜସେବିକା ଚିତ୍ରଲେଖା ସ୍ୱାଇଁଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ,୧୦।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ବିଶିଷ୍ଟ ଡାକ୍ତର ଗୋଲକ ବିହାରୀ ସ୍ୱାଇଁଙ୍କ ପତ୍ନୀ ତଥା ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ଅନ୍ୟତମ ପ୍ରତିଷ୍ଠାତ୍ରୀ ସମାଜସେବିକା ଚିତ୍ରଲେଖା ସ୍ୱାଇଁଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ବର୍ଷ ବୟସ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ଡ଼ା ଗୋଲକ ବିହାରୀ ସ୍ୱାଇଁ, ଇଂ ଦେବବ୍ରତ ସ୍ୱାଇଁ, ସୁବ୍ରତ ସ୍ୱାଇଁ, ଗଗନ ବିହାରୀ ନାୟକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଅ ବୋହୁ ଝିଅ ଜ୍ୱାଇଁ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ସେ ଜଣେ ଧର୍ମପ୍ରାଣା ପରୋପକାରୀ ମହିଳା ଭାବେ ଲୋକପ୍ରିୟ ଥିଲେ । ସ୍ଥାନୀୟ ନରେନ୍ଦ୍ରପୁର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ପୁତ୍ର ଦେବବ୍ରତ ମୁଖାଗ୍ନି ଦେଇଥିଲେ ।

## କଲେଜରେ ସମୀକ୍ଷା ବୈଠକ କଲେ ବିଧାୟକ ଗଣେଶ୍ୱର



**କେନ୍ଦ୍ରାପଡା,୧୦।୫ (ସଂଚାର ବ୍ୟୁରୋ):** ରାଜ୍ୟର ସର୍ବ ପୁରାତନ ବେସରକାରୀ କଲେଜ ଭାବେ ମାନ୍ୟତା ପାଇଥିବା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ଅନେକ ସମସ୍ୟା ସମ୍ବନ୍ଧରେ ବିଧାୟକ ଗଣେଶ୍ୱର ବେହେରା ଅନୁଧ୍ୟାନ କରିବା ସହ କଲେଜ କତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି ।

ବିଧାୟକ ଶ୍ରୀ ବେହେରା ଆଜି ମଧାହ୍ନରେ କେନ୍ଦ୍ରାପଡା କଲେଜକୁ ଯାଇ ଅଧକ୍ଷ ଡ଼ଃ ସଂଜିବ କୁମାର ମହାନ୍ତି, ପ୍ରଫେସର ରଂଜିତ କୁମାର ଦାସ, ପ୍ରଫେସର ଅଶୋକ କୁମାର ମିଶ୍ର, ଅବସର ପ୍ରାପ୍ତ ଅଧାପକ ପ୍ରଭାକର ମଲିକ, ଡ଼ଃ ପ୍ରଦୀପ୍ତ କୁମାର ଦାସ ପ୍ରମୁଖଙ୍କ ସହ କଲେଜର ବିଭିନ୍ନ ବିଭାଗ ପରିଦର୍ଶନ କରି ଏହାର ସମସ୍ୟା ଓ ଅଭାବ ଅସୁବିଧା ସଂପର୍କରେ ଆଲୋଚନା କରିଛନ୍ତି। କଲେଜର ଭୂସମ୍ପତି ଦିନକୁ ଦିନ ଜବରଦଖଲରେ ଯାଉଥିବା ଓ ଗ୍ରୀଷ୍ମ ଛୁଟିରେ ଏହି ଜବରଦଖଲ ଜମି ଉପରେ ବେଆଇନ ନିର୍ମାଣ କରାଯାଉ ଥିବା ସଂପର୍କରେ ପଚାରି ବୁଝିଥିଲେ ।

ଏ ଗ୍ରେଡ ପାଇଥିବା ଏହି କଲେଜରେ ୧୦୯ ଜଣ ଅନୁମୋଦିତ ଅଧାପକ, ଅଧାପିକା ପଦବୀ ଥିବାବେଳେ ବର୍ତମାନ ୭୬ ଜଣ କାର୍ଯ୍ୟ କରୁଛନ୍ତି । ଅବଶିଷ୍ଟ ୩୩ ପଦବୀ ଖାଲି ରହିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ସେହିଭଳି ସୁରକ୍ଷା ପାଚେରୀ ନଥିବାରୁ ଓ ପର୍ଯ୍ୟାପ୍ତ ପରିମାଣର ରାତ୍ରୀ ଜଗୁଆଳି ନଥିବାରୁ ରାତିରେ ଅସାମାଜିକ ଯୁବକମାନେ କଲେଜ ପରିସରରେ ଆଡ୍ଡା ଜମାଇ ବିଭିନ୍ନ ଅପରାଧ ମୂଳକ କାର୍ଯ୍ୟରେ ଲିପ୍ତ ରହିବା ଓ ବିଭିନ୍ନ ସମୟରେ ଗଣ୍ଡଗୋଳ କରିବା ଘଟଣା ଜଣାପଡିଛି। ଏହା ସହ କଲେଜ ଲାଇବ୍ରେରୀରେ ୬୦ ହଜାର ପୁସ୍ତକ ଥିବାବେଳେ ୫୫ ହଜାର ପୁସ୍ତକ ଡିଜିଟାଲ କରାଯାଇ ଥିବାବେଳେ ଅବଶିଷ୍ଟ ୫ ହଜାର ପୁସ୍ତକ ଡିଜିଟାଲ କରାଯାଇ ପାରିନାହିଁ। ସେହିଭଳି ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇ ଥିବା କୋଠାବାଡି ଗେଟ୍ ଓ ଅନ୍ୟାନ୍ୟ ଭିତିଭୂମି ଗୁଡିକର କାମ ସରିଥିବା ବେଳେ ଏହା କଲେଜକୁ ହସ୍ତାନ୍ତର କରାଯାଇ ନଥିବା ଜଣା ପଡିଥିଲା । ଅନ୍ୟ କେତେକ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ନହୋଇ ଅଧା ପନ୍ତରିଆ ଭାବେ ପଡି ରହିଥିବା ଜଣାପଡିଥିଲା । କଲେଜରେ ଏକ ରିସର୍ଚ୍ଚ ଲ୍ୟାବ ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକା ମାନଙ୍କ ପାଇଁ ଖୋଲା ଯିବାକୁ ବିଧାୟକ ଶ୍ରୀ ବେହେରା ପ୍ରତିଶୃତି ଦେଇଛନ୍ତି। ଏହା ସହ ଖାଲି ପଡିଥିବା ପଦବୀ ପୁରଣ, ସୁରକ୍ଷା ପାଚେରୀ ନିର୍ମାଣ, ଜବର ଦଖଲ ଉଚ୍ଛେଦ ସହ ଭିତ୍ତି ଭୂମିର ବିକାଶ ପାଇଁ ବିଧାୟକ ଶ୍ରୀ ବେହେରା ସକ୍ରୀୟ ସହଯୋଗ କରିବେ ବୋଲି ଆଲୋଚନାରେ ନିଷ୍ପତି ନିଆଯାଇଛି ।

## ପଟ୍ଟାମୁଣ୍ଡାଇରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ପଟ୍ଟାମୁଣ୍ଡାଇ,୧୦।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ସିନିଅର ସିଭିଲ ଜଜ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ୮ଟି ବିବାଦମୁକ୍ତ ମାମଲା ସମାଧାନ କରାଯାଇ ୧ ଲକ୍ଷ ୯୮ ହଜାର ୫ଶହ ଟଙ୍କା ଜୋରିମାନା ଆଦାୟ ସହ ସହ ସହିତ ୮୭ ଟି ବିଚାରଧୀନ ମାମଲା ଫଇସଲା କରାଯାଇ ୭ ଲକ୍ଷ ୨୪ହଜାର ୫ ଶହ ୬୭ ଟଙ୍କା ଆଦାୟ କରାଯାଇଛି ଏଥି ସହିତ ମୋଟର ଦୁର୍ଘଟଣା ମାମଲାରେ ୨୫ଲକ୍ଷ ୧୦ ହଜାର ଟଙ୍କା ଆଦାୟ କରାଯାଇଛି । ଏହି ମାମଲା ଗୁଡିକ ମଧରୁ ଫୌଜଦାରୀ, ଚେକ ବାଉନ୍ସ, ଦେୱାନୀ, ଜମି ଅଧିକରଣ ଓ ଅନ୍ୟାନ୍ୟ ମାମଲା ରହିଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଅତିରିକ୍ତ ଜିଲ୍ଲାଜଜ ବିଦ୍ୟାଧର ପୃଷ୍ଟିଙ୍କ ସହିତ ଆଡ଼ଭୋକେଟ ବିଦ୍ୟାଧର ଦାଶ, ସିନିଅର ସିଭିଲ ଜଜ ସୁଶ୍ରୀ ସଂଗୀତା ମଲ୍ଲିକ, ଆଡ଼ଭୋକେଟ ଅଭିରାମ କୁଣ୍ଡ, ଜେଏମଏଫସି ବିଦୁତଲତା ପ୍ରଧାନଙ୍କ ସହିତ ଆଡ଼ଭୋକେଟ ଚିତ୍ତରଞ୍ଜନ ଦାଶ, ଜେଏମଏଫସିଡ଼ିକେ ବାଲକ୍ରୀଷନଙ୍କ ସହିତ ଆଡ଼ଭୋକେଟ ବିଶ୍ୱନାଥ ରାଉତ ପ୍ରମୁଖ ବେଞ୍ଚ ଆଡ଼ଭୋକେଟ ଓ ବରିଷ୍ଠ ଓକିଲ ଭବାନୀ ଶଙ୍କର ପଣ୍ଡା,ବିଜୟ କୁମାର ରାଉତ, ପ୍ରଫୁଲ୍ଲ କୁମାର ଦାଶ, ତାଲୁକ ଫ୍ରଣ୍ଟ ଅଫିସ ରିଟେନର-କମ ରିମାଣ୍ଡ ଆଡ଼ଭୋକେଟ ଧୀରେନ୍ଦ୍ରନାଥ ସାହୁ ଓ ଓକିଲ ସଂଘ ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ ଓ ବିଜ୍ଞାନ ମିହିର ଜେନା, ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ କୁମାର ନରେନ୍ଦ୍ର,ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ସହସମ୍ପାଦକ ମନୋଜ କୁମାର ନାୟକ, ରାଜେନ୍ଦ୍ର ମିଶ୍ର ଲିଗାଲ ଏଡ଼ ର ସମସ୍ତ କର୍ମକର୍ତା ଅପର୍ଣା ସାମଲ, ମୋହନ ଦାଶ, ପି ଏଲ ଭି ସଭ୍ୟ ସଭ୍ୟା ବବିତା ମଳିକ, ବିଭୁତି ଭୂଷଣ ବେହେରା ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ୪ଟି କୋର୍ଟର ସମସ୍ତ କର୍ମକର୍ତା ପ୍ରମୁଖ ସହଯୋଗ କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଉଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ରବିବାର ୧୧ ମେ ୨୦୨୫, ଭୁବନେଶ୍ୱର
Sunday 11 May 2025, Bhubaneswar

# ବେଲୁଚ ବିଦ୍ରୋହୀଙ୍କୁ ସୁଯୋଗ

ପାକିସ୍ତାନକୁ ଏବେ ଦୁଇପଟୁ ବିପଦ ସୃଷ୍ଟି ହୋଇଛି। ପାକିସ୍ତାନ ଉପରେ ଭାରତର ଆକ୍ରମଣ ଆରମ୍ଭ ହୋଇଯାଇଥିବା ବେଳେ ଏଥିରେ ଉତ୍ସାହିତ ହୋଇ ବେଲୁଚ ବିଦ୍ରୋହୀମାନେ ଯୁଦ୍ଧ ଘୋଷଣା କରିଛନ୍ତି। ସେମାନେ ବେଲୁଚିସ୍ତାନରେ ପାକିସ୍ତାନ ପତାକାକୁ ଅପସାରଣ କରି ନିଜ ପତାକା ଲଗାଇଛନ୍ତି। କ୍ୱେଟା ସହର ସମ୍ପୂର୍ଣ୍ଣ ଭାବେ ବିଦ୍ରୋହୀଙ୍କ କବଜାରେ ରହିଛି। ୧୯୭୧ରେ ଯେପରି ବାଂଲାଦେଶ ଜନ୍ମ ନେଇଥିଲା ଏବେ ଠିକ ସେହିପରି ସ୍ୱତନ୍ତ୍ର ବେଲୁଚିସ୍ତାନ ରାଷ୍ଟ୍ର ଗଠନର ସୁଯୋଗ ସୃଷ୍ଟି ହୋଇଛି। ଏହା ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି କହିଲେ ଭୁଲ ହେବ ନି। ଏବେ ପାକିସ୍ତାନରେ ଏକରକମ ଗୃହଯୁଦ୍ଧ ଆରମ୍ଭ ହୋଇଛି। ଏହାକୁ ଭାରତ ଅସ୍ତ୍ର ଭାବେ ବ୍ୟବହାର କରିବା ଉଚିତ। ଲୁହାକୁ ଲୁହା କାଟେ। ବେଲୁଚ ବିଦ୍ରୋହୀଙ୍କ ସହ ଭାରତ ଏବେ ହାତ ମିଳାଇବା ଉଚିତ। ଭାରତ ଆଫଗାନିସ୍ତାନ ସୀମାକୁ ଲାଗିଥିବା ପାକିସ୍ତାନର ବେଲୁଚିସ୍ତାନରେ ଏବେ ବିଦ୍ରୋହ ନିଆଁ ଜଳୁଛି। ପାକିସ୍ତାନରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଁ ବେଲୁଚିସ୍ତାନବାସୀ ଦାବି କରି ଆସୁଛନ୍ତି। ପାକିସ୍ତାନ ବଳ ପ୍ରୟୋଗ କରି ଏହାକୁ ବହୁ ବର୍ଷ ହେବ ଚାପି ରଖିଛନ୍ତି। ଏବେ ଏହା ବିସ୍ଫୋରକ ରୂପ ନେଇଛି। ବେଲୁଚିସ୍ତାନକୁ କ୍ରମାଗତ ଅବହେଳା ଏହାର ମୁଖ୍ୟ କାରଣ। ବେଲୁଚିସ୍ତାନର ବିଦ୍ରୋହୀମାନେ ଏବେ ପାକ ସେନା ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଛନ୍ତି। କିଛି ଦିନ ତଳେ ବିଦ୍ରୋହୀମାନେ ଏକ ଟ୍ରେନ ଅପହରଣ କରି ନେଇଥିଲେ। ଏଥିରେ ଅନେକ ମୃତାହତ ହୋଇଥିଲେ। ଏବେ ପାକ ସେନା ପକ୍ଷରୁ ଖାଇବାରପାଖତୁନଖ୍ୱାରେ ତାଲିବାନଙ୍କ ଆଡ୍ଡା ଉପରେ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରାଯାଇଛି। ଏଥିରେ ୧୧ ଜଣ ନିହତ ହୋଇଛନ୍ତି। ଏହି ଅଞ୍ଚଳ ଏବେ ଏକ ପ୍ରକାର ଆତଙ୍କୀ ଅଞ୍ଚଳ ଭାବେ ପରିଚିତ ହେଉଛି। ପଡ଼ୋଶୀ ଆଫଗାନିସ୍ତାନର ତାଲିବାନ ସରକାର ବିଦ୍ରୋହୀଙ୍କୁ ସମର୍ଥନ ଏବଂ ସହାୟତା ପ୍ରଦାନ କରୁଛନ୍ତି। ପାକିସ୍ତାନ ଅନ୍ୟ ବିରୋଧରେ ଯେଉଁ ଅସ୍ତ୍ରର ପ୍ରୟୋଗ କରୁଥିଲା, ଏବେ ସେହି ଅସ୍ତ୍ର ବୁମେରାଂ ହୋଇ ପାକିସ୍ତାନକୁ ଫେରିଛି। ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଛି। ଏପରିକି ଉଭୟ ଦେଶର ସୀମାରେ ଦୁଇ ଦେଶର ସେନା ମୁହାଁମୁହିଁ ହୋଇଛନ୍ତି ଏବଂ ଉଭୟ ପକ୍ଷର କିଛି ମୃତାହତ ହୋଇଛନ୍ତି। ନିକଟରେ ପାକିସ୍ତାନ ବାୟୁସେନା ପକ୍ଷରୁ ଆଫଗାନିସ୍ତାନରେ ଏୟାର ଷ୍ଟ୍ରାଇକ କରାଯାଇଥିଲା। ଏଥିରେ ୪୬ ଜଣ ମୃତାହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ମହିଳା ଓ ଶିଶୁ। ଏହାର ଜବାବ ଦେବାକୁ ଯାଇ ତାଲିବାନୀ ସେନା ପାକିସ୍ତାନ ସୀମାରେ ହମଲା କରିଛନ୍ତି। ସାମରିକ ଦୃଷ୍ଟିରୁ ଆଫଗାନିସ୍ତାନ ତୁଳନାରେ ପାକିସ୍ତାନ ଅଧିକ ଶକ୍ତିଶାଳି। ସମ୍ମୁଖ ଯୁଦ୍ଧରେ ଆଫଗାନିସ୍ତାନ ଜିତିବା ଅସମ୍ଭବ। ପାକିସ୍ତାନ ନିକଟରେ ଶକ୍ତିଶାଳି ଲଢୁଆ ବିମାନ, ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଛି। ଭାରତ ବିରୋଧରେ ପାକିସ୍ତାନ ଏହାକୁ ପ୍ରସ୍ତୁତ କରି ରଖିଛି। ପୂର୍ବରୁ ପାକିସ୍ତାନ ଅଧିକାଂଶ ଅସ୍ତ୍ରଶସ୍ତ୍ର ଆମେରିକାରୁ ସଂଗ୍ରହ କରୁଥିଲା। କିଛି ବର୍ଷ ତଳେ ରୁଷ ମଧ୍ୟ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରିଥିଲା। ଏବେ ଚୀନ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରୁଛି। କାରଣ ଚୀନ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାରତ ବିରୋଧରେ ପାକିସ୍ତାନକୁ ଶକ୍ତିଶାଳି କରିବାକୁ ଚାହୁଁଛି। ଚୀନ ସିଧାସଳଖ ଭାରତକୁ ଆକ୍ରମଣ ନକରି ପାକିସ୍ତାନ ମାଧ୍ୟମରେ ଭାରତକୁ ଦୁର୍ବଳ କରିବାକୁ ଚାହୁଁଛି। ଏଥିଲାଗି ପାକିସ୍ତାନକୁ ଚୀନ ଅଯାଚିତ ସାହାଯ୍ୟ କରୁଛି। ଏବେ ପାକିସ୍ତାନ ଏହାକୁ ଆଫଗାନିସ୍ତାନ



ବିରୋଧରେ ପ୍ରୟୋଗ କରୁଛି। ଆଫଗାନିସ୍ତାନ ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ନକରି ଛାୟା ଯୁଦ୍ଧ କରୁଛି। ପାକିସ୍ତାନର ପାଖତୁନଖ୍ୱା ପ୍ରଦେଶରେ ତାଲିବାନୀମାନେ ନରସଂହାର ଚଳାଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିଲା। ଆଫଗାନିସ୍ତାନରେ ତାଲିବାନକୁ କ୍ଷମତା ଅକ୍ତିଆର କରିବାରେ ପାକିସ୍ତାନ ହିଁ ସହାୟତା କରିଥିଲା। ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଖୋଲାଖୋଲି ଭାବେ ତାଲିବାନଙ୍କୁ ସହାୟତା ଏବଂ ସମର୍ଥନ କରିଥିଲେ। ଏପରିକି ପାକ ସେନା ଆଫଗାନିସ୍ତାନ ଯାଇ ସେଠାରେ ତାଲିବାନୀଙ୍କ ସହାୟତା ଏବଂ ସହଯୋଗ କରିଥିଲେ। ପୂର୍ବରୁ ପାକିସ୍ତାନରେ ଅଲକାଏଦା ମୁଖ୍ୟ ଓସାମା ବିନ ଲାଡେନ ଲୁଚି ରହିଥିଲା। ଆମେରିକା ସେନା ତାକୁ ଖୋଜିଖୋଜି ହତ୍ୟା କଲା। ପାକିସ୍ତାନର ଆତଙ୍କବାଦ ପ୍ରୀତି ବିଶ୍ୱରେ ସମସ୍ତେ ଜାଣନ୍ତି। ଏବେ ଏହା ପାକିସ୍ତାନ ବିରୋଧରେ ଭସ୍ମାସୁର ପାଲଟିଛି। ଆଫଗାନିସ୍ତାନରେ କାରଜାଇଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ସରକାର ଚାଲିଥିବା ବେଳେ ଭାରତ ସହ ଏହାର ସମ୍ପର୍କ ମଧୁର ଥିଲା। ଆଫଗାନିସ୍ତାନର ବିକାଶ ନିମନ୍ତେ ଭାରତ ସହାୟତା ପ୍ରଦାନ କରୁଥିଲା। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ଭାରତ ମଧ୍ୟ ଆଫଗାନିସ୍ତାନକୁ ସମସ୍ତ ପ୍ରକାର ସହାୟତା ବନ୍ଦ କରି ଦେଇଥିଲା। ଏବେ ପୁନର୍ବାର ଆଫଗାନିସ୍ତାନ ଧିରେ ଧିର ଭାରତ ଆଡ଼କୁ ଢଳିବା ଆରମ୍ଭ କରିଛି। ମୁମ୍ବାଇରେ ଆଫଗାନିସ୍ତାନର ଜଣେ ପ୍ରତିନିଧି ଅବସ୍ଥାପିତ ହୋଇଛନ୍ତି। ଆଫଗାନିସ୍ତାନ ପାଇଁ ଭାରତର ମହତ୍ୱକୁ ତାଲିବାନ ଭଲଭାବେ ବୁଝିଛି। ଭାରତ ସହ ଆଫଗାନିସ୍ତାନର କୋ୍ଣସି ବିବାଦ ନାହିଁ ବରଂ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନକୁ ଭାରତ ସହାୟତା କରିବାକୁ ପ୍ରସ୍ତୁତ। ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ବିବାଦକୁ ନେଇ ଉତ୍ତେଜନା ଏବଂ ଲଢ଼େଇ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। କାବୁଲ ସହ ଉତ୍ତମ ସମ୍ପର୍କ ସ୍ଥାପନ କରି ଭାରତ ଏକ ନୂତନ ବନ୍ଧୁ ସୃଷ୍ଟି କରିବା ଉଚିତ। ଭାରତର ଅନ୍ୟତମ ପଡ଼ୋଶୀ ବାଂଲାଦେଶରେ ସରକାର ପରିବର୍ତ୍ତନ ପରେ ନୂଆ ସରକାର ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ପରିସ୍ଥିତିରେ ପାକିସ୍ତାନ ସହ କୂଟନୈତିକ ଏବଂ ସାମରିକ ସ୍ତରରେ ଲଢ଼ିବା ପାଇଁ ଆଫଗାନିସ୍ତାନ ସହ ବନ୍ଧୁତାର ନିହାତି ଆବଶ୍ୟକତା ରହିଛି। ସୁଯୋଗକୁ ହାତ ଛଡ଼ା କରିବା ଅନୁଚିତ। ଏହି ସୁଯୋଗରେ କାଶ୍ମୀର ପ୍ରସଙ୍ଗରେ ଭାରତ ଜଣେ ସମର୍ଥକ ପାଇପାରିବ ଏବଂ ପାକିସ୍ତାନକୁ ଦୁର୍ବଳ କରିପାରିବ। ପାକିସ୍ତାନ ଭାରତ ପରିବର୍ତ୍ତେ ଆଫଗାନିସ୍ତାନର ମୁକାବିଲା ଉପରେ ଅଧିକ ମନୋନିବେଶ କରିବାକୁ ବାଧ ହେବ। କାଶ୍ମୀରରେ ପାକିସ୍ତାନ ଯେଉଁ ଅସ୍ତ୍ର ପ୍ରୟୋଗ କରିଛି, ଏବେ ସେହି ଅସ୍ତ୍ର ପାକିସ୍ତାନ ବିରୋଧରେ ପ୍ରୟୋଗ କରିବାର ସମୟ ଆସିଛି। ବେଲୁଚିସ୍ତାନରେ ପାକିସ୍ତାନ ବିରୋଧୀ ଅଭିଯାନ ଯୋର ଧରିବା ଫଳରେ ପାକିସ୍ତାନରେ ରାଜନୈତିକ ଅସ୍ଥିରତା ମଧ୍ୟ ସୃଷ୍ଟି ହେବ। ଏଭଳି ସ୍ଥିତିରେ ପାକିସ୍ତାନରେ ପୁନର୍ବାର ସାମରିକ ଶାସନ ପ୍ରତି୍ଠୋ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏଥିପ୍ରତି ମଧ୍ୟ ଭାରତକୁ ସତର୍କ ରହିବାକୁ ପଡ଼ିବ। କାରଣ ପାକିସ୍ତାନରେ ଯେତେବେଳେ ସାମରିକ ଶାସନ ପ୍ରତିଷ୍ଠା ହୋଇଛି, ସେତେବେଳେ ଭାରତ ପ୍ରତି ବିପଦ ବଢ଼ିଛି। ଭାରତରେ ଆତଙ୍କବାଦ ବଢ଼ିଛି। ଅଶୀ ଦଶକରେ ଜିଆ ଉଲ ଡକଙ୍କ ଶାସନ କାଳରେ କାଶ୍ମୀରରେ ଆତଙ୍କବାଦ ଏବଂ ପଞ୍ଜାବରେ ଖଲିସ୍ତାନୀଙ୍କ ଉତ୍ପାତ ବଢ଼ିଥିଲା। ତେଣୁ ଭାରତ ପଡ଼ୋଶୀ ଦେଶର ରାଜନୈତିକ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିବା ଉଚିତ। ଏବେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ବନ୍ଧୁତା ଅସ୍ୱାଭାବିକ ଭାବେ ବଢ଼ିଚାଲିଛି। ବାଂଲାଦେଶରେ ଶେଖ ହାସିନାଙ୍କ ବିଦାୟ ଏବଂ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ପ୍ରତିଷ୍ଠା ହେବା ପରଠାରୁ ସେଠାରେ ମୋ୍ଳବାଦୀଙ୍କ ପ୍ରଭାବ ବଢ଼ିବାରେ ଲାଗିଛି। ପାକିସ୍ତାନ ଏହା ସୁଯୋଗ ନେବାକୁ ଉଦ୍ୟମ କରୁଛି। ପାକିସ୍ତାନ, ଚୀନ ଓ ବାଂଲାଦେଶ ଭାରତ ବିରୋଧରେ ମିଳିତ ହେଲେ ଭାରତର ଏକତା ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇପାରେ। ଏହାକୁ ପ୍ରତିହତ କରିବାକୁ ହେବ।

# ଅଧର୍ମ ବିନାଶକାରୀ ଭଗବାନ ନୃସିଂହ



ଉତ୍କଳାନନ୍ଦ ଅଜୟ କୁମାର ବେହେରା



ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା। ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ। ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି। ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି। ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି। ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି "ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'।

ଅଧର୍ମର ବିନାଶ ଲାଗି ଶ୍ରୀହରି ନେଇଥିବା ବିଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରରେ ସେ ଦୈତ୍ୟରାଜ ହିରଣ୍ୟକଶିପୁର ବିନାଶ କରିଥିଲେ। ଧାର୍ମିକ ଗ୍ରନ୍ଥରେ ଥିବା ବର୍ଣ୍ଣନା ଅନୁଯାୟୀ, ଦୈତ୍ୟରାଜ ହିରଣ୍ୟକଶିପୁ ନିଜକୁ ଭଗବାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ବୋଲି ଭାବୁଥିଲା। ସେ ବ୍ରହ୍ମାଙ୍କ ଠାରୁ ବରଦାନ ପାଇଥିଲା। ତାକୁ ମନୁଷ୍ୟ, ଦେବତା, ପକ୍ଷୀ, ପଶୁ ମାରିପାରିବେ ନାହିଁ। ଦିନରେ, ରାତିରେ, ଭୂମିରେ, ଆକାଶରେ, ଅସ୍ତ୍ରରେ କିମ୍ବା ଶସ୍ତ୍ରରେ ସେ ମରିବ ନାହିଁ ବୋଲି ବର ପାଇଥିଲା। ଏହି ବର ପାଇଁ ସେ ଅହଂକାରୀ ହୋଇ ଉଠିଥିଲା। ତା'ର ରାଜ୍ୟରେ ଭଗବାନ ବିଷ୍ଣୁଙ୍କୁ ପୂଜା କରୁଥିବା ଲୋକଙ୍କୁ ସେ ଦଣ୍ଡ ଦେଉଥିଲା। ହିରଣ୍ୟକଶିପୁର ପୁତ୍ର ଥିଲେ ପ୍ରହ୍ଲାଦ। ପ୍ରହ୍ଲାଦ ପିଲାଦିନୁ ଭଗବାନ ବିଷ୍ଣୁଙ୍କର ପରମଭକ୍ତ ଥିଲେ। ଏହି କଥା ଜାଣିବା ପରେ ହିରଣ୍ୟକଶିପୁ କ୍ରୋଧିତ ହୋଇପଡ଼ିଥିଲା। ସେ ପ୍ରହ୍ଲାଦଙ୍କୁ ବୁଝାଇଲା। କହିଲା, ବିଷ୍ଣୁଙ୍କୁ ଛାଡ଼ି ମୋତେ ପୂଜା କର। ମାତ୍ର ପ୍ରହ୍ଲାଦ ଏଥିପାଇଁ ରାଜି ହେଲେ ନାହିଁ। ହିରଣ୍ୟକଶିପୁ ନିଜ ପୁତ୍ରକୁ ମୃତ୍ୟୁଦଣ୍ଡ ଦେଲା। କିନ୍ତୁ ଭଗବାନଙ୍କ ଚମତ୍କାର ଯୋଗୁ ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ। ଭଉଣୀ ହୋଲିକା କୋଳରେ ବସାଇ ପ୍ରହ୍ଲାଦଙ୍କୁ ମାରିବାକୁ ଚାହିଁଲା ହିରଣ୍ୟକଶିପୁ। ମାତ୍ର ନିଆଁରେ ହୋଲିକା ପୋଡ଼ିମଲା। ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ।

ଶ୍ରୀବିଷ୍ଣୁଙ୍କର ଦଶ ଅବତାର ମଧ୍ୟରେ ଭଗବାନ ନୃସିଂହ ଚତୁର୍ଥ ଅବତାର ଅଟନ୍ତି। ସିଂହ ଭଳି ମସ୍ତକ ଏବଂ ମନୁଷ୍ୟ ଶରୀର ଧାରଣ କରି ପ୍ରଭୁ ନୃସିଂହ ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ଆବିର୍ଭୂତ ହୋଇଥିଲେ। ଭକ୍ତ ପ୍ରହ୍ଲାଦଙ୍କୁ ନିର୍ଯାତନା ମୁକ୍ତ କରିବା ପାଇଁ ପ୍ରଭୁ ନୃସିଂହ ରୂପରେ ସ୍ତମ୍ଭରୁ ବାହାରି ରାକ୍ଷସରାଜ ହିରଣ୍ୟକଶିପୁର ବଧ କରିଥିବା ପୁରାଣରେ ବର୍ଣ୍ଣନା ରହିଛି। ନୃସିଂହ ପୁରାଣରେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନୃସିଂହ ବ୍ରତ ଏବଂ ପୂଜାର ଫଳ କଥା ବର୍ଣ୍ଣନା କରାଯାଇଛି। ଏଥିରେ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତି ବିଷୟରେ ପ୍ରଭୁ ନୃସିଂହ କହିଛନ୍ତି ପୂର୍ବ ଜନ୍ମରେ ଅବନ୍ତୁ ନଗରୀରେ ବାସ କରୁଥିବା ସୁଜ୍ଞାନୀ ବ୍ରାହ୍ମଣ ବସୁ ଶର୍ମାଙ୍କ ପୁତ୍ର ଥିଲେ ପ୍ରହ୍ଲାଦ। ବିଦ୍ୟା ଅଧ୍ୟୟନ ଛାଡ଼ି ସେ ସୁରାପାନ ଏବଂ ଗଣିକାଳୟ ଗମନ ଆଦି କୁକର୍ମରେ ଲିପ୍ତ ରହିଥିଲେ। ଏକଦା ଗଣିକାଙ୍କ ସହ କଳହ କରି ସେ ସେହି ଦିନ ଉପବାସ ଏବଂ ରାତି ଉଜାଗର ରହିଲେ। ଉକ୍ତ ଗଣିକା ମଧ୍ୟ ତାଙ୍କ ସହ ଉଜାଗର ରହିଲା। ଭାଗ୍ୟକୁ ସେଦିନ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ।

ନୃସିଂହ ଜୟନ୍ତୀ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ ଆଦି କର୍ମରୁ ନିବୃତ୍ତ ହୋଇ ସ୍ୱଚ୍ଛ ବସ୍ତ୍ର ଧାରଣ କରିବା ଉଚିତ। ଭଗବାନ ନୃସିଂହଙ୍କୁ ବିଧିବିଧାନ ଅନୁଯାୟୀ ପୂଜା କରିବା ଆବଶ୍ୟକ। ଭଗବାନ ନୃସିଂହଙ୍କ ସହିତ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି ସ୍ଥାପନ କରନ୍ତୁ। ଏହା ପରେ ମନ୍ତ୍ର ଉଚ୍ଚାରଣ କରି ଭଗବାନ ନୃସିଂହଙ୍କ ଷୋଡ଼ଶୋପଚାର ପୂଜା କରନ୍ତୁ। ଭଗବାନ ନୃସିଂହଙ୍କ ପୂଜା ନିମନ୍ତେ ଫଳ, ଫୁଲ, କୁଙ୍କୁମ, କେସର, ଶ୍ରୀଫଳ, ଅକ୍ଷତ, ପୀତାମ୍ବର ରଖିବା ଉଚିତ। ଗଙ୍ଗାଜଳ, କଳା ରାଶି, ପଞ୍ଚଗବ୍ୟ ଏବଂ ହୋମ ଆଦି ସାମଗ୍ରୀ ମଧ୍ୟ ପୂଜାରେ ଉପଯୋଗ କରାଯାଇପାରିବ। ଭଗବାନ ନୃସିଂହଙ୍କୁ ପ୍ରସନ୍ନ କରିବା ଲାଗି ନୃସିଂହ ଗାୟତ୍ରୀ ମନ୍ତ୍ର "ଓଁ ଉଗ୍ରନୃସିଂହାୟ ବିଦ୍ମହେ ବଜ୍ରନଖାୟ ଧୀମହି! ତନ୍ନୋ ନରସିଂହ ପ୍ରଚୋଦୟାତ୍।' କିମ୍ବା "ଓଁ ବଜ୍ରନଖାୟ ବିଦ୍ମହେ ତୀକ୍ଷ୍ଣଦଂଷ୍ଟ୍ରାୟ ଧୀମହି, ତନ୍ନୋ ନରସିଂହ ପ୍ରଚୋଦୟାତ୍' ଜପ କରିବା ଉଚିତ। ପୂଜା ଶେଷ ହେବା ପରେ ମଧ୍ୟ କୁଶ ନିର୍ମିତ ଆସନରେ ବସି ରୁଦ୍ରାକ୍ଷ ମାଳା ଦ୍ୱାରା ନୃସିଂହ ଭଗବାନଙ୍କ ମନ୍ତ୍ର ଜପ କରାଯାଇପାରିବ। ଏହି ଦିନ ନିଜ ସାମର୍ଥ୍ୟ ଅନୁଯାୟୀ, ରାଶି, ସୁବର୍ଣ୍ଣ କିମ୍ବା ବସ୍ତ୍ରାଦି ଦାନ କରିବା ଉଚିତ। ଏହି ବ୍ରତ କରୁଥିବା ବ୍ୟକ୍ତି ସମଗ୍ର ଲୌକିକ ଦୁଃଖରୁ ମୁକ୍ତି ପାଇଥାଏ। ନୃସିଂହଙ୍କ ମନ୍ତ୍ର "ଓଁ ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍। ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୁ ମୃତ୍ୟୁଂ ନମାମ୍ୟହମ୍।' "ଓଁ ନୃମ ନୃମ ନୃମ ନରସିଂହାୟ ନମଃ।' ମନ୍ତ୍ର ଦ୍ୱାରା ମଧ୍ୟ ନୃସିଂହ ଭଗବାନଙ୍କୁ ଉପାସନା କରାଯାଇପାରିବ।

ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଲୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡୁପୁତ୍ର ଅର୍ଜ୍ଜୁନଙ୍କୁ କହୁଛନ୍ତି "ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମଃ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁ ମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼। ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି। ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ। ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ। ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ। ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି। ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି। ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି। ଦୁଷ୍ଟମାନଙ୍କର ସଂହାର କରିଥାନ୍ତି। ଅଜ୍ଞାତରେ ହେଲେ ବି ସେ ଦୁହେଁ ଉପବାସ ରହିଛି ସେ ଦିନ ବ୍ରତ ପାଳନ କରିଥିବାରୁ ସମସ୍ତ ପାପରୁ ମୁକ୍ତ ହେଲେ। ପୁଣ୍ୟ ଅର୍ଜନ କରିଥିବାରୁ ଉକ୍ତ ଗଣିକା ବ୍ରତ ଫଳରୁ ଅପ୍‌ସରା ହୋଇ ସ୍ୱର୍ଗକୁ ଫେରିଗଲା। ଭକ୍ତ ପ୍ରହ୍ଲାଦ ହିରଣ୍ୟକଶିପୁର ପୁତ୍ର ରୂପେ ଜନ୍ମ ନେଇ ଶ୍ରୀବିଷ୍ଣୁଙ୍କ ପରମ ଭକ୍ତ ହେଲେ। ନୃସିଂହ ବ୍ରତ କଲେ ଭକ୍ତ ଦୀର୍ଘାୟୁ, ଧନ, ଐଶ୍ୱର୍ଯ୍ୟ ଲାଭ କରିଥାଏ। ମହିଳାମାନେ ସ୍ୱାମୀ-ସନ୍ତାନ ସୁଖ ପ୍ରାପ୍ତ କରିଥାନ୍ତି। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ନୃସିଂହ ଜନ୍ମୋତ୍ସବ ପାଳନ କରାଯାଇଥାଏ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,**
**ମୋବାଇଲ୍: ୯୪୩୭୦୩୧୨୫୩**

# ନ୍ୟାୟପାଳିକାରେ ସ୍ୱଚ୍ଛତା

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



ସୁପ୍ରିମକୋର୍ଟର ୩୩ଜଣ ବିଚାରପତିଙ୍କ ମଧ୍ୟରୁ ୨୧ଜଣ ବିଚାରପତିଙ୍କ ସମ୍ପତି ତାଲିକା ଘୋଷଣା ଏବଂ ଗତ ଚାରିବର୍ଷ ମଧ୍ୟରେ ହାଇକୋର୍ଟ ଗୁଡିକରେ ବିଚାରପତିମାନଙ୍କ ନିଯୁକ୍ତି ପ୍ରକ୍ରିୟା ପ୍ରକାଶ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟାଙ୍କ ନିଷ୍ପତି ନିଶ୍ଚିତ ଭାବେ ଅଦ୍‌ଭୂତପୂର୍ବ ଏବଂ ବିଚାର ବିଭାଗରେ ସ୍ୱଚ୍ଛତା ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏଭଳି ଅଦ୍‌ଭୂତପୂର୍ବ ନିଷ୍ପତି ଆସିଛି ଏପରି ଏକ ସମୟରେ, ଯେଉଁ ସମୟରେ ବିଚାର ବିଭାଗର ଅନିନ୍ଦନୀୟ ମର୍ଯ୍ୟଦା ଅଭିଯୋଗର କଳାବାଦଲ ଦ୍ୱାରା ଢାଙ୍କି ହୋଇଯାଇଛି। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଶବନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କାର ନୋଟ ବିଡା ଜବତ ହେବା ପରେ ବିଚାର ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ବିଚାରପତି ବର୍ମାଙ୍କ ବାସଭବନରୁ ବିଡା ବିଡା ନୋଟ ଜବତ ପରେ ବିଚାର ବିଭାଗର ଶଠତା ଓ ଅସ୍ୱଚ୍ଛତା ନେଇ ଉପ-ରାଷ୍ଟ୍ରପତି ଜଗଦୀପ ଧନକର ସର୍ବସାଧାରଣରେ କଟୁ ସମାଲୋଚନା କରିଥିଲେ। କେବଳ ଉପ-ରାଷ୍ଟ୍ରପତି ନୁହଁନ୍ତି, ବିଜେପିର ଦୁଇଜଣ ସାଂସଦ ମଧ୍ୟ ବିଚାରପତିମାନଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନ ଉଠାଇଥିଲେ। ସୁପ୍ରିମକୋର୍ଟ ଏବେ ଦେଶରେ ସ୍ୱେଚ୍ଛାଚାରୀତା ମୁହାଁ ହୋଇଛି ଏବଂ ପ୍ରଧାନ ବିଚାରପତି ଗୃହ ଯୁଦ୍ଧ ପାଇଁ ଅଗ୍ରସର ହେଉଥିବା ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ। ତେବେ ସୁପ୍ରିମକୋର୍ଟ ଦୁବେଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା ଦାୟର କରିବାକୁ ମଧ୍ୟ ମନା କରିଦେଇଥିଲେ। ଏହା ନିସନ୍ଦେହ ଯେ, ଭାରତୀୟ ଗଣତନ୍ତ୍ରରେ ନ୍ୟାୟପାଳିକା ବା ସୁପ୍ରିମକୋର୍ଟ ହେଉଛନ୍ତି, ସମ୍ବିଧାନର ତୃତୀୟ ସ୍ତମ୍ଭ ଏବଂ ଦେଶର ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଓ ସ୍ୱଚ୍ଛତାର ପ୍ରତୀକ।



ଯେତେବେଳେ ସରକାର ବା ଶାସକ ସ୍ୱେଚ୍ଛାଚାରୀ ଆଭିମୁଖ୍ୟ ଗ୍ରହଣ କରେ ବା ସମ୍ବିଧାନ ବିରୋଧି ଆଇନ ପ୍ରଣୟନ କରେ, ସେତେବେଳେ ନ୍ୟାୟପାଳିକା ସମ୍ବିଧାନର ସୁରକ୍ଷା ନେଇ କାର୍ଯ୍ୟ କରିଥାନ୍ତି। ମାତ୍ର ବିଚାରପତିଙ୍କ ଘରୁ ପୁଳା ପୁଳା ନୋଟ ବିଡା ଜବତ ହେବା ଘଟଣା ନ୍ୟାୟପାଳିକାର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱଭାବିକ। ଏହା ନିଶ୍ଚିତ ଯେ, ନ୍ୟାୟପଳିକା ନିଜର ମର୍ଯ୍ୟଦା, ସ୍ୱଚ୍ଛତା ବଜାୟ ରଖିବା ଲାଗି ବିଚାରପତିଙ୍କ ବିରୁଦ୍ଧରେ ତଦନ୍ତ ନିର୍ଦ୍ଦେଶ ଦେବା ସହ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ସମ୍ପତି ତାଲିକା ସାର୍ବଜନୀନ କରିଛନ୍ତି। ସେହି ଗତ ୪ବର୍ଷ ମଧ୍ୟରେ ଦେଶର ବିଭିନ୍ନ ହାଇକୋର୍ଟଗୁଡିକରେ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟା ତଥା କଲେଜିୟମ ଦ୍ୱାରା ବିଚାରପତିଙ୍କ ନାମ ସୁପାରିଶ, ସିଟିଂ ତଥା ପୂର୍ବତନ ବିଚାରପତିଙ୍କ ସହ ସେମାନଙ୍କର ସମ୍ପର୍କ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ଗ୍ରହଣ କରିଥିବା ତଥ୍ୟ ଆଦି ସମ୍ପର୍କରେ ସାର୍ବଜନୀନ କରିବା ପାଇଁ ସର୍ବୋଚ୍ଚ ଅଦାଲତ ନିଷ୍ପତି ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ବିଚାରପତି ବର୍ମାଙ୍କ ବିରୁଦ୍ଧରେ ବିଚାରପତିଙ୍କୁ ନେଇ ଗଠିତ ୩ଜଣିଆ ତଦନ୍ତ କମିଟିର ରିପୋର୍ଟକୁ ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଜଣାଯାଏ। ସେହିପରି ଏକ ରିପୋର୍ଟ ଅନୁସାରେ ଜଷ୍ଟିସ ବର୍ମାଙ୍କୁ ଇସ୍ତଫା ଦେବା ଲାଗି ବିକଳ୍ପ ପ୍ରସ୍ତାବ ଦିଆଯାଇଥିବା କୁହାଯାଏ। କିନ୍ତୁ ବିଚାରପତି ବର୍ମା ଇସ୍ତଫା ଦେବେ ନାହିଁ ବୋଲି କହିଥିବା ରିପୋର୍ଟ ପ୍ରକାଶ ପାଇଛି। କହିବା ବାହୁଲ୍ୟ ଯେ, ଆମ ଦେଶରେ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟ ବିଚାରପତି ଯଦି ସ୍ୱେଚ୍ଛାକୃତ ପଦତ୍ୟାଗ ନକରନ୍ତି, ସମ୍ବିଧାନର ଧାରା ୧୨୪(୪) ଅନୁଯାୟୀ ମହାଭିଯୋଗ ପ୍ରସ୍ତାବ ଦ୍ୱାରା ପାର୍ଲିଆମେଂଟ ବହିଷ୍କାର କରିବା କ୍ଷମତା ରହିଛି। ଯଦି ଜଷ୍ଟିସ ବର୍ମା ନିଜ ଆଡୁ ଇସ୍ତଫା ନଦିଅନ୍ତି, ତେବେ ମହାଭିଯୋଗ ପ୍ରକ୍ରୀୟା ଆରମ୍ଭ ହେବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଏହା ନିସନ୍ଦେହ ଯେ, ଯେତେବେଳେ ଜଣେ ବିଚାରପତିଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସେ, ସାଧାରଣ ଲୋକଙ୍କ ନ୍ୟାୟାଳୟ ପ୍ରତି ଆସ୍ଥା, ବିଶ୍ୱାସ ହ୍ରାସ ପାଇବାକୁ ଲାଗେ। ସୁପ୍ରିମକୋର୍ଟଙ୍କ ପୂର୍ଣ୍ଣାଙ୍ଗ ବେଂଚ ଏବଂ ପ୍ରଧାନ ବିଚାରପତି ଗ୍ରହଣ କରିଥିବା ପଦକ୍ଷେପ ନିଶ୍ଚିତ ଭାବେ ନ୍ୟାୟ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସନୀୟତାକୁ ଅତୁଟ ରଖିବାରେ ସହାୟକ ହେବ। ଉଚ୍ଚସ୍ତରୀୟ ତଦନ୍ତ କମିଟିର ରିପୋର୍ଟ ଆଧାରରେ ଜଷ୍ଟିସ ବର୍ମାଙ୍କ ବିରୁଦ୍ଧରେ ନିରପେକ୍ଷ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ବୁଦ୍ଧାନୁକୂଳଂ ଶରଣଂ ଗଚ୍ଛାମି

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର





ପରମ ପୁରୁଷ ଯୁଗାବତାର କଲ୍‌କୀ ବିଗ୍ରହ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ - ଭଗବାନ ବୁଦ୍ଧ ଓ ଭଗବାନ ହଜରତ୍ ମହମ୍ମଦ ଇତ୍ୟାଦିଙ୍କ ବିରୁଦ୍ଧରେ ଯେଉଁ ଅପବାଦ ଚାଲୁଛି ତାହାର ନିରାକରଣ କରିବାକୁ ହେବ। ଭଗବାନ ବୁଦ୍ଧ ବର୍ଣ୍ଣଧର୍ମ ସ୍ୱୀକାର କରୁଥିଲେ, ଆର୍ଯ୍ୟସତ୍ୟ - ଆର୍ଯ୍ୟସତ୍ୟ ବୋଲି ବାରମ୍ବାର କହୁଥିଲେ, ଆର୍ଯ୍ୟକୃଷ୍ଟି ଉପରେ ଭଗବାନ ବୁଦ୍ଧଙ୍କର ସବୁକିଛି ଭିତ୍ତି। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆନନ୍ଦ ସହକାରେ ପ୍ରକାଶ କଲେ - ଧର୍ମଯାଜକ (ଋତ୍ୱିକ୍) ଉପଗୁପ୍ତଙ୍କର ଏକ ଭଜନର ତାନରେ ସମ୍ରାଟ ଅଶୋକଙ୍କର ଅନ୍ତରସ୍ଥଳ ଜାଗି ଉଠିଥିଲା। ଉପଗୁପ୍ତଙ୍କ ମାଧ୍ୟମରେ ସମ୍ରାଟ ଅଶୋକ ଭଗବାନ ବୁଦ୍ଧଙ୍କୁ ଉପଲବ୍ଧି କରିଥିଲେ। ବୈଶିଷ୍ଟ୍ୟ ପାଳୀ ଆପୂରୟମାଣ ଧର୍ମପ୍ରବର୍ତ୍ତକଗଣ ସମସ୍ତେ ଏକବାର୍ତ୍ତାବାହୀ ଓ ଏକସତ୍ତାବାହୀ। ବୌଦ୍ଧମତ ଓ ହିନ୍ଦୁମତରେ ପାର୍ଥକ୍ୟ ବହୁତ କମ୍। କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ମୁଁ ଶୁଣିଛି ଭଗବାନ ବୁଦ୍ଧ ପ୍ରକାରାନ୍ତରେ ବର୍ଣ୍ଣାଶ୍ରମ ସମର୍ଥନ କରୁଥିଲେ। ଭଗବାନ ବୁଦ୍ଧ ଗୃହୀମାନଙ୍କ ପାଇଁ ଗୃହୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ଭିକ୍ଷୁକ ବା ସନ୍ନ୍ୟାସୀ ମାନଙ୍କ ନିମିତ୍ତ ସନ୍ନ୍ୟାସୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି। ଗୃହୀମାନଙ୍କର ବିବାହ, ଚାଲିଚଳନ ସମ୍ବନ୍ଧରେ ଯେଉଁସବୁ ନିର୍ଦ୍ଦେଶ ଦେଇଛନ୍ତି ତାହା ସଙ୍ଗେ ବର୍ଣ୍ଣାଶ୍ରମର କୌଣସି ବିରୋଧ ନାହିଁ। ବର୍ଣ୍ଣାଶ୍ରମ ହେଉଛି ଏକ ବିଜ୍ଞାନ-ଭିତ୍ତିକ ସମାଜ ବିଧାନ। ଏହି ଭିତ୍ତିଭୂମି ଭାଙ୍ଗିଦେଲେ ମନୁଷ୍ୟର ଅନ୍ତରରେ ଓ ବାହାରେ ଏକ ବିଶୃଙ୍ଖଳ ଅବସ୍ଥା ସୃଷ୍ଟି ହୁଏ। ଭଗବାନ ବୁଦ୍ଧଙ୍କର ଅଷ୍ଟଶୀଳ ନୀତି ସମ୍ବନ୍ଧରେ ବୁଝାଇବାକୁ ଯାଇ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସତ୍‌ଦୃଷ୍ଟି, ସତ୍‌ସଂକଳ୍ପ, ସତ୍‌ବାକ୍ୟ, ସତ୍‌ବ୍ୟବହାର, ସଦୁପାୟେ ଜୀବିକାହରଣ, ସତ୍‌ଚେଷ୍ଟା, ସତ୍‌ସ୍ମୃତି ଓ ସମ୍ୟକ୍ ସମାଧି ଇତ୍ୟାଦି ଅଲଗା ଅଲଗା ବ୍ୟାପାର ନୁହେଁ। ସବୁଗୁଡ଼ିକ ମଧ୍ୟରେ ଏକ ସଙ୍ଗତି ରହିଛି। ଫଳକଥା - ଆଠଟି ନୀତି ମିଶି ଯେଭଳି ଗୋଟିଏ। ପ୍ରଧାନ କଥା ହେଲା - ଯାହାକିଛି କରିବୁ ତାହା ଯେପରି ଅସ୍ତିତ୍ୱପୋଷଣୀ ଓ ବୃଦ୍ଧିବାହୀ ହୁଏ। ଆଉ ଏହାର ମୂଳରେ ଅଛି-ବୁଦ୍ଧଂ ଶରଣଂ ଗଚ୍ଛାମି, ଅର୍ଥାତ୍ ବୁଦ୍ଧଙ୍କ ପ୍ରତି ଆନତି ସମ୍ପନ୍ନ ହୋଇ ତାଙ୍କର ନୀତିବିଧିକୁ ଆଶ୍ରୟ କରି ଜୀବନରେ ଚାଲିଲେ ମନୁଷ୍ୟ ବୁଦ୍ଧତ୍ୱ ଲାଭ କରେ।

ମହାପ୍ରଭୁ ବୁଦ୍ଧଦେବଙ୍କର ପାଞ୍ଚଜଣ ପ୍ରମୁଖ ଶିଷ୍ୟ ଥିଲେ। ମହାପ୍ରଭୁ ଅତି କୃଚ୍ଛତା ତ୍ୟାଗକରି ମଧ୍ୟମପନ୍ଥା ଅବଲମ୍ବନ କରିବାରୁ ଏହି ଶିଷ୍ୟ ମାନଙ୍କ ମନରେ ପ୍ରଶ୍ନ ଓ ସନ୍ଦେହ ଜାଗ୍ରତ ହୋଇଥିଲା। ଭଗବାନ ବୁଦ୍ଧ ସେମାନଙ୍କୁ ପୁଣି ସାରନାଥରେ ଦେଖାକରି ସେମାନଙ୍କର ସନ୍ଦେହମୋଚନ କରି ସେମାନଙ୍କ ମାଧ୍ୟମରେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ। ଏହି ପାଞ୍ଚଶିଷ୍ୟ ଥରେ ପ୍ରତ୍ୟୟଦୀପ୍ତ ହେବାପରେ ନିଃସଂଶୟ ଚିତ୍ତରେ ଆଦର୍ଶ ସତ୍ତାର କର୍ମରେ ଆତ୍ମନିୟୋଗ କରିଥିଲେ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କ୍ଷୋଭ ଚିତ୍ତରେ ପ୍ରକାଶ କଲେ - ପ୍ରାୟ ସମସ୍ତ ମହାପୁରୁଷଙ୍କ କ୍ଷେତ୍ରରେ ଦେଖାଯାଏ ସେମାନଙ୍କର ଜୀବନ ବିଷାଦ ଓ ଭାରାକ୍ରାନ୍ତ ଏହି ପ୍ରସଙ୍ଗରେ ପୁନର୍ବାର ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତକଲେ - ଏହା ହେଉଛି ଶିଷ୍ୟମାନଙ୍କର ସାମର୍ଥ୍ୟହୀନତାର ଲକ୍ଷଣ। ଅବତାର ପୁରୁଷମାନେ ସର୍ବଦା ନିଜ ପ୍ରତି ନିଷ୍ଠୁର କାରଣ ସେମାନେ ସର୍ବଦା ପରିବେଶର ପ୍ରତିପ୍ରତ୍ୟେକଙ୍କର ମଙ୍ଗଳ ସାଧନରେ ବ୍ୟସ୍ତ, ଅବଶ୍ୟ ମଙ୍ଗଳ ନିମିତ୍ତ ନିଜକୁ ସର୍ବସ୍ୱ ଦେବାପାଇଁ ସେମାନେ ଜଗତକୁ ଆସନ୍ତି, ନିଜ ପ୍ରତି ଚାହିଁବାର ଅବକାଶ ସେମାନଙ୍କ ପାଖରେ ନଥାଏ। ଏହିପରି ଅବସ୍ଥାରେ ପରିବେଶ ସେମାନଙ୍କ ପ୍ରତି ପ୍ରୀତିପରାୟଣ ହେଲେ ସେମାନେ ସ୍ୱସ୍ତି ଓ ଶାନ୍ତିରେ ରହିପାରନ୍ତି। ମହାପ୍ରଭୁ ବୁଦ୍ଧଦେବ କହିଥିଲେ - ଅହିଂସା ପରମ ଧର୍ମ। ଏ କଥାର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଅହିଂସା ଯେଉଁଠାରେ ସପରିବେଶ ସତ୍ତାସମ୍ବର୍ଦ୍ଧନାକୁ ସର୍ବତୋ ଭାବରେ ପୁଷ୍ଟକରି ସାର୍ଥକ ହୋଇଉଠେ, ତାହା ଯେ ପରମ ଧର୍ମ ଏ ବିଷୟରେ କୌଣସି ସନ୍ଦେହ ନାହିଁ। ସତ୍ତାକୁ ହତ୍ୟା ବା କ୍ଷୁର୍ଣ୍ଣ ନକରିବା ଯଦି ପରମ ଧର୍ମ ହୁଏ ତେବେ ସତ୍ତା ହତ୍ୟାକାରୀ ଯାହା ତାହାକୁ ବିହିତ ଭାବରେ ନିରୋଧ କରିବା ମଧ୍ୟ ପରମ ଧର୍ମର ଅଙ୍ଗୀଭୂତ। ଆମ୍ଭେମାନେ ଜୀବନପ୍ରେମୀ ହେଲେ ମୃତ୍ୟୁ ବିରୁଦ୍ଧରେ ଚିରକାଳ ସଂଗ୍ରାମ କରିବାକୁ ହେବ। ମହାପ୍ରଭୁ ଯେତେବେଳେ ସଶରୀରରେ ରହି ଏହି ମର୍ତ୍ତ୍ୟଧାମରେ ଲୀଳାଖେଳ କରନ୍ତି ତାଙ୍କର କଥାବାର୍ତ୍ତା ଚଳନ ଓ ଭଙ୍ଗୀରେ ସମସ୍ତଙ୍କୁ ସତ୍ତାପ୍ରେମୀ ଓ ଆତ୍ମାଭିମୁଖୀ କରିଉଠାନ୍ତି। ପ୍ରଭୁ କରୁଣା ପରବଶ ହୋଇ ମାନବ ଜନ୍ମ ଗ୍ରହଣ କରନ୍ତି ଓ ଆମ୍ଭମାନଙ୍କର ମଙ୍ଗଳ ନିମିତ୍ତ ବହୁତ କଷ୍ଟ ସହ୍ୟ କରନ୍ତି। ସମସ୍ତଙ୍କୁ କାଳର ହାତରୁ ଉଦ୍ଧାର କରିବା ପାଇଁ ସେ କାଳାଧୀଶ ହୁଅନ୍ତି। ଦଶାବତାର ମଧ୍ୟରେ ମହାପ୍ରଭୁ ବୁଦ୍ଧ ଜଣେ। ମନୁଷ୍ୟର ଅନ୍ତରରେ ସବୁ ସମୟ ଏକ ଫାଙ୍କା ଫାଙ୍କା ଭାବ ଲାଗି ରହେ ଓ ତାହା ପୂର୍ଣ୍ଣ ହୁଏ ଯେତେବେଳେ ମନୁଷ୍ୟର ଅନୁରାଗ ଶ୍ରେୟ ନିବଦ୍ଧ ହୁଏ। ସେ ଅନୁରାଗ ହେବା ଉଚିତ ଅଚ୍ୟୁତ, ଦୁଃଖ-କଷ୍ଟ, ଦୈନ୍ୟ-ରୋଗ, ଶୋକ-ଆନନ୍ଦ ଇତ୍ୟାଦି ଦ୍ୱାରା ଅନୁରାଗ ଛିନ୍ନ ହୁଏନାହିଁ। ମନୁଷ୍ୟ ଜୀବନର ଯେତେକିଛି ପ୍ରଚେଷ୍ଟା ଏହି ଶୂନ୍ୟକୁ ପୂର୍ଣ୍ଣ କରିବା ପାଇଁ ଓ ପ୍ରେଷ୍ଠାନୁରାଗ ବ୍ୟତୀତ ଏହି ଶୂନ୍ୟ କେବେ ପୂର୍ଣ୍ଣ ହୁଏନାହିଁ। ମହାପ୍ରଭୁ ବୁଦ୍ଧଦେବ ସେଥିପାଇଁ ସବୁବେଳେ ନିର୍ବାଣ କଥା କହୁଥିଲେ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତକଲେ, ଶୁଣିଛି - ଭକ୍ତ ଆନନ୍ଦ ମହାପ୍ରଭୁ ବୁଦ୍ଧଦେବଙ୍କ ସହିତ କେତେଗୁଡ଼ିକ ସର୍ତ୍ତ କରିଥିଲେ ସେଥିପାଇଁ ସେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇପାରିନଥିଲେ। ଭଗବାନ ବା ଇଷ୍ଟଙ୍କ ପାଖରେ ଆମେ ଯେତେବେଳେ ଆତ୍ମୋତ୍ସର୍ଗ କରୁ ସେତେବେଳେ ଯଦି ନିଜସ୍ୱ ସର୍ତ୍ତ ରଖାଯାଏ ତାହା ଆତ୍ମ ବିକାଶର ପଥରେ ବାଧା ଦିଏ। ଇଷ୍ଟ ବା ଗୁରୁଙ୍କର ଇଚ୍ଛା ପୂରଣ ବ୍ୟତୀତ କୌଣସି ବ୍ୟକ୍ତିଗତ ପ୍ରତ୍ୟାଶା ଥିଲେ ଆତ୍ମୋନ୍ନତି ପଥରେ ଅନ୍ତରାୟ ହୁଏ। ଭକ୍ତ କଶ୍ୟପ, ସାରୀପୁତ୍ର ଓ ମୌଦଗଲ୍ଲାୟନ ଇତ୍ୟାଦି ଭକ୍ତମାନେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇଥିଲେ। ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତକଲେ, ମୋର ମନେହୁଏ ଶ୍ରମଣ, ଜ୍ୟୋତି, ସନ୍ନ୍ୟାସୀ ଇତ୍ୟାଦି ଭକ୍ତମାନଙ୍କର ସମ୍ପଦ ହିଁ ତାଙ୍କର ଚରିତ୍ର, ତାଙ୍କର ଜୀବନ ଓ ତାଙ୍କ ତପସ୍ୟା। ଏହି ଚରିତ୍ର ଭିତରେ ହିଁ ଜାତିର ପ୍ରକୃତ ଉନ୍ନତି ଘଟେ। ବୌଦ୍ଧ ମତବାଦ ମଧ୍ୟରେ ଉପନିଷଦର କଥା ଅନେକ ଅଛି।

**ସହପ୍ରତିରତ୍ୱି ଓ ପ୍ରଫେସର, ହେପାଟୋଲୋଜି ବିଭାଗ**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**



# ଅପରେସନ ସିନ୍ଦୂର ୨.୦



## ଗଙ୍ଗା ଏକ୍ସପ୍ରେସୱେ ବାୟୁସେନା ପାଇଁ ରଣନୈତିକ ସମ୍ପତ୍ତି ପାଲଟିଛି

**ଅପରେସନ ସିନ୍ଦୂର ପୂର୍ବରୁ ଏଠାରେ ରାତ୍ରିକାଳୀନ ଡ୍ରିଲ କରାଯାଇଥିଲା**

**ଲକ୍ଷ୍ନୌ, ୧୦।୫:** ଗଙ୍ଗା ଏକ୍ସପ୍ରେସୱେ ବାୟୁସେନା ପାଇଁ ରଣନୈତିକ ସମ୍ପତ୍ତି ପାଲଟିଛି। ଅପରେସନ ସିନ୍ଦୂରରୁ କିଛି ଦିନ ପୂର୍ବରୁ ଭାରତୀୟ ବାୟୁ ସେନା ଉତ୍ତର ପ୍ରଦେଶର ଶାହଜାହାନପୁର ଅଞ୍ଚଳର ଗଙ୍ଗା ଏକ୍ସପ୍ରେସୱେରେ ରାତ୍ରିକାଳୀନ ସଫଳ ଲ୍ୟାଣ୍ଡିଂ ଡ୍ରିଲ କରିଥିଲା। ମେ ୨ ତାରିଖରେ ଏହି ଅଭ୍ୟାସରେ ଦୀର୍ଘ ଶ୍ରେଣୀର ଯୁଦ୍ଧ ବିମାନ, ପରିବହନ ଏୟାରକ୍ରାଫ୍ଟ ମୁତୟନ କରିଥିଲା ଭାରତୀୟ ବାୟୁସେନା। ଯେଉଁଥିରେ ରାଫେଲ୍, ସୁଖୋଇ-୩୦, ମିରାଜ-୨୦୦୦, ମିଗ୍-୨୯, ଜାଗୁଆର, ସି-୧୩୦ଜେ ସୁପର୍ ହର୍କୁଲେସ୍,ଏନ-୩୨ ଏବଂ ଏମଆଇ-୧୭ ଭି୫ ହେଲିକପ୍ଟର୍ ସାମିଲ ଥିଲେ। ରାତି ଅଭିଯାନର ଏହି ଅଭ୍ୟାସରେ ଅତି କମରେ ୧୫ ଟି ବିମାନ ରାତି ୯ରୁ ୧୦ ପର୍ଯ୍ୟନ୍ତ ଡ୍ରିଲ କରିଥିଲେ। ଶାହଜାହାନପୁରର ଦୀର୍ଘ ୩.୫ କିମି ଲମ୍ବ ଦେଶର ପ୍ରଥମ ଏୟାରସ୍ଟ୍ରିପ୍ ଯେଉଁଠାରେ ଦିନ ଓ ରାତି ଅଭ୍ୟାସ ପାଇଁ ସୁବିଧା ପ୍ରଦାନ କରିଥିଲା। ଗଙ୍ଗା ଏକ୍ସପ୍ରେସୱେ ତୁରନ୍ତ ବିମାନ ମୁତୟନ ପାଇଁ ଏକ ରଣନୈତିକ ସ୍ଥାନ ପାଲଟିଥିଲା। ବିଶେଷଜ୍ଞମାନେ ଦୃଷ୍ଟି ରଖନ୍ତି ଯେ, ଯଦି କୌଣସି ବାୟୁସେନା ବେସ ଉପରେ ଆକ୍ରମଣ ହୁଏ, ତେବେ ଏହି ଏକ୍ସପ୍ରେସୱେ ପରକ୍ଷଣରେ ଏହା ରନୱେରେ ପାଇଁ ପରିଣତ ହେବାକୁ ସକ୍ଷମ, ଯାହା ଭାରତର ଉତ୍ତରାଞ୍ଚଳ ସୁରକ୍ଷା ନୀତିରେ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବାକୁ ଲାଗିଛି। ଅଭ୍ୟାସରେ ରାତି-ଦୃଷ୍ଟି ଗୁଗୁଲ, ଲ୍ୟାଣ୍ଡିଂ ସିଷ୍ଟମ, ଇନଫ୍ରାରେଡ୍ କ୍ୟାମେରା, ନରୱେ ଆଲୋକ ସଜ୍ଜା ଏବଂ ଗ୍ରାଉଣ୍ଡ ନିୟନ୍ତ୍ରଣ ୟୁନିଟକୁ ମଧ୍ୟ ପରୀକ୍ଷା କରାଯାଇଛି। ଏହି ପ୍ରଯୁକ୍ତିଗୁଡିକ ସଠିକ ଅବସ୍ଥାରେ ସଠିକ୍ ସ୍ଥାନାନ୍ତର କରିବାକୁ ସକ୍ଷମ କରାଇଛି, ଯାହା ବାୟୁସେନାର ରାତି ଯୁଦ୍ଧ ଏବଂ ରିଲିଫ ଅପରେସନକୁ ସହଜ କରେ। ଗଙ୍ଗା ଏକ୍ସପ୍ରେସୱେର ବିମାନ ଲ୍ୟାଣ୍ଡିଂ ଏୟାରସ୍ଟ୍ରିପ୍, ଯାହା ବଡ଼ ବିମାନ ଅବତରଣ କରିପାରିବା ପାଇଁ ନିର୍ମିତ,୨୫୦ ସିସିଟିଭି କ୍ୟାମରା, ଡ୍ରୋନ୍ ସର୍ଭିଲାନ୍ସ ଓ କମାଣ୍ଡ ସେଣ୍ଟର ସହ ରିଆଲ୍-ଟାଇମ୍ ଡେଟା କ୍ଷେତ୍ରଭାଗକୁ ଅବସ୍ଥିତ କରିଛି। ଏହା ବାୟୁସେନା ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କ୍ରିୟାକଳାପ ପାଇଁ ଚାରିଥର ରାତି-ଦୃଶ୍ୟ ଟେକ୍ନୋଲୋଜୀ ବ୍ୟବହାର କରିଛି। ଛବି ବୃଦ୍ଧିକରଣ ଓ ଥର୍ମାଲ୍ ଇମେଜିଂ ପ୍ରଣାଳୀଗୁଡିକ ଅନ୍ଧାରରେ ସଠିକ ଭାବରେ ରାତି ଲ୍ୟାଣ୍ଡିଂ କରିବାକୁ ପାଇଁ ପାଇଲଟଙ୍କୁ ସାହାଯ୍ୟ କରେ। ଏହି ପ୍ରଣାଳୀ କାରଗିଲ୍‌ର ସମୟରେ ବ୍ୟବହାର କରାଯାଇଥିଲା। ଗଙ୍ଗା ଏକ୍ସପ୍ରେସୱେ ଏବେ ଉତ୍ତର ଭାରତରେ ଗୁରୁତ୍ୱପୂର୍ଣ୍ଣ ସେନାର ରଣନୈତିକ ଓ ସହାୟତା କରିବାକୁ କରିଡର ପାଲଟିଛି।



## ମାସୁଦର ଦୁଇ ଶାଳକ ସମେତ ୫ ଶୀର୍ଷ ଆତଙ୍କୀ ସଫା



ନୂଆଦିଲ୍ଲୀ: ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ପକ୍ଷରୁ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ ଓ ପିଓକେରେ ହମ୍‌ଲା କରାଯାଇଥିଲା। 'ଅପରେସନ୍ ସିନ୍ଦୂର'ରେ ଭାରତୀୟ ସେନା ୯ଟି ଆତଙ୍କୀ ଆଡ୍ଡାକୁ ନଷ୍ଟଭ୍ରଷ୍ଟ କରିବା ସହ ପାଖାପାଖି ୧୦୦ ଜଣ ଆତଙ୍କୀଙ୍କୁ ସଫା କରିଦେଇଥିଲା। ତେବେ ଏହି ଆକ୍ରମଣରେ ମୁଖ୍ୟତଃ ଜୈସ୍-ଇ-ମହମ୍ମଦ ଓ ଲସ୍କର-ଏ-ତୋଇବାର ଆଡ୍ଡାଙ୍କୁ ଟାର୍ଗେଟ୍ କରାଯାଇଥିବା ବେଳେ ଏହି ଦୁଇ ସଙ୍ଗଠନର ୫ ଜଣ ପ୍ରମୁଖ ଆତଙ୍କୀ ନିପାତ ହୋଇଥିବା ନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅପରେସନ୍‌ରେ ମୁଦାସର ଖାଡିଆନ୍ ଖାସ୍ ଓରଫ୍ ମୁଦାସର ଓରଫ୍ ଆବୁ ଜୁନ୍ଦଲ୍ ନିହତ ହୋଇଛି। ସେ ମୁରିଦକେରେ ମର୍କଜ ତୈବାର ଦାୟିତ୍ୱରେ ଥିଲା। ତା'ର ଅନ୍ତିମ ସଂସ୍କାରରେ ଯୋଗଦେଇ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ମୁନିର ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ମରିୟମ ନୱାଜ ଶ୍ରଦ୍ଧାଞ୍ଜଳି ଦେଇଥିବାରୁ ସେ କେତେ ଶକ୍ତିଶାଳୀ ଥିଲା, ତାହା ସହଜେ ଅନୁମେୟ। ପାକିସ୍ତାନ ସେନାର ଜଣେ ଲେଫ୍ଟନାଣ୍ଟ ଜେନେରାଲ ଓ ପଞ୍ଜାବ ପୁଲିସର ଆଇଜି ଏଥିରେ ଅଂଶଗ୍ରହଣ କରିଥିଲେ। ସେହିପରି ଜେଇଏମ୍‌ର ହାଫିଜ୍ ମହମ୍ମଦ ଜମିଲ୍ ସଂଗଠନର ପ୍ରତିଷ୍ଠାତା ମାସୁଦ ଆଝାରର ଶାଳକ ଥିଲା। ସେ ସଲିମ ଓ ଘୋସି ସାହେବ ଭଳି ନାମରେ ବି ଜଣାଶୁଣା ଥିଲା। ସେ ଜେଇଏମ୍ ପାଇଁ ଅସ୍ତ୍ରଶସ୍ତ୍ର ତାଲିମ ପରିଚାଳନା କରୁଥିଲା। ସେହିପରି ମହମ୍ମଦ ୟୁସୁଫ୍ ଆଝାର୍ ଓରଫ୍ ଉସ୍ତାଦଜୀ ଓରଫ୍ ମହମ୍ମଦ ସଲିମ୍ ମଧ୍ୟ 'ଅପରେସନ୍ ସିନ୍ଦୂର'ରେ ନିହତ ହୋଇଥିବା ବେଳେ ସେ କାନ୍ଦାହାର ବିମାନ ଅପହରଣ ମାମଲାର ମୁଖ୍ୟ କାର୍ପଟଦାର ଥିଲା। ଏହି ଘଟଣାରେ ମାସୁଦ୍‌କୁ ଭାରତୀୟ ଜେଲ୍‌ରୁ ମୁକ୍ତ କରାଯାଇଥିଲା। ମାସୁଦ୍‌ର ଶାଳକ ୟୁସୁଫ୍ ଏହି ମାମଲାରେ ମୋଷ୍ଟ୍ ୱାଣ୍ଟେଡ୍ ଥିବା ସହ ଜମ୍ମୁ-କଶ୍ମୀରରେ ଏକାଧିକ ଆକ୍ରମଣ ଘଟଣା ସହ ଜଡ଼ିତ ଥିଲା। ସେହିପରି ଖାଲିଦ ଓରଫ ଆବୁ ଆକାଶା ଏଲଇଟି ସହ ଜଡିତ ଥିଲା ଏବଂ ଜମ୍ମୁ-କାଶ୍ମୀରରେ ଅନେକ ଆତଙ୍କବାଦୀ ଆକ୍ରମଣରେ ସାମିଲ ଥିଲା। ସେ ମଧ୍ୟ ଆଫଗାନିସ୍ତାନରୁ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କରୁଥିଲା। ତା'ର ଅନ୍ତିମ ସଂସ୍କାରରେ ମଧ୍ୟ ପାକିସ୍ତାନ ସେନାର ବରିଷ୍ଠ ଅଧିକାରୀ ଏବଂ ଫୈସଲାବାଦର ଡେପୁଟି କମିଶନର ଯୋଗଦେଇଥିଲେ। ଆହୁରି ପଞ୍ଚମ ଶୀର୍ଷ ଆତଙ୍କୀ ଥିଲା ମହମ୍ମଦ ହାସନ ଖାନ। ସେ ପିଓକେରେ ଜେଇଏମ୍‌ର ଅପରେସନ୍ କମାଣ୍ଡର ଥିବା ମୁଫତି ଅସଗର ଖାନ କାଶ୍ମୀରୀର ପୁଅ। ସେ ନିଜେ ମଧ୍ୟ ଜେଇଏମ୍ ସହିତ ଜଡିତ ଥିଲା। ହାସନ ମଧ୍ୟ ଜମ୍ମୁ-କାଶ୍ମୀରରେ ବିଭିନ୍ନ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲା।

● ଦେଶର ୪୨ ସ୍ଥାନରେ ସିବିଆଇର ଚଢ଼ାଉ

## ୫ ସାଇବର ଅପରାଧୀ ଗିରଫ

**ନୂଆଦିଲ୍ଲୀ, ୧୦।୫:** ଅନ୍ତର୍ଜାତୀୟ ସଂଗଠିତ ସାଇବର ଅପରାଧ ଓ ଡିଜିଟାଲ୍ ଆରେଷ୍ଟ ସିଣ୍ଡିକେଟମାନ ଏବଂ ବେଆଇନ ସିମ୍ କାର୍ଡ ବିକ୍ରୟ କରୁଥିବା ଲୋକମାନଙ୍କ ଉପରେ ସିବିଆଇ ପକ୍ଷରୁ ବଡ ଧରଣର ଚଢ଼ାଉ କରାଯାଇଛି। ସିବିଆଇ ପକ୍ଷରୁ ଦେଶର ୮ଟି ରାଜ୍ୟର ୪୨ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଥିବା ବେଳେ ୫ଜଣଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉ ଅପରେସନ ଚକ୍ର-ଭି ଅଧୀନରେ କରାଯାଇଥିଲା। ଟେଲିକମ ଅଧିକାରୀଙ୍କ ସୂଚନା କ୍ରମେ ଏହି ଚଢ଼ାଉ କରାଯାଇଥିଲା। ବେଆଇନ ଭାବେ ବିକ୍ରି କରାଯାଉଥିବା ସିମ ମାଧ୍ୟମରେ ଡିଜିଟାଲ ଆରେଷ୍ଟ, ନିଜକୁ ଅନ୍ୟର ପରିଚୟ ଦେବା, ଜାଲ ବିଜ୍ଞାପନ ଦେବା, ମିଛ ନିବେଶ ପ୍ରତିଶ୍ରୁତି ଓ ୟୁପିଆଇ ଠକେଇ କରାଯାଉଥିଲା। ବେଆଇନ ସିମ ବିକ୍ରି କରାଯାଉଥିବା ଦେଶର ୩୮ କେନ୍ଦ୍ରର ସେଲ ଏଜେଣ୍ଟଙ୍କ ଉପରେ ଏହି ଚଢ଼ାଉ କରାଯାଇଥିଲା। ସେହି ୮ଟି ରାଜ୍ୟ ହେଲା ଆସାମ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ। ଗିରଫ ୫ଜଣଙ୍କ ଠାରୁ ବେଆଇନ ସିମ କାର୍ଡ, ଜାଲ ଦସ୍ତାବିଜ, ମୋବାଇଲ ସେଟ, ବୈଦତିକ ଡିଭାଇସ, କେୱାଇସି କପି ଜବତ କରାଯାଇଛି ବୋଲି ଜଣେ ଅଧିକାରୀ କହିଛନ୍ତି।

## ଜମ୍ମୁ ଅଖନୁର ସୀମାରେ ଥିବା ଆତଙ୍କବାଦୀ ଶିବିର ଧ୍ୱଂସ କଲା ବିଏସଏଫ



**ନୂଆଦିଲ୍ଲୀ, ୧୦।୫:** ଜମ୍ମୁ ଅଖନୁର ସୀମାରେ ଥିବା ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଛି ବିଏସଏଫ। ଶନିବାର ବିଏସଏଫ ପକ୍ଷରୁ କୁହାଯାଇଛି ଯେ, ଅଖନୁର ସୀମାରେ ଥିବା ଏକ ଆତଙ୍କବାଦୀ ଲଞ୍ଚପ୍ୟାଡକୁ ସଂପୂର୍ଣ୍ଣ ଭାବେ ବିଧ୍ୱଂସ କରିଛି। ଆନ୍ତର୍ଜାତିକ ସୀମାରେ ସେହି ଶିବିରରୁ ଅନବରତ ଧରି ଗୁଳିଗୋଳା ବର୍ଷଣ କରାଯାଉଥିଲା। ଜଣେ ବିଏସଏଫର ପ୍ରବକ୍ତା କହିଛନ୍ତି ଯେ ଏହି ଶିବିର ପାକିସ୍ତାନର ସିଆଲକୋଟ ଜିଲ୍ଲା ଲୁନିଠାରେ ଅବସ୍ଥିତ ଥିଲା। ଶୁକ୍ରବାର ରାତିରେ ଏହି ଶିବିରରୁ ପ୍ରବଳ ଗୁଳି ବିଏସଏଫ ପୋଷ୍ଟ ଉପରକୁ କରାଯାଇଥିଲା। ବିଏସଏଫ ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯାଇଥିଲା। ଫଳରେ ଆତଙ୍କବାଦୀଙ୍କ ଶିବିର ସଂପୂର୍ଣ୍ଣ ଧ୍ୱଂସ ହେବା ସହ ପାକିସ୍ତାନ ରେଞ୍ଜରଙ୍କ ବହୁ ସମ୍ପତ୍ତି ନଷ୍ଟ ହୋଇଛି। ଆମର ଲକ୍ଷ୍ୟ ଭାରତର ଅଖଣ୍ଡତାକୁ ସୁରକ୍ଷା ଦେବା ବୋଲି ପ୍ରବକ୍ତା ଜଣକ କହିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଥିବା ବେଳେ ଭାରତ ଏହାର ପ୍ରତିଶୋଧ ପୂର୍ବକ ଅପରେସନ ସିନ୍ଦୂର ଅଧୀନରେ ସୀମାରେ ଥିବା ଆତଙ୍କବାଦୀ ଶିବିରକୁ ଆକ୍ରମଣ କରି ଧ୍ୱଂସ କରିଛି।

## ରାଜସ୍ଥାନରେ ଜନ୍ମନେଲେ 'ସିନ୍ଦୂର'

**ଜୟପୁର,୧୦।୫:** ଭାରତ ଓ ପାକିସ୍ତାନ ଉତ୍ତେଜନା ମଧ୍ୟରେ ରାଜସ୍ଥାନରେ ଦେଖିବାକୁ ମିଳିଛି ଦେଶ ଭକ୍ତିର ନମୁନା। ଆତଙ୍କବାଦ ବିରୋଧରେ ଭାରତୀୟ ସେନା ପକ୍ଷରୁ ନିଆଯାଇଥିବା ପଦକ୍ଷପେ ଅପରେସନ ସିନ୍ଦୂର ରାଜସ୍ଥାନୀବାସୀଙ୍କୁ ପ୍ରେରଣା ଦେଇଛି। ଏହି ଅପରେସନ ପରେ ରାଜସ୍ଥାନରେ ଜନ୍ମିତ ଶିଶୁଙ୍କ ନାମ ସିନ୍ଦୂର ରଖାଯାଉଛି। ରାଜସ୍ଥାନର ଝୁନୁଝୁନୁ ଜିଲ୍ଲା ନୱାଲଗଡ ସରକାରୀ ହସ୍ପିଟାଲରେ ଜନ୍ମିତ ତିନି ଜଣ ନବଜାତକଙ୍କ ନାମ ସିନ୍ଦୂର ରଖାଯାଇଥିବା ଜଣାପଡିଛି। ଏହି ପଦକ୍ଷେପଟି ସେନାବାହିନୀ ଏବଂ ଯବାନଙ୍କ ସ୍ମୃତି ପାଇଁ ଏକ ପ୍ରତୀକ ହିସାବରେ ଶ୍ରଦ୍ଧାଞ୍ଜଳି ଭାବେ ନିଆଯାଇଛି। ଯେଉଁମାନେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଜମ୍ମୁ କାଶ୍ମୀରରେ ସହିଦ ହୋଇଛନ୍ତି। ହସ୍ପିଟାଲରେ ଜଣେ ନବଜାତକଙ୍କ ମାଆ ସୀମା ଗର୍ବର ସହିତ କହିଛନ୍ତି ଯେ, 'ଏହି ନାମ ମୋର ପୁଅକୁ ସଦା ତାଙ୍କର ଦେଶ ପ୍ରତି ଭକ୍ତି କରିବା ପାଇଁ ପ୍ରେରଣା ଦେବ।' ଶିଶୁର ଦାଦୀ ମାଆ କହିଛନ୍ତି, 'ଆମେ ଆମର ସାହାସିକ ବୀର ଯବାନଙ୍କୁ ହରାଇଛୁ, ତେଣୁ ମୋ ନାତିକୁ ଦେଶର ସେବା ପାଇଁ ସେନାକୁ ପଠାଇବି ବୋଲି କହିଛନ୍ତି। ସେହିପରି ଝଝାହର ଗାଁର ସଞ୍ଜୁ ତାଙ୍କ ପୁଅର ନାମ ମଧ୍ୟ 'ସିନ୍ଦୂର' ରଖିଛନ୍ତି। ଚାରି ଦିନ ପୂର୍ବରୁ ମୋ ପୁଅ ଜନ୍ମଲାଭ କରିଥିଲା। ମୋର ସ୍ୱପ୍ନ ହେଉଛି ମୋ ପୁଅ ବଡ ହେବା ପରେ ଦେଶକୁ ରକ୍ଷା କରିବ। ଆମର ମାଆ ଏବଂ ଭଉଣୀମାନେ ପହଲଗାମ ଆକ୍ରମଣରେ ତାଙ୍କ ସିନ୍ଦୂର (ବିବାହର ପ୍ରତୀକ) ହରାଇଲେ। ଭାରତୀୟ ସେନା ଅପରେସନ୍ ସିନ୍ଦୂର ଦ୍ୱାରା ଏହାର ଉଚିତ ଜବାବ ଦେଇଛନ୍ତି। ସମାନ ଭାବେ କସାଇରୁ ଗାଁର କାଞ୍ଚନ ତାଙ୍କ ଝିଅର ନାମ 'ସିନ୍ଦୂର' ବୋଲି ରଖିଛନ୍ତି। ଏହା ମୋର ଅପରେସନ୍ ସିନ୍ଦୂର ପ୍ରତି ସମ୍ମାନ। ସେନା ପାକିସ୍ତାନର ବର୍ବରୋଚିତ କାଣ୍ଡର ସଠିକ ଉତ୍ତର ଦେଇଛି। ହସ୍ପିଟାଲର ଡାକ୍ତର ଜିତେନ୍ଦ୍ର ଚୌଧୁରୀ କହିଲେ, 'ତିନିଜଣ ପିତାମାତା ନୂତନ ଶିଶୁଙ୍କର ନାମ ଅପରେସନ୍ ସିନ୍ଦୂର ପରେ ଦେଇଛନ୍ତି। ଏହା ଲୋକଙ୍କ ଗଭୀର ଜାତୀୟତାକୁ ପ୍ରତିବିମ୍ବିତ କରୁଛି। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଯନ୍ତ୍ରଣା ଏବେବି ହୃଦୟରେ ଲୁଚି ରହିଛି।



## ଆତଙ୍କବାଦ ବିରୋଧୀ ଲଢ଼େଇ ଜାରି ରହିବ: ଜୟଶଙ୍କର



ନୂଆଦିଲ୍ଲୀ,୧୦।୫: ଭାରତ-ପାକିସ୍ତାନ ଅସ୍ତ୍ରବିରତି ପାଇଁ ସହମତି ହୋଇଛନ୍ତି। ଏନେଇ ବଡ଼ ସୂଚନା ଦେଇଛନ୍ତି ବୈଦେଶିକ ସଚିବ ବିକ୍ରମ ମିଶ୍ରି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ୍ସରେ ଏହି ଘୋଷଣା ପରେ ବିକ୍ରମ ମିଶ୍ରି ଏହି ସୂଚନା ଦେଇଥିଲେ। ଏପରିକି ଅସ୍ତ୍ରବିରତି ସହମତି ନେଇ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ମଧ୍ୟ ସୂଚନା ଦେଇଛନ୍ତି। ଅସ୍ତ୍ରବିରତି ପାଇଁ ଦୁଇ ଦେଶ ମଧ୍ୟରେ ସହମତି ହୋଇଛି। କିନ୍ତୁ ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ସାଲିସ କରିବ ନାହିଁ। ପୂର୍ବ ଭଳି ଆତଙ୍କବାଦୀ ବିରୋଧୀ ଲଢ଼େଇ ଜାରି ରହିବ ବୋଲି ଜୟଶଙ୍କର ସ୍ପଷ୍ଟ ସୂଚନା ଦେଇଛନ୍ତି। ଭାରତୀୟ ସମୟ ସନ୍ଧ୍ୟା ୫ଟାରୁ ଅସ୍ତ୍ରବିରତି ହୋଇଛି। ଜଳ, ସ୍ଥଳ ଓ ଆକାଶ ପଥରେ ଆକ୍ରମଣ ନ କରିବାକୁ ଉଭୟ ସହମତି ହୋଇଛୁ। ଦୁଇ ଦେଶର ଡିଜିଏମ୍‌ଓ ସ୍ତରୀୟ କଥାବାର୍ତ୍ତା ପରେ ସହମତି ହୋଇଛି। ଆଜି ଅପରାହ୍ନ ୩ଟା ୩୫ରେ ଡିଜିଏମ୍‌ଓ ସ୍ତରୀୟ କଥାବାର୍ତ୍ତା ହୋଇଥିଲା। ୩ ବାହିନୀକୁ ଉଭୟ ଦେଶ ପକ୍ଷରୁ ସହମତି କଥା ଜଣାଇ ଦିଆଯାଇଛି। ଆସନ୍ତା ୧୨ ତାରିଖ ୧୨ଟାରେ ଡିଜିଏମ୍‌ଓ ସ୍ତରୀୟ ପୁଣି ଆଲୋଚନା ହେବ।

## ୪.୦ ତୀବ୍ରତାରେ ଥରିଲା ଇସଲାମାବାଦ୍

**ଇସଲାମାବାଦ୍,୧୦।୫:** ଭାରତ ଉପରେ ଆକ୍ରମଣ ଉଦ୍ୟମ କରୁଥିବା ପାକିସ୍ତାନ ଭୂକମ୍ପ ଝଟକାରେ ଥରି ଉଠିଛି। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧.୪୪ ମିନିଟରେ ପାକିସ୍ତାନରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ରାଷ୍ଟ୍ରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁସାରେ ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୪.୦ ରହିଛି। ଭାରତ ସହିତ ଚାଲିଥିବା ଉତ୍ତେଜନା ମଧ୍ୟରେ, ଭୂମିକମ୍ପର ଝଟକା ଅନୁଭବ ହେବା ମାତ୍ରେ ପାକିସ୍ତାନର ଲୋକ ଭୟଭୀତ ହୋଇ ଘରୁ ବାହାରକୁ ଆସିଯାଇଛନ୍ତି। ତେବେ ଭୂକମ୍ପ ଯୋଗୁଁ ଧନଜୀବନ କ୍ଷୟକ୍ଷତିର କୌଣସି ସୂଚନା ମିଳିପାରି ନାହିଁ । କୁହାଯାଉଛି ଯେ ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶର କ୍ୱେଟା ସହର ନିକଟରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ନ୍ୟାସନାଲ୍ ସେଣ୍ଟର ଫର୍ ସିସ୍‌ମୋଲୋଜି ଅନୁସାରେ ଭୂକମ୍ପର କେନ୍ଦ୍ର ୨୯.୬୭ ଡିଗ୍ରୀ ଉତ୍ତର ଅକ୍ଷାଂଶ ଓ ୬୬.୧୦ ଡିଗ୍ରୀ ପୂର୍ବ ଦ୍ରାଘିମାରେ ରହିଛି ।

ଅସୀମ ମୁନିରଙ୍କୁ ବଡ଼ ଝଟ୍‌କା

## ସେନା ହାତରୁ ଗଲା ପାକିସ୍ତାନର ୨ ଅଞ୍ଚଳ

**ଇସଲାମାବାଦ୍,୧୦।୫:** ଭାରତ ସହିତ ଉତ୍ତେଜନା ମଧ୍ୟରେ ପାକିସ୍ତାଦ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଏକ ବଡ଼ ଝଟକା ଲାଗିଛି। ଏହି ଝଟ୍‌କା ବେଲୁଚିସ୍ତାନର ଯୋଦ୍ଧାମାନେ ଦେଇଛନ୍ତି। ବେଲୁଚିସ୍ତାନର ଯୋଦ୍ଧାମାନେ ପାକିସ୍ତାନ ସେନାକୁ ପରାସ୍ତ କରି ଏହାର ଦୁଇଟି ଅଞ୍ଚଳକୁ ଛଡ଼ାଇ ନେଇଛନ୍ତି। ଉଭୟ ଅଞ୍ଚଳ ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର। ଦି ବେଲୁଚିସ୍ତାନ ପୋଷ୍ଟ ଅନୁଯାୟୀ, ବେଲୁଚିସ୍ତାନ ପ୍ରଦେଶରେ ଯୋଦ୍ଧାମାନେ ସେମାନଙ୍କର ଆକ୍ରମଣକୁ ତୀବ୍ର କରିଛନ୍ତି। ବେଲୁଚ ବିଦ୍ରୋହୀମାନେ କେଚ, ପଞ୍ଜଗୁର ଏବଂ ଲାସବେଲା ଜିଲାରେ ବିସ୍ଫୋରଣ ଘଟାଇଥିଲେ। କେଚ ଏବଂ ପଞ୍ଜଗୁରରେ ଉପସ୍ଥିତ ସେନା କର୍ମଚାରୀମାନଙ୍କୁ ଗୁଳି କରାଯାଇ ଘଉଡ଼ାଇ ଦିଆଯାଇଥିଲା। ଉଭୟ ଅଞ୍ଚଳ ବେଲୁଚ ଯୋଦ୍ଧାମାନଙ୍କ ଦ୍ୱାରା କବଜା କରାଯାଇଥିଲା।



# ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବେ କୋହଲି

## ବିସିସିଆଇକୁ ଦେଲେ ସୂଚନା



ନୂଆଦିଲ୍ଲୀ,୧୦।୫: ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ, ଏବେ ତାଙ୍କ ସାଥୀ ବିରାଟ କୋହଲି ମଧ୍ୟ ଏହି ଫର୍ମାଟକୁ ବାଏ ବାଏ କହିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ(ବିସିସିଆଇ)କୁ ଜଣାଇଛନ୍ତି ଯେ, ସେ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଚାହୁଁଛନ୍ତି। ତଥାପି, ଏବେ ଉଚ୍ଚ ଅଧିକାରୀମାନେ ତାଙ୍କୁ ଏହି ନିଷ୍ପତ୍ତି ବିଷୟରେ ଚିନ୍ତା କରିବାକୁ ଅନୁରୋଧ କରିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ଇଂଲଣ୍ଡ ଗସ୍ତ ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ, ଏହି ଅଭିଜ୍ଞ ଖେଳାଳିଙ୍କୁ ଆଉ କ୍ରିକେଟର ଲମ୍ବା ଫର୍ମାଟରେ ଖେଳିବାର ଦେଖାଯିବ ନାହିଁ। ସେ ମନ ସ୍ଥିର କରିଛନ୍ତି ଏବଂ ବୋର୍ଡକୁ ଜଣାଇ ଦେଇଛନ୍ତି ଯେ ସେ ଟେଷ୍ଟ କ୍ରିକେଟରୁ ଅବସର ନେବେ। ଇଂଲଣ୍ଡର ଗୁରୁତ୍ୱପୂର୍ଣ୍ଣ ଗସ୍ତ ଆସୁଥିବାରୁ ବିସିସିଆଇ ତାଙ୍କୁ ପୁନର୍ବିଚାର କରିବାକୁ ଅନୁରୋଧ କରିଛି। ସେ ଏପର୍ଯ୍ୟନ୍ତ ଅନୁରୋଧର ଜବାବ ଦେଇନାହାଁନ୍ତି।

କିଛି ଦିନ ପୂର୍ବରୁ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ କୋହଲିଙ୍କ ଏହି ନିଷ୍ପତ୍ତି ଆସିଛି। ଆସନ୍ତା ମାସରେ ଇଂଲଣ୍ଡରେ ହେବାକୁ ଥିବା ପାଞ୍ଚଟିକିଆ ଟେଷ୍ଟ ସିରିଜ ପାଇଁ ଦଳ ବାଛିବା ପାଇଁ ଭାରତୀୟ ଚୟନକର୍ତ୍ତାମାନେ କିଛି ଦିନ ମଧ୍ୟରେ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ଯଦି କୋହଲି ତାଙ୍କ ମନ ପରିବର୍ତ୍ତନ ନ କରନ୍ତି ଏବଂ ରୋହିତ ମଧ୍ୟ ଦଳରେ ନାହାଁନ୍ତି, ତେବେ ଭାରତର କେଏଲ ରାହୁଲ, ଶୁବମନ ଗିଲ ଏବଂ ଯଶସ୍ୱୀ ଜୟସ୍ୱାଲଙ୍କ ସହିତ ଏକ ଅନଭିଜ୍ଞ ମଧ୍ୟମ କ୍ରମ ରହିବ। ଡିସେମ୍ବର ୨୦୧୪ରେ କୋହଲି ଏବଂ ଫେବୃଆରୀ ୨୦୨୨ରେ ରୋହିତ ଭାରତର ଟେଷ୍ଟ ଅଧିନାୟକ ହୋଇଥିଲେ।

## ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦: କଟକ ବିଜେତା




କଟକ, ୧୦।୫: ଅନ୍ତଃଜିଲ୍ଲା ମହିଳା ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ କଟକ ବିଜେତା ହୋଇଛି। ଶୁକ୍ରବାର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ କଟକ ୫ ୱିକେଟ୍‌ରେ ବଲାଙ୍ଗୀରକୁ ପରାସ୍ତ କରିଛି। ବଲାଙ୍ଗୀର ୫ ୱିକେଟରେ ୧୧୫ରନ କରିଥିଲା। ମାଧୁରୀ ମେହେଟା ୩୮, ସରିତା ମେହେର ୩୬* ରନ୍ କରିଥିଲେ। କଟକ ପକ୍ଷରୁ ଜାହ୍ନବୀ ଷଡ଼ଙ୍ଗୀ ୨ଟି ୱିକେଟ ନେଇଥିଲେ। ଜବାବରେ କଟକ ୧୯.୩ ଓଭରରେ ୫ ୱିକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ମୋନାଲିସା ରାଉତ ୩୬* ଓ ଶିଲ୍ପା ସ୍ୱାଇଁ ୩୪ ରନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧକ୍ଷ ବିକାଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଯଥାକ୍ରମେ ୨ ଲକ୍ଷ ଓ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

## ଖୋଖୋରେ ବାଳିକାଙ୍କୁ ସ୍ୱର୍ଣ୍ଣ, ବାଳକଙ୍କୁ ରୌପ୍ୟ



**ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା**

ଭୁବନେଶ୍ୱର, ୧୦।୫: ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାର ଖୋ ଖୋ ଇଭେଣ୍ଟ୍‌ରେ ଓଡ଼ିଶା ବାଳିକା ଦଳ ସ୍ୱର୍ଣ୍ଣ ଜିତିଥିଲା ବେଳେ ବାଳକ ଦଳ ରୌପ୍ୟ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଶୁକ୍ରବାର ବାଳିକା ଫାଇନାଲ୍‌ରେ ଓଡ଼ିଶା ୩୪-୩୧ରେ ମହାରାଷ୍ଟ୍ରକୁ ମାତ୍ ଦେଇଥିଲା। ହେଲେ ବାଳକ ଫାଇନାଲ୍‌ରେ ଓଡ଼ିଶା ୨୫-୩୪ରେ ମହାରାଷ୍ଟ୍ରଠୁ ହାରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲା। ବାଳିକା ଦଳରେ କିସ୍‌ର ୩ ଜଣ ସବିତା ମୁର୍ମୁ, ଲାସିରାଣୀ ରଇତା ଓ ଶୁଭଶ୍ରୀ ମଲ୍ଲିକ ଏବଂ ବାଳକରେ ଶେଷ ବସନ୍ତ ଶବର ରହିଥିଲେ। ଓଡ଼ିଶା ଦଳର ସ୍ୱର୍ଣ୍ଣ ଓ ରୌପ୍ୟ ବିଜୟରେ ଏମାନେ ବଡ଼ ଭୂମିକା ତୁଲାଇଥିଲେ। ଏହି ବିଜୟ ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




**ନୀଳାଚଳ ଟ୍ରଫି ଟ୍ୱେଣ୍ଟି-୨୦**

## ଫାଇନାଲରେ ବାପୁଜୀ-ରାଇଜିଂ

ପୁରୀ, ୧୦।୫: ସ୍ଥାନୀୟ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ଠାରେ ଚାଲିଥିବା ନୀଳାଚଳ ଟ୍ରଫି ଟ୍ୱେଣ୍ଟି-୨୦ ଫାଇନାଲ୍‌ରେ ବାପୁଚୀ ସ୍ପୋର୍ଟିଂ ଓ ରାଇଜିଂ ଷ୍ଟୁଡେଣ୍ଟ ମୁହାଁମୁହିଁ ହେବେ। ଶୁକ୍ରବାରର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱରର ବାପୁଜୀ ସ୍ପୋର୍ଟିଂ ୮ ୱିକେଟ୍‌ରେ ରାଞ୍ଚି ମେକନଙ୍କୁ ପରାସ୍ତ କରିଛି। ରାଞ୍ଚି ଦଳ ୧୨୧ ରନ୍ କରିଥିଲା। କୁମାର ଶାନ୍ତନୁ ୩୪ ରନ୍ କରିଥିଲା ବେଳେ ରାକେଶ ପଟ୍ଟନାୟକ ୨ ୱିକେଟ୍ ନେଇଥିଲେ। ଜବାବରେ ବାପୁଜୀ ସ୍ପୋର୍ଟିଂ କ୍ଷମା ଏସ୍ ବଳଙ୍କ ଅପରାଜିତ ୬୨ (୨୫ ବଲ୍) ରନ୍ ବଳରେ ୨ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ରାକେଶ ପଟ୍ଟନାୟକ ୨୨* ଓ ଅତୁଲ ୨୩* ରନ୍ କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି କ୍ଷମା ଏସ୍ ବଳ ଏବଂ ସୁପର ଷ୍ଟ୍ରାଇକ୍ରର ଭାବେ କୁମାର ଶାନ୍ତନୁଙ୍କୁ ପୂର୍ବତନ ରଣଜୀ ଦଳ ଅଧିନାୟକ ଲଲିତେନ୍ଦୁ ମହାପାତ୍ର, ଶକ୍ତିପ୍ରସନ୍ନ ନାୟକ, ସୁଇଲ ମହାପାତ୍ର, ଟୁର୍ଣ୍ଣାମେଣ୍ଟ କମିଟି ସଦସ୍ୟ ହରେଶ ମିଶ୍ର, ଆଶିଷ ଶତପଥୀ ପୁରସ୍କାର ପ୍ରଦାନ କରିଥିଲେ।

ଦ୍ୱିତୀୟ ସେମିଫାଇନାଲ୍‌ରେ କଟକ ରାଇଜିଂ ଷ୍ଟୁଡେଣ୍ଟ ୪ ୱିକେଟ୍‌ରେ ରାଉରକେଲା ସ୍ପୋର୍ଟସ୍ ଏକାଡେମୀକୁ ହରାଇଛି। ହୋଇଥିଲା। ରାଉରକେଲା ଦଳ ୯୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୬ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ୪ ୱିକେଟ୍ ନେଇଥିବା ରାଇଜିଂର ଅଭିନୀତ ପଟ୍ଟନାୟକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଏବଂ ସୁପର ଷ୍ଟ୍ରାଇକର ଅଭିଷେକଙ୍କୁ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପ୍ରାକ୍ତନ ଏସ୍‌ପି (ସ୍ପେସିଆଲ ବ୍ରାଞ୍ଚ) ଜ୍ଞାନରଞ୍ଜନ ମହାପାତ୍ର, ରାଜେଶ କୁମାର ମିଶ୍ର, ଅମ୍ବିକା ପ୍ରସାଦ ଦାସ, ହରେଶ ଚନ୍ଦ୍ର ମିଶ୍ର ପୁରସ୍କୃତ କରିଥିଲେ। ମ୍ୟାଚ୍ ଦ୍ୱୟକୁ ଓସିଏ ପ୍ୟାନେଲ ଅମ୍ପାୟାର ଦେବବ୍ରତ ଦାସ, ସମ୍ବିତ ପଟ୍ଟନାୟକ ଓ ଚନ୍ଦ୍ର ମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିଲେ।

## ଅଭୀପ୍ସା ବାଳିକା ଯୁଗଳ ଉପବିଜେତା

## ଫାଇନାଲ୍‌ରେ ସୋହିନୀ

ଭୁବନେଶ୍ୱର, ୧୦।୫: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କମ୍ପ୍ଲେକ୍ସରେ ଚାଲିଥିବା ଜେ୩୦ ଭୁବନେଶ୍ୱର ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍ ପ୍ରତିଯୋଗିତାର ବାଳିକା ଏକକ ଫାଇନାଲ୍‌ରେ ଓଡ଼ିଆ ଝିଅ ତଥା ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ସୋହିନୀ ଏସ୍ ମହାନ୍ତି ପ୍ରବେଶ କରିଛନ୍ତି। ସେମିଫାଇନାଲ୍‌ରେ ସୋହିନୀ ୬-୪, ୪-୬, ୬-୩ ସେଟ୍‌ରେ ଦୀଶା କୁମାରଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲ୍‌ରେ ପହଞ୍ଚିଥିବା ଓଡ଼ିଆ ଝିଅ ତଥା ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଆହାନ ଆହତ ଯୋଗୁଁ ଓହରି ଯିବାରୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅଲିନା ଫରିଦ ବିନା ପରିଶ୍ରମରେ ଫାଇନାଲ୍‌ରେ ପହଞ୍ଚିଛନ୍ତି। ବାଳକ ଏକକ ଫାଇନାଲ୍‌ରେ ଓମ୍ ପଟେଲ ଓ ଶିବତେଜ ସିର୍ଫୁଲେ ମୁହାଁମୁହିଁ ହେବେ। ଓମ୍ ୬-୧, ୬-୪ ସେଟ୍‌ରେ ଅମିତ ମୁଣ୍ଡଙ୍କୁ ଏବଂ ଶିବତେଜ ୬-୨, ୨-୬, ୭-୬ ସେଟ୍‌ରେ ହୃତିକ କାଟାକାମଙ୍କୁ ପରାସ୍ତ କରିଥିଲେ।

ବାଳିକା ଯୁଗଳରେ ଓଡ଼ିଆ ଝିଅ ଅଭୀପ୍ସା ଦେହୁରୀ ଓ ତାଙ୍କ ସାଥୀ ଶ୍ରୀନୀତି ଚୌଧୁରୀ ଉପବିଜେତା ହୋଇଛନ୍ତି। ଫାଇନାଲ୍‌ରେ ଏହି ଯୋଡ଼ି ୪-୬, ୧-୬ ସେଟ୍‌ରେ ଅଲିନା ଫରିଦ ଓ ଆଞ୍ଜେଲ ପଟେଲଙ୍କଠୁ ହାରିଯାଇଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥି ଭାବେ ଓଡ଼ିଶା ଟେନିସ ସଂଘ ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମସମ୍ପାଦକ ତଥା ପ୍ରତିଯୋଗିତା ନିର୍ଦ୍ଦେଶକ ସଂଜୀବ ପଣ୍ଡା, ଅଇଟିଏଫ୍ ସୁପରଭାଇଜର ପ୍ରବୀଣ ନାୟକ ଟ୍ରଫି ପ୍ରଦାନ କରିଥିଲେ।

## ଆନେକ୍ସ କପ ଫାଇନାଲରେ ଝାରଖଣ୍ଡର ସ୍ପୋର୍ଟିଂ ୟୁନିଅନ




ଜଗତସିଂହପୁର,୧୦।୫ (ସଂଚାର ବ୍ୟୁର): ଆଜିର ପ୍ରଥମ ସେମି ରେ ଆନ୍ନେକ୍ସ କପ୍ ସେମି ଫାଇନାଲ ମ୍ୟାଚ ରେ ସ୍ଥାନୀୟ ଏସଭିଏମ୍ କଲେଜ ପଡ଼ିଆରେ ଚାଲିଥିବା ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ଆନେକ୍ସ କପ ର ଫାଇନାଲ ରେ ପ୍ରବେଶ କରିଚି ଝାରଖଣ୍ଡ ସ୍ପୋଟିଂ। ପ୍ରଥମେ ଟସ୍ ରେ ଜିତି ଝାଡ଼ଖଣ୍ଡ ସ୍ପୋର୍ଟ୍ସ ୟୁନିଅନ୍ ବୋଲିଂ ର ନିଷ୍ପତ୍ତି ନେଇଥିଲା। ଜବାବ ରେ ହିନ୍ଦୁସ୍ଥାନ ସ୍ପୋଟିଂ ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୭୬ ରନ କରି ୮ ଟି ୱିକେଟ୍ ହରାଇଥିଲା। ଦଳ ପକ୍ଷରୁ ସର୍ବାଧିକ ସୌଭାଗ୍ୟ ମିଶ୍ର ୫୨ ଓ କିଶାନ ରଥ ୪୩ ଓ ପୁରୁଷୋତ୍ତମ ପ୍ରଧାନ ୨୪ ରନ ସଂଗ୍ରହ କରିଥିଲେ। ଝାରଖଣ୍ଡ ପକ୍ଷରୁ ଆଶ୍ୱିନ ୪ ଟି ଓ ଅଭିନାସ କୁମାର ୨ ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବ ରେ ୧୯.୨ ଓଭର ରେ ଏକ ସଂଘର୍ଷ ମୟ ମ୍ୟାଚ ରେ ୭ ୱିକେଟ୍ ହରାଇ ୧୭୭ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା ଝାରଖଣ୍ଡ ସ୍ପୋ ଟିଂ। ଦଳ ପକ୍ଷରୁ ସର୍ବାଧିକ କୁମାର ଅଙ୍କିତ ୪୧ ଶ୍ରେଷ୍ଠ ୩୧ ରୋନି କୁମାର ଯାଦବ ୨୪ ରନ କରିଥିଲେ।

ଶେଷ ୮ ଟି ବଲ ରେ ୧୫ ରନ ଆବଶ୍ୟକ ଥିଲା ବେଳେ ସୁରଜ୍ ଯାଦବ ୩ ଟି ବଲ ରେ ୧୦ କରି ଦଳ କୁ ବିଜୟୀ କରାଇଥିଲେ।ହିନ୍ଦୁସ୍ଥାନ ପକ୍ଷରୁ ସର୍ବାଧିକ ଜାମାଲା ମହାପାତ୍ର ୩ ଟି ୱିକେଟ ବିଶ୍ୱଜିତ୍ ମହାପାତ୍ର ଓ ସୁପ୍ରଭାତ ପଟ୍ଟନାୟକ ୨ ଟି ଲେଖା ୱିକେଟ୍ ଅକ୍ତିଆର କରିଥିଲେ।

ଏହି ଖେଳ ର ଶ୍ରେଷ୍ଠ ଖେଳାଳି ଝାଡ଼ଖଣ୍ଡ ଟିମ୍ ର କୁମାର ଅଙ୍କିତ ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ରୂପେ ଘୋଷଣା କରାଯାଇଥିଲା।

ଏହି ପୁରସ୍କାର ବିତରଣୀ ଉତ୍ସବ ରେ ସାମ୍ମାନୀତ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପିନାକୀ ମହାନ୍ତି, ତପନ କୁମାର ମଲ୍ଲିକ, ଜଗନ୍ନାଥ ଦାସ, ପୂର୍ବତନ ଛାତ୍ର ନେତା ଅଧ୍ୟାପକ ଆଶୁତୋଷ ପ୍ରୟାସ ଦାସ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ମ୍ୟାଚ୍ କୁ ଆଶୁତୋଷ ପାଣି, ସୌମେନ୍ଦ୍ର ପାତ୍ର, ବାପି ବିଶୋଇ, ଆଶୁତୋଷ ବେହେରା, ପ୍ରଶାନ୍ତ ମଲ୍ଲିକ, ପ୍ରିତମ ପ୍ରିୟଦର୍ଶନ, କରନ୍ ଖାନ ଓ ମିଲନ ଓଝା ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବେଇମାନ୍...

କରିଥିଲେ। ଭାରତ ପକ୍ଷରୁ ଏହାକୁ ଗ୍ରହଣ କରାଯାଇଛି। ତେବେ ଗତ ୫ ଦିନ ହେବ ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଭାରତ ପାକିସ୍ତାନର ବ୍ୟାପକ କ୍ଷତି କରିଥିବା ବେଳେ ଆଗାମୀ ଦିନରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରିବ ବୋଲି ଆଶା କରାଯାଉଥିଲା କିନ୍ତୁ ହଠାତ ଅସ୍ତ୍ରବିରତି ଲାଗୁ ହେବା ପରେ ସୀମା ପାର ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଆଜି କେନ୍ଦ୍ର ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଓ ପ୍ରତିରକ୍ଷା ବିଭାଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ସନ୍ଧ୍ୟା ୬ଟାରେ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଏହାର ଠିକ ପୂର୍ବରୁ ଅପରାହ୍ନ ୩.୩୫ ମିନିଟରେ ଭାରତୀୟ ଡିଜିଏମଓଙ୍କ ସହ ଆଲୋଚନା କଲେ ପାକିସ୍ଥାନର ଡିଜିଏମଓ। ସନ୍ଧ୍ୟା ୫.୫୫ ମିନିଟରେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ଟ୍ୱିଟ ଆସିଲା ଯେଉଁଥିରେ ସେ ଉଭୟ ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବା କହିଥିଲେ। ୫.୩୭ ମିନିଟରେ ଆମେରିକାର ରାଷ୍ଟ୍ର ସଚିବ ମାର୍କୋ ରୁବିଓ ମଧ୍ୟ ଅସ୍ତ୍ର ବିରତି ନେଇ ସୂଚନା ଦେଇଥିଲେ। ସନ୍ଧ୍ୟା ୬.୧୧ ମିନିଟରେ ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କରଙ୍କ ସାମାଜିକ ଗଣମାଧ୍ୟମରେ ବାର୍ତ୍ତା, ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି। ସନ୍ଧ୍ୟା ୬.୩୦ ମିନିଟରେ ସାମାଜିକ ଗଣମାଧ୍ୟମ ଏକ୍ସରେ ଆମେରିକା ଉପରାଷ୍ଟ୍ରପତି ଜେ ଡି ଭାନ୍ସଙ୍କ ବାର୍ତ୍ତା, ଭାରତ ଓ ପାକିସ୍ତାନକୁ ଅସ୍ତ୍ରବିରତି ପାଇଁ ରାଜି ହୋଇଥିବାରୁ ଶୁଭେଚ୍ଛା।

ତେବେ ଉଭୟ ଦେଶ ମଧ୍ୟରେ ଅସ୍ତ୍ର ବିରତି ନେଇ ପାକିସ୍ତାନ ସାଉଦୀଆରବ ଓ ତୁର୍କୀକୁ ଶ୍ରେୟ ଦେଇଛି। ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଦାର କହିଛନ୍ତି ଯେ, ଭାରତ ସହ ଅସ୍ତ୍ର ବିରତି ଚୁକ୍ତିରେ ସାଉଦୀଆରବ ଓ ତୁର୍କୀର ପ୍ରମୁଖ ଭୂମିକା ରହିଛି। ଭାରତ ସହ ଅସ୍ତ୍ର ବିରତି ପରେ ପାକିସ୍ତାନ ତାର ସବୁ ଏୟାରପୋର୍ଟକୁ ଚାଲୁ କରିଦେଇଛି। ଯାହା ଉଭୟ ଦେଶ ମଧ୍ୟରେ ଉତ୍ତେଜନା କାରଣରୁ ବନ୍ଦ କରାଯାଇଥିଲା। ଏପଟେ ଭାରତ ପକ୍ଷରୁ କୁହାଯାଇଛି ଯେ, ଅସ୍ତ୍ର ବିରତି ସତ୍ତ୍ୱେ ସିନ୍ଧୁ ଜଳ ବାତିଲ ଚୁକ୍ତି ବଳବତ୍ତର ରହିବ। ଏନେଇ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅସ୍ତ୍ର ବିରତି ବୁଝାମଣାରେ ପୂର୍ବ ଓ ପରବର୍ତ୍ତୀ ଦାବି କିଛି ରଖାଯାଇନି।

### ଅପପ୍ରଚାର...

ଆର. ନାୟର୍, ୱିଙ୍ଗ୍ କମାଣ୍ଡର୍ ବ୍ୟୋମିକା ସିଂହ ଓ କର୍ଣ୍ଣେଲ୍ ସୋଫିୟା କୁରେସୀ। ସେମାନେ କହିଛନ୍ତି ଯେ ପାକିସ୍ତାନର ଜେଏଫ-୧୭ ଦ୍ୱାରା ଭାରତର ଏସ-୪୦୦ ବ୍ରହ୍ମୋସ ମିସାଇଲ ବେସକୁ ଧ୍ୱଂସ କରାଯାଇଥିବା କୁହାଯାଉଛି । ହେଲେ ଏହି ପ୍ରଚାର ସମ୍ପୂର୍ଣ୍ଣ ମିଛ। ସେହିଭଳି ଶ୍ରୀନଗର, ଜାମ୍ମୁ, ପଠାନକୋଟ, ସିର୍ସା, ଭଟିଣ୍ଡା, ନଳିଆ ଓ ଭୁଜ ଏୟାରବେସ ପାକିସ୍ତାନ ଆକ୍ରମଣରେ ଧ୍ୱସ୍ତ ହୋଇଥିବା ଖବରରେ ମଧ୍ୟ କୌଣସି ସତ୍ୟତା ନାହିଁ ବୋଲି କର୍ଣ୍ଣେଲ୍ ସୋଫିୟା କହିଛନ୍ତି। ତା'ଛଡ଼ା ଚଣ୍ଡିଗଡ଼ ଓ ବ୍ୟାସଠାରେ ଥିବା ସେନା ଅସ୍ତ୍ରାଗାର ମଧ୍ୟ ସୁରକ୍ଷିତ ରହିଛି। ପାକିସ୍ତାନ ଏହାକୁ ଆକ୍ରମଣ କରି ଧ୍ୱଂସ କରିଦେଇଥିବା ଖବର ଆଦୌ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି। ଓ ପହଲଗାମ୍ ଆକ୍ରମଣ ପରେ ଭାରତର ଟାର୍ଗେଟରେ ଥିଲେ କେବଳ ଆତଙ୍କବାଦୀ ଓ ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା ଆତଙ୍କୀ ସଂଗଠନ। ଭାରତୀୟ ସେନା କୌଣସି ସାଧାରଣ ନାଗରିକ କିମ୍ବା ଧାର୍ମିକ ଅନୁଷ୍ଠାନକୁ କ୍ଷତି ପହଞ୍ଚାଯାଇନି। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବା ବେଳେ ସେନାବାହିନୀ ମଧ୍ୟ ତା'ର କାର୍ଯ୍ୟକଳାପରେ ସବୁବେଳେ ଏହି ଆଦର୍ଶକୁ ଗୁରୁତ୍ୱ ଦେଇଆସିଛି ବୋଲି କର୍ଣ୍ଣେଲ୍ ସୋଫିୟା କହିଛନ୍ତି। ସେପଟେ ଭାରତର ପ୍ରତିଆକ୍ରମଣରେ ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଓ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ଦୋହଲିଯାଇଛି । ପାକିସ୍ତାନର ଉଭୟ ସ୍ଥଳଭାଗ ଓ ଏୟାର ବେସ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି ବୋଲି ସେ କହିଛନ୍ତି। ସେହିପରି କମାଣ୍ଡର୍ ନାୟର୍ ମଧ୍ୟ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ପାଇଁ ମିଳିତ ବୁଝାମଣା ହୋଇଛି ବୋଲି ସୂଚନା ଦେଇଥିଲେ।

### ସୀମାବର୍ତ୍ତୀ ...

ଏହାଛଡ଼ା ରାଜସ୍ଥାନର ପୋଖରାନରେ ମଧ୍ୟ ମାଳମାଳ ଡ୍ରୋନ ଆସୁଥିବା ଦେଖାଯାଇଛି। ଏହିସବୁ ଡ୍ରୋନ୍ ଭାରତୀୟ ଡିଫେନ୍ସ ସିଷ୍ଟମ ନଷ୍ଟ କରୁଥିବା ଜଣାପଡ଼ିଛି। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପାକିସ୍ତାନର ଏପରି ଡ୍ରୋନ୍ ଆଟାକ୍ ପରେ ଜମ୍ମୁ, ଶ୍ରୀନଗର, ପଠାନକୋଟ, ଫିରୋଜପୁର, ଜୈସଲମେର୍, ବାରମେର୍, ଉଧମପୁର, ଗୁରୁଦାସପୁର ଓ ପୋଖରାନରେ ମଧ୍ୟ ସମ୍ପୂର୍ଣ୍ଣ ବ୍ଲାକଆଉଟ୍ କରାଯାଇଛି।

### ଭବିଷ୍ୟତରେ...

ଆକ୍ରମଣକୁ ଯୁଦ୍ଧ ବୋଲି ବିବେଚନା କରାଯିବ ଓ ଏହି ଯୁଦ୍ଧ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେନାକୁ ସିଧାସଳଖ କ୍ଷମତା ମିଳିବ। ଏପ୍ରିଲ ୨୨ ତାରିଖ ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରି ୨୬ଜଣଙ୍କ ଜୀବନ ନେଇଥିଲେ। ଏହାର ମୁହଁ ତୋଡ ଜବାବ ଦେଇଛି ଭାରତ। ଗତ ୭ରେ ପାକିସ୍ତାନ ଓ ପାକ୍ ଅଧୀକୃତ କାଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଉପରେ ସେନା ପକ୍ଷରୁ ବଡ ଧରଣର ଆକ୍ରମଣ କରାଯାଇଥିଲା। ଯାହାକୁ ନେଇ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ମଧ୍ୟ ବୃଦ୍ଧି ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏପରି ଦୃଢ଼ ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ମାତ୍ର ଆନ୍ତର୍ଜାତିକ ନିୟମ କହୁଛି ଯେତେବେଳେ କୌଣସି ଦେଶର ସେନା ଅନ୍ୟ ଦେଶ ଉପରେ ଆକ୍ରମଣ କରେ ତେବେ ତାହାକୁ ଯୁଦ୍ଧ ବୋଲି ବିଚାର କରାଯିବ। କିନ୍ତୁ ଜାତିସଂଘ ପକ୍ଷରୁ ସେମିତି କିଛି ନିୟମ ନିର୍ଦ୍ଧାରଣ କରାଯାଇନାହିଁ। ଜାତିସଂଘ ନିୟମ ଅନୁଯାୟୀ ସାଧାରଣତଃ କୌଣସି ଦେଶ ଅନ୍ୟ ଦେଶ ବିରୋଧରେ ଆକ୍ରମଣକୁ ବିରୋଧ କରେ। ତେଣୁ ଭାରତର ଏହି ନିଷ୍ପତ୍ତି ଆତଙ୍କବାଦ ବିରୋଧରେ ବଡ ପଦକ୍ଷେପ ସହ ଆତ୍ମସୁରକ୍ଷା ପାଇଁ ସେନା ବାହିନୀର ଉପଯୋଗ କ୍ଷେତ୍ରରେ ପ୍ରଥମ ଘଟଣା ବୋଲି କୁହାଯାଉଛି।

### ଜିଲ୍ଲାପାଳ...

ନିର୍ଦ୍ଦେଶ ଦେଇଥିଲେ । ଭାରତ ପାକିସ୍ତାନ ଉତେଜନା ମଧ୍ୟରେ ଅର୍ଦ୍ଧସାମରିକ ବାହିନୀର ଛୁଟି ବାତିଲ କରିବା ସହ ଛୁଟିରେ ଥିଲେ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦିଲ୍ଲୀରେ ମଧ୍ୟ ସବୁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସୀମାନ୍ତ ରାଜ୍ୟ ଯେପରିକି ଜମ୍ମୁ-କାଶ୍ମୀର, ରାଜସ୍ଥାନ ଓ ପଞ୍ଜାବରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ସେନା ମୁତୟନ କରାଯାଇଛି। ଭାରତୀୟ ସେନା ନିଜର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ପାଇଁ ୧୪ଟି ଟେରିଟୋରିୟାଲ ଆର୍ମି ଓ ଇନଫାନଣ୍ଟ୍ରି ବାଟାଲିୟନକୁ ସକ୍ରିୟ କରିଥିଲା।

### ଅସ୍ତ୍ରବିରତି ...

କୁହାଯାଉଛି। ଆହୁରି ମଧ୍ୟ ଶାନ୍ତି ବଜାୟ ରଖିବା ପାଇଁ ଆମେରିକା ପକ୍ଷରୁ ମଧ୍ୟ ପାକିସ୍ତାନ ଉପରେ ପ୍ରବଳ ଚାପ ପଡିଥିଲା। ଅନ୍ୟପକ୍ଷରେ ଏହି ଋଣକୁ ନେଇ ଆଇଏମଏଫ ନିକଟରେ ଭାରତ ବିରୋଧ କରିବା ସହ ଭୋଟିଂରୁ ବିରତ ରହିଥିଲା। ଆଇଏମଏଫର କୌଣସି ଋଣ ୱାଶିଂଟନ ଡିସିର ବିନାନୁମୋଦନରେ ମଞ୍ଜୁର ହୋଇନଥାଏ। ହ୍ୱାଇଟହାଉସର ଦସ୍ତଖତ ବିନା ଏହି ଋଣ ମିଳିପାରିବ ନାହିଁ। ତେଣୁ ପାକିସ୍ତାନକୁ ଯୁଦ୍ଧରୁ ବିରତ କରିବା ପାଇଁ ଆମେରିକା ଏହି ଋଣ ପ୍ରଦାନ କରିଥିବା ବିଶେଷଜ୍ଞମାନେ ଅନୁମାଦ କରୁଛନ୍ତି। ବିଶେଷକରି ଆମେରିକା ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ, ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ଷ୍ଟେଟ ସଚିବ ମାର୍କୋ ରୁବିଓ ଗତକାଲି ରାତିରେ ଦୀର୍ଘ ସମୟ ଧରି ଅସ୍ତ୍ରବିରତି ନେଇ ହୋଇଥିବା ଆଲୋଚନା ପରେ ଏହା ସମ୍ଭବ ହୋଇଛି ବୋଲି ଜୋର୍ ଦେଇଥିଲେ। ତେଣୁ ଆଇଏମଏଫ ଋଣ ଉଭୟ ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ସ୍ଥଗିତ ରଖିବାରେ ସହାୟକ ହେଉଥିବା କୁହାଯାଉଛି।

### ଅନ୍ତର୍ଜାତୀୟ ...

ପଦକ୍ଷେପ ସ୍ୱାଗତଯୋଗ୍ୟ। ଉଭୟ ଦେଶଠାରୁ ୟୁରୋପୀୟ ସଂଘ ସବୁବେଳେ ଶାନ୍ତି, ସ୍ଥିରତା ଓ ଆତଙ୍କବାଦବିରୋଧୀ ପଦକ୍ଷେପ ଆଶା କରିବ ବୋଲି ସେ କହିଛନ୍ତି।

ବ୍ରିଟେନ୍ ବୈଦେଶିକ ମନ୍ତ୍ରୀ ହେଭିଡ୍ ଲାମି ଦୁଇ ଦେଶ ସେମାନଙ୍କ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ନିଷ୍ପତ୍ତିକୁ ଦୀର୍ଘଦିନ କାଏମ ରଖିବେ ବୋଲି ଆଶା ଏବଂ ଏହା ମଧ୍ୟ ସମସ୍ତଙ୍କ ପାଇଁ ଶୁଭଙ୍କର ବୋଲି କହିଛନ୍ତି। ଏହାଛଡ଼ା ସାଉଦୀ ଆରବ ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯେ ଏସିଆ ମହାଦେଶରେ ଉଭୟ ଭାରତ ଓ ପାକିସ୍ତାନ ଆଗାମୀ ଦିନରେ ଶାନ୍ତି ବଜାୟ ଦିଗରେ ପଦକ୍ଷେପ ନେବେ ଓ ସେମାନଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ଶାନ୍ତିପୂର୍ଣ୍ଣ ତରିକାରେ କରିବେ।

### ଓଡ଼ିଶା ତଟରେ...

ଦିଆଯାଇଛି। ଯୁଦ୍ଧ ପରିସ୍ଥିତି ପାଇଁ ପୂଲିସ ସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ପୁଲିସ ମହାନିର୍ଦ୍ଦେଶକଙ୍କ ୱାଇବି ଖୁରାନିଆ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରେଳ ତଟରକ୍ଷୀ ଏଡିଜି, ଆଇନଶୃଙ୍ଖଳା ଏଡିଜି ଉପସ୍ଥିତ ରହି ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଥିଲେ।

ଏହି ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୋଥ୍ରା କହିଛନ୍ତି ଯେ ନୌସେନା ଓ ଗୁଇନ୍ଦା ବିଭାଗ ସହ ନିୟମିତ ଯୋଗାଯୋଗ ରହିଛି। ରାଜ୍ୟରେ କମ୍ୟୁନିଟି ପୁଲିସିଂ ପ୍ରୋଗ୍ରାମ ୪ ମାସ ତଳେ ଆରମ୍ଭ ହୋଇଥିଲା। ୧୮ଟି ଥାନା ସ୍ତରରେ କାମ କରାଯାଉଛି। ତଟ ସୁରକ୍ଷା ବାହିନୀ ନୌସେନା ସହ ଯୋଗାଯୋଗ ରଖି କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି ଶ୍ରୀ ବୋଥ୍ରା। ଆଲୋଚ୍ୟ ବୈଠକରେ ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଗୁଇନ୍ଦା ନିର୍ଦ୍ଦେଶକ ଆରପି କୋଚେ ଓ କେନ୍ଦ୍ରାଞ୍ଚଳ ଆଇଜି ଏସ. ପ୍ରବୀଣ କୁମାର ଉପସ୍ଥିତ ଥିଲେ।

### ସଅଳ ଆସିବ...

ବର୍ଷା ପରିମାଣ ୮୭ ପ୍ରତିଶତ ରହିଥିବା ଆଇଏମ୍‌ଡି ପକ୍ଷରୁ କୁହାଯାଇଥିଲା। ସେହିପରି ଲମ୍ବା ଅବଧି ମଧ୍ୟରେ ୯୦ ପ୍ରତିଶତରୁ କମ୍ ବର୍ଷାକୁ ନିଅଣ୍ଟିଆ ଏବଂ ୯୦ରୁ ୯୫ ପ୍ରତିଶତ ବର୍ଷାକୁ ସ୍ୱାଭାବିକଠାରୁ କମ୍ ବୋଲି କୁହାଯାଇଥାଏ। ଏହାଛଡ଼ା ୧୦୫ରୁ ୧୧୦ ପ୍ରତିଶତ ବର୍ଷାକୁ ସ୍ୱାଭାବିକଠାରୁ ଅଧିକ ଓ ୧୧୦ ପ୍ରତିଶତରୁ ଅଧିକ ବର୍ଷା ହେଲେ ଏହାକୁ ଅତ୍ୟଧିକ ବୋଲି ବିବେଚନା କରାଯାଇଥାଏ। ତେବେ ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଦେଶର ଚାଷୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। କାରଣ ଦେଶର ୪୨.୩ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରୁଥିବା ବେଳେ ଜିଡିପି ପ୍ରତି ଏହି କ୍ଷେତ୍ରର ଅବଦାନ ୧୮.୨ ପ୍ରତିଶତ ରହିଆସିଛି।

**ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଅଭିଯୋଗ**

## ଅଭିଯୁକ୍ତକୁ ୨୨ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଜୋରିମାନା

**ବାରିପଦା,୧୦।୫(ସଂଚାର ବ୍ୟୁର):** ଜନୈକ ନାବାଳିକା କୁ ବିବାହ ର ମିଛ ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିଥିବା ଅଭିଯୋଗ ସଂକ୍ରାନ୍ତ ଏକ ମାମଲାର ବିଚାର କରି ମାନ୍ୟବର ଆଡ଼ ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଅଣ୍ଡାର ପୋକ୍ସୋ ଆକ୍ଟ ସନ୍ତୋଷ କୁମାର ନାୟକ ଅଭିଯୁକ୍ତ ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପର ଥାନା ଅନ୍ତର୍ଗତ ବାଧିମୁହା ଗ୍ରାମର ଶରତ ପରମାଣିକ (୩୮) କୁ ଦଫା ୩୫୪ ଅନୁଯାୟୀ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସମେତ ପାଞ୍ଚ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ସେହିପରି ଦଫା ୬ ଅଫ ପୋକ୍ସୋ ଆକ୍ଟ ରେ କୋଡିଏ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଦଶ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଏ ସମସ୍ତ ଦଣ୍ଡାଦେଶ ଏକକାଳୀନ ଲାଗୁ କରିବା ପାଇଁ ରାୟରେ ଉଲେଖ କରାଯାଇଅଛି। ଏଥି ସହିତ କ୍ଷତିପୁରଣ ବାବଦରେ ପୀଡିତା ନାବାଳିକା ନାମରେ ଏକ ରାଷ୍ଟ୍ରୟତ ବ୍ୟାଙ୍କରେ ତିନି ଲକ୍ଷ ଟଙ୍କା ପାଞ୍ଚ ବର୍ଷ ପାଇଁ ଜମା କରିବା କୁ ଜିଲ୍ଲା ଆଇନ ସହୟତା କର୍ତ୍ତୃପକ୍ଷ ଙ୍କୁ ଅଦାଲତ ପକ୍ଷରୁ ନିର୍ଦେଶ ଦିଆଯାଇଅଛି। ମାମଲାର ବିବରାଣୀ ରୁ ପ୍ରକାଶ ଯେ ପୀଡିତା ନାବାଳିକା ଜଣକ ଦଶମ ଶ୍ରେଣୀ ରେ ପାଠ ପଢୁଥିଲା। ଅଭିଯୁକ୍ତ ନାବାଳିକା ବିଦ୍ୟାଳୟ କୁ ଯିବା ବାଟରେ ନିୟମିତ ଛକି ରହି ତା ସହିତ ସୁସମ୍ପର୍କ ବନାଇବାରେ ସକ୍ଷମ ହୋଇଥିଲା। ଏଥି ସହିତ ତାକୁ ବିବାହର ମିଛ ପ୍ରତିଶ୍ରୁତି ଦେଇ ତା ସହିତ ବାରମ୍ବାର ଦୁଷ୍କର୍ମ କରିଥିଲା।

## ଶ୍ରୀମନ୍ଦିରର ୪ ଦ୍ୱାରରେ ସମସ୍ତ ଡିଏଫ୍‌ଏମ୍‌ଡି ଅଚଳ



**ପୁରୀ,୧୦।୫(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ଚାରି ଦ୍ୱାରରେ ସମସ୍ତ ଡିଏଫ୍‌ଏମ୍‌ଡି (ଡୋର୍ ଫ୍ରେମ୍ ମେଟାଲ୍ ଡିଟେକ୍ଟର୍) ମେସିନ୍ ଅଚଳ ହୋଇ ପଡ଼ିଛି । ସିଂହଦ୍ୱାରରେ ୫ଟି ଓ ଅନ୍ୟ ୩ ଦ୍ୱାରରେ ୩ଟି ଡିଏଫ୍‌ଏମ୍‌ଡି ନିଷ୍କ୍ରିୟ ଅବସ୍ଥାରେ ଥିବାବେଳେ ହାତ ମାରି ଯାଞ୍ଚ୍ କରୁଛି ପୁଲିସ । ଶ୍ରୀମନ୍ଦିର ଭିତରକୁ ସମସ୍ତ ପ୍ରବେଶ ପଥରେ ଏହି ମେସିନ୍ ଲାଗିଛି । ସିଂହଦ୍ୱାରରେ ଥିବା ୫ଟି ଲେନ୍‌ରେ ୫ଟି ଅଚଳ ମେସିନ୍ ଭିତରେ ପ୍ରବେଶ କରି ଶ୍ରୀମନ୍ଦିର ଭିତରକୁ ଯାଉଛନ୍ତି ଶ୍ରଦ୍ଧାଳୁ । ହେଲେ ଅନ୍ୟ ୩ ଦ୍ୱାର ଠାରେ ଥିବା ୩ଟି ଅଚଳ ମେସିନ୍ ପାଶ୍ୱର୍ ଦେଇ ଶ୍ରଦ୍ଧାଳୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି । ମାସ ମାସ ଧରି ଏହି ଅଚଳ ମେସିନ୍ ୪ ଦ୍ୱାରରେ ଲାଗିଥିବାବେଳେ ଏହାର ମରାମତି କରାଯାଉ ନାହିଁ । କିନ୍ତୁ ଗଣମାଧ୍ୟମକୁ ତଥ୍ୟ ଦେବାବେଳେ ଏହି ମେସିନ୍ ସଚଳ ଥିବା ନେଇ ପୁଲିସ ଭୁଲ୍ ସୂଚନା ପ୍ରଦାନ କରୁଥିବା ଜଣାପଡ଼ିଛି । ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ଏବେ ଯୁଦ୍ଧ ସମୟରେ ଶ୍ରୀମନ୍ଦିର ଭଳି ସମ୍ବେଦନଶୀଳ ସ୍ଥାନରେ ଅଘଟଣର ଆଶଙ୍କା ରହିଛି । ତେଣୁ ଅବ୍ୟବସ୍ଥାକୁ ତରନ୍ତ ଦୂର କରିବାକୁ ଦାବି ହେଉଛି।

ଚୂଡ଼ାମଣି ସାମୁଦ୍ରିକ ଥାନା ପୁଲିସର ଦବଙ୍ଗଗିରି

# ଥାନା ଗାଡ଼ିରେ ଆସିଲେ, ବ୍ୟବସାୟୀଙ୍କୁ ଚାପିଦେଇ ଚାଲିଗଲେ



**ବାସୁଦେବପୁର, ୧୦ା୫ (ସଂଚାର ବ୍ୟୁରୋ):** ପରିବା ବ୍ୟବସାୟୀଙ୍କ ଉପରେ ଚଢ଼ିଗଲା ଥାନା ଗାଡି। ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ବି ବ୍ୟବସାୟୀ ଜଣଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ଦେଉଳି ଛକ ନିକଟରେ।

ଦେଉଳି ଗ୍ରାମର ପରିବା ବ୍ୟବସାୟୀ କୈଳାଶ ବେହେରା ଓରଫ କଟୁଲୁ ନିଜ ଦୋକାନ ବନ୍ଦ କରି ଦେଉଳି ଅଭିମୁଖେ ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଚୂଡ଼ାମଣି ସାମୁଦ୍ରିକ ଥାନା ଗାଡି ଭାରସ୍ୟାମ ହରାଇ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁଁ ଛିଟିକି ପଡ଼ିଥିଲେ ପଚାଶ ବର୍ଷ ବୟସ୍କ କୈଳାଶ। ଗୋଡ, ହାତ, ମୁଣ୍ଡ ଫାଟି ବିଚରା କୈଳାଶ ରାସ୍ତାରେ ପଡ଼ିଥିବା ବେଳେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାନୀୟ ଯୁବକମାନେ ଆଣି ଚିକିତ୍ସିତ କରାଉଥିବା ବେଳେ ଦୁର୍ଘଟଣା ଘଟାଇ ଥିବା ଚୂଡ଼ାମଣି ସାମୁଦ୍ରିକ ଥାନା ଗାଡି ସହ ଗାଡିରେ ସିଭିଲ ପୋଷାକରେ ଥିବା ଥାନାଧିକାରିଣୀ ବନାନୀ ବେହେରାଙ୍କ ସମେତ କର୍ମଚାରୀମାନେ ମାରିଥିଲେ ଚମ୍ପଟ। ପରେ କସିଆ ଥାନା ଅଧିକାରିଣୀ ସାବିତ୍ରୀ ପଣ୍ଡା ଓ ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ ମାନବିକତାର ପରିଚୟ ଦେଇ ଦୁର୍ଘଟଣାଗ୍ରସ୍ତ କୈଳାଶଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଯିବାର ବ୍ୟବସ୍ଥା କରିଥିଲେ।

ସାଧାରଣରେ ପ୍ରଶ୍ନ ଉଠୁଛି ଦେଶରେ ଆପତ୍ତକାଳୀନ ପରିସ୍ଥିତି ସୃଷ୍ଟି ହୋଇ ଥିବା ବେଳେ ସାମୁଦ୍ରିକ ତଟ ଉପରେ ନଜର ନ ରଖି ମାଡାମ ବନାନୀ ମହୋଦୟା ବାସୁଦେବପୁରରେ କରୁଥିଲେ କଣ? ଚର୍ଚ୍ଚା ଚାଲିଛି ଚୂଡ଼ାମଣି ସାମୁଦ୍ରିକ ଥାନାରେ କମ କିନ୍ତୁ ନିଜ ଭଡ଼ା ଘର ବାସୁଦେବପୁରରେ କୁଆଡେ ଚାଲେ ତାଙ୍କ କାର୍ଯ୍ୟାଳୟ। ସବୁ ଡିଲ ହୁଏ ସେହି ଭଡ଼ା ଘରେ। ମାଡାମ ପୁଲିସ ଚାକିରୀ କରିଛନ୍ତି ସତ ହେଲେ ସେହି ପୋଷାକ କେବଳ ଜନଶୁଣାଣୀ ଓ ଆରକ୍ଷୀ ଅଧିକ୍ଷକ ମହୋଦୟ ଆସିଲେ ବହୁ କଷ୍ଟରେ ପିନ୍ଧନ୍ତି। ଥାନା ଗାଡି କିନ୍ତୁ ସାଧାରଣ ଜନତାଙ୍କ ପାଇଁ ଉପଲବ୍ଧ ନ ଥାଇ ଥାଏ ନିଜ ଭଡ଼ା ଘର ସାମ୍ନାରେ। ଏନେଇ ଆମେ ଥାନା ଅଧିକାରିଣୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାକୁ ସ୍ୱୀକାର କରିବା ସହ ଗାଡିର ଆଗ ଚକା ଫାଟି ଯିବାରୁ ଏପରି ହେଲା ବୋଲି କହିଛନ୍ତି।

ସାଧାରଣରେ ପ୍ରଶ୍ନ ଦୁର୍ଘଟଣା ଘଟାଇ ଆହତଙ୍କୁ ମେଡିକାଲ ପଠାଇବା ନୈତିକତା ବୋଲି ପୁଲିସ ଜାଣି ମଧ କେଉଁଥି ପାଇଁ ଚୂଡ଼ାମଣି ସାମୁଦ୍ରିକ ଥାନା ଅଧିକାରିଣୀ ନିଜେ ହୋଇଗଲେ ଉଭାନ? ଘଟଣା ସମ୍ପର୍କରେ ଗୃହ ବିଭାଗ ତଦନ୍ତ କରି ଗାଡି ଚାଳକ ଓ ଥାନା ଅଧିକାରିଣୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ପିତୃମାତୃହୀନ ନେପାଳୀ ଯୁବତୀଙ୍କୁ ବିବାହ କଲେ ଓଡ଼ିଆ ଯୁବକ



**କେନ୍ଦ୍ରାପଡ଼ା, ୧୦ା୫ (ସଂଚାର ବ୍ୟୁରୋ):** ଜଣେ ପିତୃମାତୃହୀନ ନେପାଳୀ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ପରେ ତାଙ୍କର ବିଭାଘର କରାଇଛନ୍ତି କେନ୍ଦ୍ରାପଡ଼ା ସହରର ସ୍ୱେଚ୍ଛାସେବୀ ସେକ ଲିଆକତ ହୋସେନ । ଯୁବତୀଜଣଙ୍କ ହେଉଛନ୍ତି ଲଳିତା କୁମାରୀ ଓଲି (୨୯) । ସୂଚନା ଅନୁଯାୟୀ ଯୁବତୀ ଜଣଙ୍କୁ ମାତ୍ର ୩ ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ମା'ଙ୍କର ଦେହାନ୍ତ ହୋଇଯାଇଥିଲା । ଯୁବତୀଙ୍କ ଘର ନେପାଳର କାଠମାଣ୍ଡୁରେ । ତାଙ୍କ ବାପା ଶେର ବାହଦୁର କେନ୍ଦ୍ରାପଡ଼ାରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ । ହଠାତ୍ ଝିଅ ଲଳିତାଙ୍କୁ ୩ବର୍ଷ ବୟସ ହୋଇଥିବା ବେଳେ ଶେର ବାହାଦୁରଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଯିବାରୁ ଝିଅର ଲାଳନପାଳନ କରିବା ପାଇଁ ଶେର ବାହାଦୁର କେନ୍ଦ୍ରାପଡ଼ା ସହରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେସଓ୍ୱା ସ୍ୱେଛାସେବୀ ଅନୁଷ୍ଠାନରେ ଝିଅକୁ ଛାଡ଼ିଦେଇଥିଲେ । ଏହାପରେ ଶେର ବାହାଦୁର ଏକ ନେପାଳୀଙ୍କ ବୈଠକରେ ଯୋଗ ଦେବାକୁ ଯାଇ ଆଉ ଫେରିନଥିଲେ। ଲଳିତା ରେସଓ୍ୱା ସହାୟତାରେ ସ୍ଥାନୀୟ ବିଦ୍ୟାଳୟରେ ଅଧ୍ୟୟନ କରି ମାଟ୍ରିକ ଯାଏଁ ପାଠ ପଢିଥିଲେ। ଏହାପରେ ସେ ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରି ଆତ୍ମନିର୍ଭରଶୀଳ ହୋଇଥିଲେ । ସହରର ମନକରପୁର ଠାରେ ଏକ ଟେଲରିଂ(ଦରଜୀ) ଦୋକାନ କରିଥିଲେ । ଲିଆକତ ତାଙ୍କୁ ରହିବା ପାଇଁ ଏକ ଘର ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ । ଏହାପରେ ସ୍ୱେଚ୍ଛାସେବୀ ଲିଆକତ ଲଳିତାଙ୍କ ପାଇଁ ଏକ ବରପାତ୍ର ଖୋଜିବାରେ ଲାଗିଯାଇଥିଲେ। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ପାଥଇତର ମେହେନ୍ଦିପୁର ଗ୍ରାମର ବିଜୟ କୁମାର ବେହେରାଙ୍କ ପୁଅ ରାଜେଶ(୩୦)ଙ୍କ ସହ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ବୈଦିକ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଛି। ବିଜୟ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଟେଣ୍ଡା ଭାବେ କାର୍ଯ୍ୟ କରୁଥିବା ବେଳେ ଲଳିତାଙ୍କର ମଧ କେନ୍ଦ୍ରାପଡ଼ା ସହର ମନକରପୁର ଠାରେ ଏକ ଟେଲରିଂ ଦୋକାନ ରହିଛି । ଏହି ବିବାହରେ ରାଜେଶଙ୍କ ପରିବାର ସଦସ୍ୟମାନେ ବେଶ ଖୁସିଥିବା ପ୍ରକାଶ କରିଛନ୍ତି ।

# ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନବଦମ୍ପତି କିଟ ବଣ୍ଟନ



**ବାଲିଅନ୍ତା, ୧୦ା୫ (ସଂଚାର ବ୍ୟୁରୋ):** ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ନବ ଦମ୍ପତ୍ତି ପରିବାର ନିୟନ୍ତ୍ରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତନ୍ମୟ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଜି ମୋଟ ୧୪ ଜଣ ଦମ୍ପତ୍ତିଙ୍କୁ ସଚେତନତା କିଟ ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିବାହର ଦୁଇ ବର୍ଷ ପରେ ପ୍ରଥମ ଗର୍ଭ ଓ ପ୍ରଥମ ସନ୍ତାନ ପ୍ରାପ୍ତିର ଅନ୍ୟୁନ ୩ ବର୍ଷ ପରେ ଦ୍ୱିତୀୟ ସନ୍ତାନ ନେଇ ଗର୍ଭଧାରଣ କରିବା ଉପରେ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧରେ ପ୍ରତାପଶାସନ ପଞ୍ଚାୟତର ଅଙ୍ଗନବାଡ଼ି, ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର ଓ ମହିଳମାନେ ଉପସ୍ଥିତ ଥିଲେ।

ଭାରତ-ପାକ୍ ଯୁଦ୍ଧ

## ନୟାଗଡ଼ ଟାଉନ ଷ୍ଟେସନ ଓ ବସଷ୍ଟାଣ୍ଡରେ ପୁଲିସର ଛାନଭିନ୍



**ନୟାଗଡ଼, ୧୦ା୫ (ସଂଚାର ବ୍ୟୁରୋ) :** ନୟାଗଡ଼ ଟାଉନ ଷ୍ଟେସନରେ ବୋମା ଆଶଙ୍କା ନେଇ ପୁଲିସ ଓ ବୋମା ନିଷ୍କ୍ରିୟକାରୀ ଦଳ ଛାନଭିନ୍ କରିଛନ୍ତି । ଭଦ୍ରକରୁ ଦଶପଲ୍ଲା ଅଭିମୁଖେ ଆସୁଥିବା ଟ୍ରେନ ଏବଂ ପୂରା ଷ୍ଟେସନକୁ ଛାନଭିନ୍ କରାଯାଇଛି । ଭାରତ ପାକିସ୍ତାନ ଯୁଦ୍ଧକୁ ନେଇ ଆଜି ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଛି। ଯଦି ଟାଉନ ଷ୍ଟେସନରେ ବୋମା କିମ୍ବା କୌଣସି ଡ୍ରୋନ ଆକ୍ରମଣ ହୁଏ, ତାହାକୁ ପ୍ରତିହତ କରିବା ପାଇଁ କିଭଳି ପଦକ୍ଷେପ ନିଆଯିବ, ସେ ନେଇ ଜିଲ୍ଲା ପୁଲିସ ସତର୍କତାର ଯାଞ୍ଚ କରୁଛି । ଭଦ୍ରକ ଟ୍ରେନରେ ଆସିଥିବା ସମସ୍ତ ଯାତ୍ରୀଙ୍କ ଲଗେଜକୁ ଯାଞ୍ଚ କରାଯିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ନୟାଗଡ଼ ଏସପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ପୁଲିସ ଓ ବୋମା ନିଷ୍କ୍ରିୟକାରୀ ଦଳ ଛାନଭିନ୍ କରୁଛନ୍ତି । ସେହିଭଳି ଭାବେ ନୟାଗଡ଼ ସହରରେ ବିଭିନ୍ନ ଗାଡି ମୋଟର ଯାଞ୍ଚ କରାଯାଇଛି। ଘରୋଇ ବସ ଏବଂ ବିଭିନ୍ନ ଯାନ ବାହାନକୁ ପୁଲିସ ଓ ବୋମା ନିଷ୍କ୍ରିୟକାରୀ ଦଳ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି । ଯାଞ୍ଚ ସମୟରେ ନୟାଗଡ ଟାଉନ ଥାନା ବରିଷ୍ଠ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର, ଉପ ନିରୀକ୍ଷକ ସନ୍ତୋଷ କୁମାର ଦାସ ସମେତ ବହୁପୋଲିସ୍ କର୍ମଚାରୀ ସାମିଲ ହେଇଥିଲେ ।

## ବ୍ରାଉନସୁଗର ଜବତ, ପଲସର ସହ ଯୁବକ ଗିରଫ



**ଖୋର୍ଦ୍ଧା, ୧୦ା୫ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ଗୁରୁଜଙ୍ଗ ଅଞ୍ଚଳରେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୭୨ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହିତ ଗୋଟିଏ କଳାରଙ୍ଗର ବଜାଜ୍ ପଲସର ୧୫୦ ଯାହାର ନମ୍ବର ଓଡ଼ି -୧୪-୪୦୨୫ କୁ ଜବତ କରିବା ସହିତ ବ୍ୟବସାୟୀ ସୁମନ୍ତ କୁମାର ବାରିକ ଓରଫ ଗୋଧିକୁ ଅବକାରୀ ବିଭାଗର ମୋବାଇଲ ଟିମ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଅବକାରୀ ମୋବାଇଲ ଟିମ ପକ୍ଷରୁ ମିଳିଛି। ତେବେ ଖୋର୍ଦ୍ଧା ସହରର ଅଂଶ ବିଶେଷ ଗୁରୁଜଙ୍ଗ ହୋଇଥିବା ବେଳେ ଏହାର ଆଖପାଖ ଅଞ୍ଚଳ ଖୋଲା ଓ ଜଙ୍ଗଲ ସଦୃଶ ରହିଥିବା ହେତୁ ଏହି ସ୍ଥାନ ମାନଙ୍କରେ ନିଶା ବ୍ୟବସାୟୀ ମାନେ ନିଶା କାରବାର କରିବା ଉଚିତ ମଣୁଛନ୍ତି। ଯାହା ଫଳରେ ଖୋର୍ଦ୍ଧା ସହର ମଧରେ ହେଉଥିବା ବ୍ରାଉନସୁଗାର ବ୍ୟବସାୟ ଏବେ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଗୁରୁଜଙ୍ଗ ମେଳଣ ପଢିଆ ଏବେ ବ୍ରାଉନସୁଗାର ବ୍ୟବସାୟର ହବ ସ୍ଥଳ ପାଲଟିଛି। ଏହି ସ୍ଥାନରେ ବାରମ୍ବାର ପୁଲିସ ପକ୍ଷରୁ ଚଢାଉ କରି ବ୍ରାଉନସୁଗାର ଜବତ କରୁଥିବା ବେଳେ ଅବକାରୀ ବିଭାଗ ମଧ ପୁଲିସ କେଶକୁ ଚାଲେଞ୍ଜ ଦେଇ କେଶ କରିବାରେ ଲାଗିଛି। ତେବେ ପୁଲିସ କରୁଥିବା କେସ୍ ରେ କମ ବ୍ରାଉନ ସୁଗାର ଜବତ ହେଉଥିବା ବେଳେ ଅବକାରୀ ବିଭାଗ କରୁଥିବା କେଶରେ ଅଧିକ ମାତ୍ରାରେ ବ୍ରାଉନ ସୁଗାର ଜବତ ହେଉଥିବା ଦେଖିବାକୁ ମିଳୁଛି। ତେବେ ପୁଲିସର କୋହଳ ଦଫା ପାଇଁ ସହରରେ ବ୍ରାଉନସୁଗାର ବ୍ୟବସାୟ ଥମିବା ନା ଧରୁନାହିଁକି ବୋଲି ସାଧାରଣରେ ଏବେ ଚର୍ଚ୍ଚା ହେଉଛି। କାରଣ ନିଶା ବ୍ୟବସାୟୀ ମାନେ ଏବେ ସହରରୁ ଦୁରକୁ ଚାଲି ଯାଉଥିବା ବେଳେ ଗ୍ରାମ ବଣ ଜଙ୍ଗଲ ମାନଙ୍କରେ ତାଙ୍କ ସାମ୍ରାଜ୍ୟ ବୃଦ୍ଧି କରୁଥିବା ବେଳେ ଏହାକୁ ରୋକ ଦେବାରେ ପୁଲିସ ବିଭାଗ ଓ ଅବକାରୀ ବିଭାଗ ବିଫଳ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଦୁଇଦିନ ତଳେ ଏହି ସ୍ଥାନରେ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ୨ ଜଣଙ୍କୁ ଗିରଫକରି ୨୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିବା ବେଳେ ଅବକାରୀ ବିଭାଗ ଠିକ ଏହାର ଦୁଇଦିନ ପରେ ସମାନ ସ୍ଥାନରୁ ୭୨ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି।

● ଖୋର୍ଦ୍ଧା ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୪୬,୪୪୯ ମାମଲାର ଫଇସଲା



**ଭୁବନେଶ୍ୱର, ୧୦ା୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଟାଙ୍ଗୀ, ଚିଲିକା ଓ ବେଗୁନିଆରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ୍ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ମତେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜନ କରାଯାଇଛି।

ଆଗତ ସର୍ବମୋଟ ୭୬୪୩୭ଟି ମାମଲା ମଧରୁ ୪୬୪୪୯ଟି ଫଇସଲା କରାଯାଇଥିବା ବେଳେ ଜରିମାନା/ ସେଟେଲ୍‌ମେଣ୍ଟ/ ରାଜସ୍ୱ ଆକାରରେ ସର୍ବମୋଟ ୨୬,୨୭,୦୮,୩୯୫ଟଙ୍କା ଆଦାୟ ପାଇଁ ସ୍ଥିରିକୃତ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭୁବନେଶ୍ୱର ବିରଞ୍ଚି ନାରାୟଣ ମହାନ୍ତି, ପରିବାର ଅଦାଲତ ଜଜ ମଦନଲାଲ କେଡ଼ିଆ, ନରେଶ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ ହିମାଂଶୁ ଶେଖର ମଲ୍ଲିକ, ଶୁଭଞ୍ଜନ ମହାନ୍ତି, ବନ୍ଦନା କରଙ୍କ ସମେତ ବହୁ ପଦସ୍ଥ ବିଚାର ବିଭାଗୀୟ ଅଧିକାରୀମାନେ ଲୋକ ଅଦାଲତରେ ଉପସ୍ଥିତ ରହି ରେକର୍ଡ ସଂଖ୍ୟକ ମାମଲା ଫଇସଲା କରିଥିଲେ।

## ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଲୁପସ୍ ଦିବସରେ ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର, ୧୦ା୫ (ସଂଚାର ବ୍ୟୁରୋ) :** ଲୁପସ୍ ଏକ ସଂକ୍ରାମକ ରୋଗ ନୁହେଁ। ଏହା ଏକ ଅଟୋ ଇମ୍ୟୁନ୍ (ସ୍ୱ-ପ୍ରତିରକ୍ଷୀ) ରୋଗ। ତେବେ ଏହାର ଚିକିତ୍ସା ସମ୍ଭବ। ତେଣୁ ରୋଗକୁ ଡରିବା ପରିବର୍ତ୍ତେ ଉପଯୁକ୍ତ ଚିକିତ୍ସା କରାଗଲେ ମଣିଷ ସୁସ୍ଥ ହୋଇପାରିବ। ଏଭଳି ସଚେତନତାର ବାର୍ତ୍ତା ନେଇ ବିଶ୍ୱ ଲୁପସ୍ ଦିବସ ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଶନିବାର ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଶନିବାର ସକାଳେ ରାଜଧାନୀର ମାଷ୍ଟର କ୍ୟାଂଟିନ୍ ଛକ ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏହି ସଚେତନତା ରାଲିର ଆୟୋଜନ କରାଯାଇଥିବା ବେଳେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇ ରାଲିର ଶୁଭାରମ୍ଭ କରିଥିଲେ। ସମ୍ ହସ୍ପିଟାଲର ଏଭଳି ସଚେତନତା ପଦକ୍ଷେପକୁ ପ୍ରଶଂସା କରି ଲୁପସ୍ ଭଳି ରୋଗକୁ ପରାସ୍ତ କରିବା ନିମନ୍ତେ ଉପଯୁକ୍ତ ଚିକିତ୍ସା ଓ ସଚେତନତାର ଆବଶ୍ୟକତା ରହିଛି ବୋଲି ଶ୍ରୀ ସିଂ କହିଥିଲେ।

ଏହି ଅବସରରେ ସମ୍ ହସ୍ପିଟାଲ କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ପ୍ରଦୀପ୍ତ ଶେଖର ପାତ୍ରେ। ଲୁପସ୍ ରୋଗ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିବା ବେଳେ ୧୫ରୁ ୫୦ ବର୍ଷ ମଧରେ ଥିବା ବାଳିକା ଓ ମହିଳାମାନଙ୍କ କ୍ଷେତ୍ରରେ ଏହି ରୋଗ ଦେଖାଯାଉଛି ବୋଲି କହିଥିଲେ। ରୋଗ ପ୍ରତିରୋଧକ ଶକ୍ତିରେ ସମସ୍ୟା ସୃଷ୍ଟି ହେଲେ ଲୁପସ୍ ଭଳି ମାରାତ୍ମକ ବ୍ୟାଧି ଶରୀରରେ ଦେଖା ଦେଇଥାଏ। ତେଣୁ ଏଥି ନିମନ୍ତେ ଠିକ୍ ସମୟରେ ରୋଗର ଚିହ୍ନଟ, ଉପଯୁକ୍ତ ପରୀକ୍ଷା ଓ ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ରାଲିରେ ସମ୍ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଂଟ ମିନତୀ ମିଶ୍ର, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ହସ୍ପିଟାଲର ଡାକ୍ତର, ନର୍ସ ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇ ଏହି ମାରାତ୍ମକ ରୋଗ ବିଷୟରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

# ଅସ୍ତରଙ୍ଗ ବଜାରରେ କେବେ ଲାଗିବ ସିସିଟିଭି କ୍ୟାମେରା ?



ବଢୁଛି ଅସାମାଜିକଙ୍କ ଦୌରାତ୍ମ୍ୟ

**କାକଟପୁର/ଅସ୍ତରଙ୍ଗ, ୧୦ା୫ (ସଂଚାର ବ୍ୟୁରୋ) :** ଅସାମାଜିକ ବ୍ୟକ୍ତିଙ୍କ ଗତିବିଧି ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଉଛି। ଫଳରେ ଚୋର, ଲୁଟେରା ଓ ଅସାମାଜିକ ବ୍ୟକ୍ତିଙ୍କ ଗତିବିଧିକୁ ପୁଲିସ ସିସିଟିଭି ଫୁଟେଜରୁ ଲକ୍ଷ୍ୟ କରି ଧରିବାରେ ସହଜ ହୋଇପାରୁଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଯଥା ଅସ୍ତରଙ୍ଗ ବ୍ଲକ ଠାରୁ ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ତରଫରୁ ସିସିଟିଭି ଲଗାଯାଇ ନାହିଁ।

ଅସ୍ତରଙ୍ଗ ଅଞ୍ଚଳକୁ ଦିନକୁ ଦିନ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକ ଆସୁଥିବା ବେଳେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ସହିତ ଚୋରି, ଡକାୟତି, ରାହାଜାନି ଓ ଛିନତାଇ ଆଦି ଅସ୍ତରଙ୍ଗ ଥାନା ଅଞ୍ଚଳରେ ଯାଉଥିବା ବିଭିନ୍ନ ଗ୍ରାମରେ ହେଉଛି। ନିକଟରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୁଅଁରପୁର ସ୍ଥିତ ଶିବ ମନ୍ଦିରରୁ ମଧ ଚୋରି ହୋଇଥିବା ବେଳେ କିଛି ଦିନ ପୂର୍ବେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମ ନିକଟରୁ ଗାଡି ଡ଼ିକି ଭାଙ୍ଗି ଟଙ୍କା ଚୋରି ହୋଇଥିଲା, ସେହିପରି ଗ୍ରାମ୍ୟ ବ୍ୟାଙ୍କ ସାମ୍ନାରୁ ବାଇକି ମଧ ଚୋରି ହୋଇଥିଲା। କିନ୍ତୁ ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ସ୍ଥାନରେ ମଧ ପ୍ରଶାସନ ତରଫରୁ ସିସିଟିଭି ଲଗାଯାଇନି।

ଅସ୍ତରଙ୍ଗ ଅଞ୍ଚଳକୁ ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରୁ ଲୋକ ଆସୁଥିବା ବେଳେ କେତେବେଳେ କେଉଁ ଅଘଟଣ ଘଟିବ କହି ହେଉନାହିଁ। ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ କାହିଁକି ସିସିଟିଭି କ୍ୟାମେରା ଲଗାଯାଉ ନାହିଁ ତାହାକୁ ନେଇ ଅସ୍ତରଙ୍ଗ ଅଞ୍ଚଳର ବୁଦ୍ଧିଜୀବୀ, ଆଇନଜୀବୀ, ବରିଷ୍ଠ ନାଗରିକଙ୍କ ତରଫରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବାକୁ ବିଭିନ୍ନ ମହଲରୁ ଦାବୀ ହୋଇଛି। ଅସ୍ତରଙ୍ଗ ଅଂଚଳରେ ଦିନକୁ ଦିନ ଜନସାଧାରଣଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅସ୍ତରଙ୍ଗ ବ୍ଲକ ଠାରୁ ୟୁକୋ ବ୍ୟାଙ୍କ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବା ଆବଶ୍ୟକ।

## ସାଇକେଲ ଚୋରକୁ ଧରି ନିର୍ଦ୍ଧୁମ ଛେଚିଲେ ଲୋକେ

**ବୈଶିଙ୍ଗା, ୧୦ା୫ (ସଂଚାର ବ୍ୟୁରୋ) :** ବୈଶିଙ୍ଗା ଥାନା ଅଧୀନ ମହୁରୀ ସ୍ଥିତ ଡାହିବାଡ଼ି ହାଟରେ ସାଇକେଲ ଚୋରକୁ ଧରି ନିର୍ଦ୍ଧୁମ ଛେଚିଲେ ଲୋକେ। ଘଟଣାସ୍ଥଳରୁ ଚୋରକୁ ଉଦ୍ଧାର କଲା ବୈଶିଙ୍ଗା ପୁଲିସ । ଘଟଣାରୁ ପ୍ରକାଶ ଏହି ହାଟରେ ବାଇକ ଏବଂ ସାଇକେଲ ଚୋରି ଯେପରି ଏକ ନିତିଦିନିଆ ଘଟଣା ହୋଇଗଲାଣି । ଆଜି ଶନିବାର ଜନୈକ ବ୍ୟକ୍ତି ଜଣକ ସୁଯୋଗ ନେଇ ଜଣେ ଗ୍ରାହକଙ୍କ ସାଇକେଲକୁ ନେଇ ପଳାଇ ଯାଉଥିଲେ । କିଛି ଲୋକ ଏହା ଦେଖିବା ମାତ୍ରେ ଉକ୍ତ ବ୍ୟକ୍ତିକୁ ଧରି ନିର୍ଦ୍ଧୁମ ଛେଚି ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ । ବ୍ୟକ୍ତି ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଧୀନ ଆଳଦା ଗ୍ରାମର ଭୁଣ୍ଡା ବେହେରା(୩୫)।



## ମହାଯଜ୍ଞର ପୂର୍ଣ୍ଣାହୁତିରେ ଯୋଗଦେଲେ ଶିଳ୍ପ ମନ୍ତ୍ରୀ

**ରାହାମା, ୧୦ା୫ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲାର ପ୍ରମୁଖ ବାଣିଜିକକେନ୍ଦ୍ର ରାହାମା ନିକଟସ୍ଥ ତାଳପଡା ଗ୍ରାମ ପଞ୍ଚାୟତର ବାଲିଡ଼ି ଗ୍ରାମରେ ମା ସାହାଡ଼ା ସୁନ୍ଦରୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହାଯଜ୍ଞର ଯଜ୍ଞ ପୂର୍ଣ୍ଣାହୁତି ମହା ସମାରୋହରେ ଅନୁଷ୍ଠିତ ହୋଇଅଛି।ମାଙ୍କର ଏହି ଭବ୍ୟଦିବ୍ୟ ଆଧାତ୍ମିକ ମହୋତ୍ସବ କୁ ଗ୍ରାମର ମୁରବି ତଥା ଜିଲ୍ଲାପରିଷଦ ସଭ୍ୟ ଶ୍ରୀଯୁକ୍ତ ରବିନାରାୟଣ ସାହୁ ପ୍ରତ୍ୟକ୍ଷ ତତ୍ୱାବଧାନରେ ପରିଚାଳିତ କରିବା ସହ ସମାଜସେବୀ ଡ଼କ୍ଟର ସୁନାକର ବେହେରା ଆଧାତ୍ମିକ ମଞ୍ଚର ପରିଚାଳନା କରିଥିଲେ। ଯଜ୍ଞ ପୂର୍ଣ୍ଣାହୁତି ଉତ୍ସବରେ ଜିଲ୍ଲାର ବହୁ ପଣ୍ଡିତ ବିଦ୍ୱାନ ଶ୍ରଦ୍ଧାଳୁ ମାନେ ଯୋଗଦେବା ସହିତ ପାରାଦ୍ୱୀପ ବିଧାୟକ ତଥା ମାନ୍ୟବର ଶିଳ୍ପ ଦକ୍ଷତା ମନ୍ତ୍ରୀ ଇ. ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏରସମାବାଲିକୁଦା ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି,ପାରାଦ୍ୱୀପ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ ଓ ତାଙ୍କର ଅନୁଗାମୀ ମାନେ ଏହି ଆଧାତ୍ମିକ କାର୍ଯ୍ୟରେ ଯୋଗଦେଇ ଗ୍ରାମବାସୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଯଜ୍ଞର ପ୍ରଥମ ଦିବସରେ ପାରାଦ୍ୱୀପ ଶ୍ରମିକ ସଂଗଠନ ବିଶିଷ୍ଟ ଶ୍ରମିକ ନେତା ଅରିନ୍ଦମ ସରଖେଲ "ବାପି ବାବୁ"ଏବଂ ଦ୍ୱିତୀୟ ସନ୍ଧ୍ୟାରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଇ. ସମ୍ବିତ କୁମାର ରାଉତରାଏଙ୍କ ସହ କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ଉପାଧକ୍ଷ ଇତ୍ୟାଦି ବହୁ ଅତିଥିମାନଙ୍କ ଯୋଗଦାନ ସହ ସମ୍ବର୍ଦ୍ଧିତ ହୋଇଥିଲେ। ଉଦଯାପନୀ ସନ୍ଧ୍ୟାର ଓ ବିଶ୍ୱ ମାତୃତ୍ୱ ଦିବସ ଅବସରରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ ଓ ନୂତନ ମନ୍ଦିର ନିକଟକୁ ନିଆଯାଇ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ମାନଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ସନ୍ଥଙ୍କୁ ଭବ୍ୟ ସ୍ୱାଗତ କରିବାର ଦେଖିବାକୁ ମିଳିଥିଲା। ଉକ୍ତ ମହାନ ଆଧାତ୍ମିକ ମହୋତ୍ସବରେ ଯଜ୍ଞକର୍ତ୍ତା ମନୋରଞ୍ଜନ ସାହୁ କର୍ତ୍ତୀ ମାମିନା ସାହୁଙ୍କ ସହିତ ଗ୍ରାମବାସୀଙ୍କ ମଧରେ ବିଷ୍ଣୁ ଚରଣ ସାହୁ, ବାବାଜୀ ଚରଣ ସାହୁ,ଭାସ୍କର ଦାସ, ରାମ ଚନ୍ଦ୍ର ସାହୁ, ନିତ୍ୟାନନ୍ଦ ସାହୁ, ସାଧୁ ଚରଣ ସାହୁ,ଭଞ୍ଜ କିଶୋର ସାହୁ,ଉପେନ୍ଦ୍ର ସାହୁ,ନିରଞ୍ଜନ ଦାସ, ନଟବର ସାହୁ,ତପନ କୁମାର ସାହୁଙ୍କ ସହିତ ଗ୍ରାମର ସମସ୍ତ ଯୁବକ ବନ୍ଧୁ ଓ ମାଆ ଭଉଣୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# ଉପକୂଳବର୍ତ୍ତୀ ଅଞ୍ଚଳରେ ତଟ ସୁରକ୍ଷା କଡାକଡି



ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ନୂଆଗଡ଼ ସାମୁଦ୍ରିକ ଥାନାକୁ ଅଧିକ ଫୋର୍ସ

୨୪ଘଣ୍ଟିଆ ପୁଲିସ ସହ ବନ୍ଧୁକଧାରୀଙ୍କ ପ୍ରହରା

**କାକଟପୁର/ଅସ୍ତରଙ୍ଗ, ୧୦ା୫ (ସଂଚାର ବ୍ୟୁରୋ) :** ଭାରତ-ପାକିସ୍ତାନ ଯୁଦ୍ଧ ସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଏସପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ନୂଆଗଡ ସାମୁଦ୍ରିକ ଥାନା ଅଂଚଳରେ ତଟ ସୁରକ୍ଷା ବଢ଼ାଇ ଦିଆଯାଇଛି। ଅଧିକ ଗୋଟିଏ ଲେଖାଏଁ ସେକ୍ସନ ଫୋର୍ସ ମୁତୟନ କରାଯିବା ସହ ସମ୍ଭାବ୍ୟ ପରିସ୍ଥିତିରେ ମୁକାବିଲା ପାଇଁ ଜରୁରୀ ଉପକରଣ ଯୋଗାଇ ଦିଆଯାଇଛି। ସମୁଦ୍ର ପଥରେ ସମ୍ଭାବ୍ୟ ଆକ୍ରମଣ କିମ୍ବା ଅନୁପ୍ରବେଶକୁ ରୋକିବା ପାଇଁ ଜଳପଥରେ ଆଲର୍ଟ ଜାରୀ କରାଯାଇଛି। ଜଳପଥରେ ଅଚିହ୍ନା ଡ଼ଙ୍ଗା, ମତ୍ସ୍ୟଜୀବୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ନିର୍ଦ୍ଦେଶ ରହିଛି ବୋଲି ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି।

ସାମୁଦ୍ରିକ ଥାନା, ଉପକୂଳ ସୁରକ୍ଷା ବାହିନୀ, ସ୍ୱତନ୍ତ୍ର ସଶସ୍ତ୍ର ବଳ ତରଫରୁ ମିଳିତ ଭାବେ ସମୁଦ୍ର ମଝିରେ ୨୪ଘଣ୍ଟିଆ ପ୍ରହରା ଦିଆଯାଉଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। କାଳେ ଆତଙ୍କୀମାନେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆକ୍ରମଣ କରିବେ ସେଥିପାଇଁ ଏଭଳି କଡା ପଦକ୍ଷେପ ନିଆଯାଇଛି। ତେଣୁ କୌଣସି ପରିସ୍ଥିତିରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବାକୁ ନ ଯିବା ପାଇଁ କଡା ନିର୍ଦ୍ଦେଶ ଜାରି କରାଯାଇଛି। ଏଥି ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଦେବୀ ନଦୀ ଅଂଚଳରେ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ କହିଛନ୍ତି, ୨ଟି ପର୍ଯ୍ୟାୟରେ ସମୁଦ୍ର ମଝିରେ ପାଟ୍ରୋଲିଂ ସହ ସ୍ଥଳ ପଥ ତଥା ନୂଆଗଡ ଜେଠି ନିକଟରେ ଉପକୂଳ ସୁରକ୍ଷା ବାହିନୀ, ବନ୍ଧୁକଧାରୀ ପୁଲିସ ନିୟୋଜିତ ରହୁଛନ୍ତି। ଆବଶ୍ୟକ ପଡିଲେ ତତକ୍ଷଣାତ ସିଆଇଏସଏଫକୁ ଡକାଯିବ ଓ ମୁତୟନ କରାଯିବ। ଯଦି ଅଚିହ୍ନା ବୋଟରେ ଲୋକ ଦେଖାଯାନ୍ତି, ତୁରନ୍ତ ସେମାନଙ୍କୁ ଅକ୍ତିଆରକୁ ଅଣାଯିବ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି ବୋଲି କହିଛନ୍ତି ନୂଆଗଡ ଥାନାରେ କାର୍ଯ୍ୟରତ ଏଏସଆଇ ଯୁଧିଷ୍ଠିର ସାହୁ।

### ସ୍ୱତନ୍ତ୍ର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ମତ

# ଆତଙ୍କବାଦର ଧର୍ମ ନାହିଁ, ହିଂସାର ଶାସ୍ତ୍ର ନାହିଁ



**ଭୁବନେଶ୍ୱର,୧୦।୫(ସଂଚାର ବ୍ୟୁରୋ):** ଆତଙ୍କବାଦ ବିରୋଧରେ ମାନବତା ଏକ ଯୁଦ୍ଧ। ଯେତେବେଳେ ଦେଶ ଆବଶ୍ୟକ କରେ, ସେତେବେଳେ ସମଗ୍ର ଦେଶବାସୀଙ୍କୁ ଏକାଠି ହେବାକୁ ପଡ଼ିଥାଏ ବୋଲି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ମୁଖ୍ୟମନ୍ତ୍ରୀ ବିପଦ ସମୟରେ ସମସ୍ତ ଗୋଷ୍ଠୀ କିପରି ଏକାଠି ହୁଅନ୍ତି, ତା'ର ଅବତାରଣା କରିବା ସହ ଅବଦୁଲ ହମିଦଙ୍କ ସାହସିକତା ଓ ବଳିଦାନର ଉଦାହରଣ ଦେଇଥିଲେ। ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜ କର୍ତ୍ତବ୍ୟ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟୀ କହିଛନ୍ତି ଯେ ଆତଙ୍କବାଦର କୌଣସି ଧର୍ମ ନାହିଁ। ହିଂସାର କୌଣସି ଶାସ୍ତ୍ର ନାହିଁ ବୋଲି କହିଛନ୍ତି। ପହଲଗାମରେ ଘଟିଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଓ ତତ୍ ପରବର୍ତ୍ତୀ ଭାରତ-ପାକିସ୍ତାନ ଯୁଦ୍ଧ ପରିପ୍ରେକ୍ଷୀରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବିଭିନ୍ନ ଗୋଷ୍ଠୀର ପ୍ରତିନିଧି ଏକାଠି ହୋଇଥିଲେ। ଏହି ବୈଠକରେ ପହଲ୍‌ଗାମ ଅଘଟଣରେ ଦୁଃଖ ପ୍ରକାଶ କରି ରାଜ୍ୟପାଳ କହିଛନ୍ତି ଯେ ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ, ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଓ ଶାନ୍ତି ଉପରେ ମଧ୍ୟ ଆକ୍ରମଣ। ଦେଶର ସାହସୀ ସୈନିକମାନେ ଅପରେସନ୍ ସିନ୍ଦୂର ମାଧ୍ୟମରେ ସାର୍ବଭୌମତ୍ୱକୁ ରକ୍ଷା କରିବା ପାଇଁ ଆଗ ଧାଡିରେ ଛିଡ଼ା ହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଦେଶବାସୀଙ୍କୁ ସେମାନଙ୍କ ପଛରେ ଦୃଢ଼ ଭାବେ ଛିଡ଼ା ହେବାକୁ ପଡ଼ିବ ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ସେ ପହଲଗାମ୍‌ରେ ଆତଙ୍କୀଙ୍କ ଗୁଳିର ଶିକାର ହୋଇଥିବା ଲୋକଙ୍କ ପାଇଁ ପ୍ରାର୍ଥନା କରିବାକୁ ପରାମର୍ଶ ଦେବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଏକତା ପ୍ରଦର୍ଶନ କରିବା ନିମନ୍ତେ ଜାତୀୟ ପତାକା ଉଡ଼ାଇବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପ୍ରତିରକ୍ଷା ବିଭାଗରେ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ଜୋୟା ଓ ଜିୟାନ୍‌ଙ୍କ ମୃତ୍ୟୁରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ନିନ୍ଦା

# ପରାଭବ ଭୋଗିବ ପାକିସ୍ତାନ





**ଭୁବନେଶ୍ୱର, ୧୦।୫ (ସଂଚାର ବ୍ୟୁରୋ):** ଗତକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଅଧିକ ଘନେଇଥିବା ବେଳେ ପାକିସ୍ତାନ ପକ୍ଷରୁ ଭାରତର ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ବ୍ୟାପକ ଗୁଳିଗୋଳା ବର୍ଷଣ କରାଯାଇଥିଲା। ଫଳରେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅନେକ ଲୋକ ମୃତ୍ୟୁବରଣ କରିଛନ୍ତି। ବିଶେଷକରି ପାକିସ୍ତାନୀ ସେନା ପକ୍ଷରୁ କେତେକ ସ୍କୁଲ୍‌ରେ ବୋମାବର୍ଷା କରାଯିବା ଫଳରେ ଅନେକ ନିରୀହ ଶିଶୁ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଏଥିରେ ଜମ୍ମୁର ପୁଞ୍ଚ୍ ଅଞ୍ଚଳରେ ଥିବା କ୍ରାଏଷ୍ଟ୍ ସ୍କୁଲ୍‌ର ଦୁଇ ଜଣ ଛାତ୍ରଛାତ୍ରୀ ଜୋୟା ଓ ଜିୟାନ୍ ସାମିଲ୍। ସେମାନଙ୍କ ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏହାକୁ କଡ଼ା ନିନ୍ଦା କରିଛନ୍ତି। ସେ ଉଭୟଙ୍କ ଛାତ୍ରଛାତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଏଥିସହ ସେମାନଙ୍କ ସହ ସମଗ୍ର ଦେଶବାସୀଙ୍କ ସମବେଦନା ମଧ୍ୟ ରହିଛି ବୋଲି ସୋସିଆଲ୍ ମିଡିଆ 'ଏକ୍ସ'ରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ସୀମାବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ସାହସକୁ ମୁଁ ସଲାମ କରୁଛି। କାରଣ ସେମାନେ ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ସତ୍ତ୍ୱେ ଭାରତକୁ ପ୍ରତିଟି ପଦକ୍ଷେପ ସହଯୋଗ କରୁଛନ୍ତି। ଅନ୍ୟପକ୍ଷରେ ଜୋୟା ଓ ଜିୟାନ୍‌ଙ୍କ ମୃତ୍ୟୁ ପାକିସ୍ତାନୀ ସେନାର ଭୀରୁତାକୁ ପ୍ରମାଣିତ କରିଛି। ଏହା ପାକିସ୍ତାନର ଭୀରୁତା ଓ ବର୍ବରତା ଏବଂ ଆତଙ୍କବାଦ ମନସ୍କ ଚିନ୍ତାଧାରାକୁ ସ୍ପଷ୍ଟ କରିଛି। କିନ୍ତୁ ପାକିସ୍ତାନ ନିଶ୍ଚିତ ଭାବେ ଏହାର ପରାଭବ ଭୋଗିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

# ଭୁବନେଶ୍ୱରରେ ଉଡ଼ିବନି ଡ୍ରୋନ୍

### କମିଶନରେଟ ପୁଲିସର କଟକଣା



**ଭୁବନେଶ୍ୱର,୧୦।୫(ସଂଚାର ବ୍ୟୁରୋ):** ଯୁଦ୍ଧ ପରିସ୍ଥିତିକୁ ନେଇ କମିଶନରେଟ ପୁଲିସ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ପୁଲିସର ସୁରକ୍ଷା ସମ୍ବନ୍ଧୀୟ ନିର୍ଦ୍ଦେଶାବଳିକୁ ଜନସାଧାରଣ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ସହରରେ ଡ୍ରୋନ ଉଡ଼ାଇବା ଉପରେ କଟକଣା କରାଯାଇଛି । ଡ୍ରୋନ ଉଡାଉଥିବା ବ୍ୟକ୍ତି ଉପରେ କଡା ଆକ୍ସନ ହେବ ବୋଲି ପୋଲିସ କମିସନର ସୁରେଶ ଦେବଦତ୍ତ ସିଂ କହିଛନ୍ତି। ଏଥିସହ ଆଭ୍ୟନ୍ତରୀଣ ସୁରକ୍ଷାକୁ ମଧ୍ୟ ସୁଦୃଢ଼ କରାଯାଇଛି। ସହରର ବଡ଼ ବଡ଼ ପ୍ରତିଷ୍ଠାନରେ ଏସଟିଜି ଓ ଏସଟିୟୁ ମୁତୟନ ହେବେ। ସହରର ସୁରକ୍ଷା, ସନ୍ଦିଗ୍ଧ ଗତିବିଧି ଉପରେ କଡ଼ା ନଜର ରହିବା ଉପରେ ବି ଗୁରୁତ୍ୱ ଦିଆଯାଇଛି। କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ସକାଶେ ସବୁ ଥାନା ଅଧିକାରୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଏନଏସଜି ପ୍ରଶିକ୍ଷଣପ୍ରାପ୍ତ କମାଣ୍ଡୋମାନଙ୍କୁ ସହରର ସୁରକ୍ଷା ପାଇଁ ମୁତୟନ କରାଯିବାକୁ ବି ନିଷ୍ପତ୍ତି ହୋଇଛି।

# ଓଡ଼ିଶାରେ ପହଞ୍ଚିଲେ ଜମ୍ମୁରେ ପଢୁଥିବା ୧୮ ଛାତ୍ରୀ

**ଭୁବନେଶ୍ୱର,୧୦।୫(ସଂଚାର ବ୍ୟୁରୋ):** ସମ୍ପ୍ରତି ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଘନଘଟା ପରିପ୍ରେକ୍ଷୀରେ ଜମ୍ମୁ-କାଶ୍ମୀରରେ ପଢୁଥିବା ଛାତ୍ରୀମାନଙ୍କ ମଧ୍ୟରୁ ୧୮ ଜଣ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନଙ୍କୁ ଜମ୍ମୁରୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶାରେ ପହଞ୍ଚାଯାଇଥିବା ବେଳେ ଭୁବନେଶ୍ୱରରୁ ଜିଲ୍ଲା ପ୍ରଶାସନ ସହଯୋଗରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଯିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଇଛି। ଏଥିରେ ଭଦ୍ରକର ୮ ଜଣ ଛାତ୍ରୀ ଥିବା ବେଳେ ବାଲେଶ୍ୱରର ୩ ଜଣ ଛାତ୍ରୀଙ୍କୁ ସେମାନଙ୍କ ଘରେ ପହଞ୍ଚାଇ ଦିଆଯାଇଥିବା ଜଣାପଡ଼ିଛି।




ଭୁବନେଶ୍ୱରରୁ ବାଲେଶ୍ୱରରେ ତିନି ଛାତ୍ରୀ ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ୍ ଯୋଗେ ପହଞ୍ଚିଥିବା ବେଳେ ସେମାନେ ହେଲେ ହେନା ମଙ୍ଗଲ, ଗୀତାଞ୍ଜଳି ଜେନା ଓ ଜସ୍ମିତା ନାୟକ। ସେମାନଙ୍କ ଘର ବାରିପଦା, ଜଳେଶ୍ୱର ଓ ଲଙ୍ଗଳେଶ୍ୱର ଅଞ୍ଚଳ ବୋଲି ଜଣାପଡ଼ିଛି। ପାକିସ୍ତାନ ବିପକ୍ଷରେ ଭାରତ ଯୁଦ୍ଧ ଆରମ୍ଭ କରିବା ପରେ ସୀମାବର୍ତ୍ତୀ ରାଜ୍ୟ ଭାବେ ଜମ୍ମୁ-କଶ୍ମୀର କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ୟୁନିଭର୍ସିଟି ପକ୍ଷରୁ ସେମାନଙ୍କୁ ଦିଲ୍ଲୀ ପଠାଯାଇଥିଲା।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅଗ୍ନିକାଣ୍ଡ

- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ
- ଅଧାରୁ ବନ୍ଦହେଲା ଓଜେଇଇ

**ଗୁଣପୁର,୧୦।୫(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ସିଏସଇ ବିଭାଗର କମ୍ପ୍ୟୁଟର ଲ୍ୟାବରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ପାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଛି। ଏହି ସମୟରେ ଓଜେଇ ପରୀକ୍ଷା ଚାଲୁଥିବାରୁ ଏହାକୁ ଅଧାରୁ ବନ୍ଦ କରାଯାଇଛି। ଜିଆଇଇଟି ବିଶ୍ୱବିଦ୍ୟାଳୟର ପଞ୍ଚମ ମହଲାରେ ଥିବା ସିଏସଇ ବିଭାଗର କମ୍ପ୍ୟୁଟର ଲ୍ୟାବରେ ହଠାତ ନିଆଁ ଲାଗିଯାଇଥିଲା। ଖବର ପାଇ ଗୁଣପୁର ଅଗ୍ନିଶମ ବାହିନୀର ଅଧିକାରୀ ରଜନୀ କାନ୍ତ ଗୌଡ଼ ସଦଳବଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନଥିଲେ ସୁଦ୍ଧା ଲ୍ୟାବରେ ଶର୍ଟସର୍କିଟରୁ ଏହିଭଳି ଅଘଟଣ ଘଟିଥିବା କୁହାଯାଇଛି। ଏଥିରେ ଲ୍ୟାବରେ ଥିବା ୧୪ଟି କମ୍ପ୍ୟୁଟର ଟେବୁଲ୍, ଚେୟାର, ସିଲିଂ ସର୍ଭର ରୁମ ପୋଡ଼ି ନଷ୍ଟ ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଶ୍ୱବିଦ୍ୟାଳୟର ଡିନ ପ୍ରଶାସନ ଡଃ ଏନ. ଭି.ଜେ. ରାଓ ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡ କାରଣରୁ ଶନିବାର ଚାଲିଥିବା ଓଜେଇ ପରୀକ୍ଷା ଅଧାରୁ ବନ୍ଦ କରି ଦିଆଯାଇଥିଲା । ଶହେ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ପରୀକ୍ଷା ସରିବା ପାଇଁ ଆଉ ମାତ୍ର ୪୦ ମିନିଟ ରହିଥିଲା। ତେବେ ନିରାପତ୍ତା ଦୃଷ୍ଟିରୁ ତାହା ବନ୍ଦ କରାଯାଇଛି । ଏଥିସହ ଦ୍ୱିତୀୟ ସିଫ୍ଟରେ ଥିବା ପରୀକ୍ଷାକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ତେବେ ଅଗ୍ନିକାଣ୍ଡରେ କ୍ଷୟକ୍ଷତି ପରିମାଣ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ଆକଳନ କରାଯିବ।

## ଯୁବକଙ୍କୁ ପିଟିପିଟି ହତ୍ୟା, ଅଭିଯୁକ୍ତ ଫେରାର୍

**ବଲାଙ୍ଗିର,୧୦।୫(ସଂଚାର ବ୍ୟୁରୋ):** ବଲାଙ୍ଗିରରେ ପୁଣି ଗଡିଲା ମୁଣ୍ଡ। ବଲାଙ୍ଗିର ଟାଉନ ଥାନା ବିଷ୍ଣୁମୁଣ୍ଡ ରେ ଯୁବକଙ୍କୁ ପିଟିପିଟି ହତ୍ୟା । ଏହି ସମୟର ସିସିଟିଭି ଫୁଟେଜକୁ ନେଇ ପୁଲିସ ତଦନ୍ତ କରୁଛି। ହତ୍ୟା ପରେ ଅଭିଯୁକ୍ତ ଜଣଙ୍କ କିପରି ମରଣାସ୍ତ୍ର ଧରି ଚାଲି ଚାଲି ଯାଉଛି ତା'ର ଦୃଶ୍ୟ ଉକ୍ତ ସିସିଟିଭି ରେ ରହିଛି। ପାନ ଦୋକାନୀ ମନୋଜ ନାଏକଙ୍କୁ ହତ୍ୟା କରି ଉକ୍ତ ଗାଁର ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ଏହି ସମୟରେ ବିଦ୍ୟୁତ ନ ଥିବାରୁ ଅନ୍ଧାରର ସୁଯୋଗ ନେଇ ଦୋକାନ ସାମ୍ନାରେ ମନୋଜକୁ ଆକ୍ରମଣ କରିଥିଲା ଦୁର୍ବୃତ୍ତ। ମନୋଜକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗିର ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

- ବିଡିଓଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ

## ୨୩ ପଞ୍ଚାୟତ ପ୍ରତିନିଧିଙ୍କ ନେତୃତ୍ୱରେ ଆନ୍ଦୋଳନ

**କାଲିମେଳା,୧୦।୫(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ବିଡିଓ ପ୍ରଦୀପ କୁମାର କରଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ ।ଏନେଇ ଗତକାଲି ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏଥିରେ ୨୩ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷା ସହ ବିଜେଡିର ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ, କାଲିମେଳା ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଳା ମାଡି, ଚିତ୍ରକୋଣ୍ଡା ବିଧାୟକଙ୍କ ସହ ହଜାର ହଜାର ଲୋକେ ବନ୍ଦ ଡାକରାରେ ସାମିଲ ହୋଇଥିଲେ। ସୂଚନାନୁସାରେ, ଗତ ମାସ ୯ ତାରିଖରେ କାଲିମେଳା ବ୍ଲକ ଅଧ୍ୟକ୍ଷା ସହ ୨୩ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ କାଲିମେଳା ବିଡିଓଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ବଦଳି ପାଇଁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ନିର୍ବାଚିତ ପ୍ରତିନିଧିମାନେ ସମିତି ବୈଠକକୁ ଏକ ମାସ ପୂର୍ବେ ବର୍ଜନ କରିଥିବା ବେଳେ ବିଡ଼ିଓଙ୍କ କାର୍ଯ୍ୟକୁ ନେଇ ବ୍ଲକ୍ କାର୍ଯ୍ୟାଳୟରେ ତାଲା ପକାଇ ଏକ ବିଶାଳ ରାଲି କରି ପ୍ରତିବାଦ ଜଣାଇଥିଲେ। ଏଥିସହ ବ୍ଲକ୍‌ର କୌଣସି ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବ୍ଲକ୍ ପ୍ରତିନିଧିଙ୍କ ସହ ଆଲୋଚନା କରୁନଥିବା ସେମାନେ ଅଭିଯୋଗ କରିଥିଲେ। ପ୍ରାୟ ୧୧ ମାସ ହେଲା ପଞ୍ଚାୟତ ସମିତି ବୈଠକ ଡାକିନାହାନ୍ତି। ଏଥିସହ କାଲିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ଥାନୀୟ ଜଣେ ଲୋକପ୍ରତିନିଧିଙ୍କ ସହ ମିଶି ନିର୍ମାଣ କାର୍ଯ୍ୟକୁ ଭାଗବଣ୍ଟା କରି ନିଜ ଲୋକଙ୍କୁ ପ୍ରଦାନ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ସେ ଆଜିଯାଏ କୌଣସି ପଦକ୍ଷେପ ନେଇଥିବା ଅଭିଯୋଗ ହୋଇଛି। ତେବେ ଏନେଇ ବିଡିଓ ଶ୍ରୀ କର କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ଅସ୍ଥି ବିସର୍ଜନ ପାଇଁ ଗଲାବେଳେ ଜଳିଗଲା କାର୍



**ଜଗତସିଂହପୁର,୧୦।୫(ସଂଚାର ବ୍ୟୁରୋ):** ବିଟ୍ ରାସ୍ତା ଉପରେ ଏକ କାର୍ ଯାଉଥିବା ବେଳେ ହଠାତ୍ ସେଥିରେ ନିଆଁ ଲାଗିଯାଇଥିଲା । ଆଉ ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଯାଇଥିଲାକାର୍‌ଟି । ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କଟକ ପାରାଦୀପ ରାସ୍ତାର ତାରାପୁର ବାଇପାସ୍ ନିକଟ ରାସ୍ତା ଉପରେ ଘଟିଛି ଏହି ଅଘଟଣ । ଯାହା ସୂଚନା ମିଳିଛି, କାର୍ ରେ ସ୍ଥାନୀୟ ତାରାପୁର ପଞ୍ଚାୟତର ଗୋକୁଲପୁର ର ଏକ ପରିବାର ଅସ୍ଥି ବିସର୍ଜନ କରିବାକୁ ଯାଉଥିଲେ । ଏହି ସମୟରେ ହଠାତ୍ କାର୍ ରେ ନିଆଁ ଲାଗି ଜଳିଗଲା । କାର୍ ର ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ କାର୍ ଟିକୁ ଠିକ୍ ସମୟରେ ଅଟକାଇ ଦେଇଥିଲେ । ଆଉ ସେଥିରେ ବସିଥିବା ଯାତ୍ରୀମାନେ ତୁରନ୍ତ କାଳ ବିଳମ୍ବ ନକରି ଓହ୍ଲାଇ ପଡ଼ିଥିଲେ । ଏନେଇ ଖବର ପାଇବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିବାବେଳେ କିଛି ସମୟ ପାଇଁ ମୁଖ୍ୟ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଥିଲା । ତେବେ ଗାଡିଟି ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି । ଯାହା କୁହାଯାଉଛି ଅତ୍ୟଧିକ ଖରା କିମ୍ବା ରାସ୍ତାରେ ମୁଗ ଶୁଖା ଯାଉଥିବାରୁ ମୁଗଗଛ ଲାଗି ଗାଡିଟି ଜଳିଯାଇଥାଇ ପାରେ। ତଥାପି ଜଳିବାର ପ୍ରକୃତ କାରଣ ଏବେବି ଅସ୍ପଷ୍ଟ ରହିଛି । କିନ୍ତୁ ସବୁଠାରୁ ବଡ କଥା ହେଲା ଏଭଳି ଏକ ବଡ ଅଘଟଣରୁ ଗାଡିରେ ବସିଥିବା ସମସ୍ତ ଯାତ୍ରୀ ଏବଂ ଡ୍ରାଇଭର ଭଗବାନଙ୍କ ଆର୍ଶୀବାଦରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ।

### ସମବାୟ ଋଣରେ ସଂସ୍କାର

# ୯ ପ୍ରକାର ଋଣ ପାଇଁ ନୀତି ନିର୍ଦ୍ଧାରଣ

**ଭୁବନେଶ୍ୱର,୧୦।୫(ସଂଚାର ବ୍ୟୁରୋ):** ରାଜ୍ୟରେ ଦିଆଯାଉଥିବା ବିଭିନ୍ନ ସମବାୟ ଋଣରେ ଆସିଲା ସଂସ୍କାର। ବିଶେଷକରି ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) କେଉଁ ଋଣ ପାଇଁ କେତେ ଟଙ୍କା ଦେଇପାରିବ, ତାହା ନିର୍ଦ୍ଧାରଣ କରାଯାଇଛି। ସେହିପରି କେଉଁ ଋଣ ବାବଦରେ କେତେ ଟଙ୍କା ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଡିସିସିବି) ଦେଇପାରିବ, ତାହା ମଧ୍ୟ ସ୍ଥିର ହୋଇଛି। ଏହିପରି ୯ ପ୍ରକାର ଋଣ ଓ ୩ଟି ଜମା ବାବଦରେ ସମବାୟ ବିଭାଗ ପକ୍ଷରୁ ନୀତି ଚୂଡ଼ାନ୍ତ କରାଯାଇଛି।

ନୂଆ ଯୋଜନା ଅନୁସାରେ, କୁକୁଡ଼ା ଓ ବତକ ଫାର୍ମ ପାଇଁ ପାକ୍ସ ଓ ଲାମ୍ପସଗୁଡିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେଇପାରିବେ । ଏଥିରେ ସବ୍‌ସିଡି ଟଙ୍କା ରହିବା ସହ ଡିସିସିବିର ଅନୁମତି ବାଧ୍ୟତାମୂଳକ । ତେବେ ଡିସିସିବି ସିଧାସଳଖ କୁକୁଡ଼ା ଓ ବତକ ଫାର୍ମ ପାଇଁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେଇପାରିବ। ୫୦ ଲକ୍ଷରୁ ଅଧିକ ଋଣ ପାଇଁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କରୁ ଅନୁମତି ନେବାକୁ ପଡିବ। ଏଣିକି ସମବାୟ ବ୍ୟାଙ୍କ ସ୍କୁଟର, ମୋଟରସାଇକେଲ୍ ସମେତ ବ୍ୟାଟେରୀ ଚାଳିତ ଦୁଇ ଚକିଆ ଯାନ ପାଇଁ ଋଣ ପ୍ରଦାନ କରିବେ । ହେଲେ ଏହି ଋଣ ପ୍ରଦାନ ପାଇଁ ଆର୍‌ଟିଓ ପଞ୍ଜୀକରଣ ବାଧ୍ୟତାମୂଳକ। ୨୧ରୁ ୬୦ ବର୍ଷର ବ୍ୟକ୍ତିଙ୍କୁ ଏହି ଋଣ ମିଳିପାରିବ । ବାର୍ଷିକ ୨ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତି ଏହି ଋଣ ନେଇପାରିବେ । ୫୦ ହଜାର ଟଙ୍କାରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଡିସିସିବି ଦେଇପାରିବେ। ମାତ୍ର ୫ ଲକ୍ଷରୁ ଅଧିକ ହେଲେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କରୁ ଅନୁମତି ନେବାକୁ ପଡିବ ।

ଅପରପକ୍ଷେ, ଅଟୋ ରିକ୍ସା, ଟ୍ୟାକ୍ସି, ଇ-ରିକ୍ସା ସମେତ ବିଭିନ୍ନ ପ୍ରକାର ବ୍ୟାବସାୟିକ ଯାନ(ହାଲୁକା ଓ ଭାରୀ) ବାବଦରେ ମଧ୍ୟ ସମବାୟ ବ୍ୟାଙ୍କ ଋଣ ପ୍ରଦାନ କରିବ । ଜଣେ ବ୍ୟକ୍ତି କିମ୍ବା ଭାଗିଦାରୀ ସଂସ୍ଥା, ସମବାୟ ସଂସ୍ଥା ଓ କର୍ପୋରେଟ୍ ସଂସ୍ଥାକୁ ଏ ବାବଦରେ ସର୍ବାଧିକ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିପାରିବ । ପୁରୁଣା ଯାନ ବାବଦରେ ମଧ୍ୟ ଋଣ ଦିଆଯିବ । ଏହା ବ୍ୟତୀତ ଟ୍ରାକ୍ଟର, ପାୱାର ଟିଲର୍, ଟ୍ରେଲର୍, କମ୍ବାଇନ୍‌ଡ ହାରଭେଷ୍ଟର୍, ଗ୍ରେନ୍ ଥ୍ରେସର୍, ସ୍ପ୍ରେୟାର୍, ଡଷ୍ଟର୍, କଲଲଙ୍ଗଳ, ଡ୍ରିଲ୍‌ସ ସମେତ ବିଭିନ୍ନ କୃଷି ଯନ୍ତ୍ରପାତି କିଣି ବ୍ୟବସାୟ କରିବା ଲାଗି ଋଣ ମିଳିବ। ଏହି ଋଣ ନେବା ବେଳେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଦେବାକୁ ପଡିବ ନାହିଁ । ୨ ଲକ୍ଷରୁ ଅଧିକ ଟଙ୍କା ଋଣ ନେଲେ ୧୫-୨୫% ସୁଧ ଦେବାକୁ ପଡିବ। ଗୋଶାଳା ପ୍ରତିଷ୍ଠାଠୁ ଆରମ୍ଭ କରି ଉନ୍ନତମାନର ଗୋପାଳନ ପାଇଁ ମଧ୍ୟ ଋଣ ମିଳିବ। ଏନେଇ ପାକ୍ସ ଓ ଲାମ୍ପସଗୁଡିକ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ଦେଇପାରିବେ । ଡିସିସିବି ସିଧାସଳଖ ୫୦ ଲକ୍ଷ ପର୍ଯ୍ୟନ୍ତ ଋଣ ଦେଇପାରିବ । ୫୦ ଲକ୍ଷରୁ ଅଧିକ ହେଲେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କରୁ ଅନୁମତି ନେବାକୁ ପଡିବ । ଏହାବ୍ୟତୀତ ମତ୍ସ୍ୟ ଚାଷ ଋଣ, କ୍ଷୁଦ୍ର ଜଳସେଚନ ଋଣ, ଉପଭୋକ୍ତା ସ୍ଥାୟୀ ଋଣ, ନଗଦ ଓ ବକେୟା ଋଣ, ପରିବହନ ଯୋଜନାରେ ଋଣ ପାଇଁ ନୂଆ ନୀତି ନିର୍ଦ୍ଧାରଣ କରାଯାଇଛି । ଏହାବାଦ୍ ସମବାୟ ବ୍ୟାଙ୍କଗୁଡିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁନା ଋଣ ମଧ୍ୟ ଦେଇପାରିବେ । ଏ ନେଇ ରାଜ୍ୟ ସମବାୟ ନିବନ୍ଧକ ରାଜ୍ୟରେ ଥିବା ସମସ୍ତ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ଅର୍ବାନ ସମବାୟ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

## ଏସସିବିରୁ ୪ ଦଲାଲ ଗିରଫ

**କଟକ, ୧୦।୫ (ସଂଚାର ବ୍ୟୁରୋ):** ଯେତେ ପଦକ୍ଷେପ ନେଲେ ବି କଟକ ଏସ୍‌ସିବି ମେଡିକାଲ୍‌ରେ କମୁନାହିଁ ଦଲାଲରାଜ୍। ପୁଣି କଟକ ଏସସିବି ମେଡିକାଲ କଲେଜ୍ ପରିସରରୁ ଆଜି ୪ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କଟକ ମଙ୍ଗଳାବାଗ ଥାନା ପୁଲିସ। ପୃଥକ୍ ପୃଥକ୍ ଘଟଣାରେ ଅଭିଯୋଗ ପାଇବା ପରେ ପୁଲିସ ସାଦା ପୋଷାକରେ ମହଜୁଦ ରହି ଏସସିବି ଟ୍ରମା କାଜୁଆଲ୍ଟି ସମ୍ମୁଖରୁ ରୋଗୀମାନଙ୍କୁ ଘରୋଇ ହସ୍ପିଟାଲକୁ ପଠାଇବା ପାଇଁ ପ୍ରବର୍ତ୍ତାଉଥିବା ଉକ୍ତ ଦଲାଲ୍‌ମାନଙ୍କୁ ମାଡ଼ି ବସିଥିଲେ। ଗିରଫ ୪ ଦଲାଲ ହେଲେ ଦେବାଶିଷ ମହାନ୍ତି, କ୍ରିଷ୍ଣା ବାହାଦୁର, ସୁଶାନ୍ତ ବାରିକ୍ ଓ ରାମ ନାଏକ। ଏମାନେ ବିଭିନ୍ନ ଘରୋଇ ହସ୍ପିଟାଲ କର୍ମଚାରୀ ପରିଚୟ ଦେଇ ରୋଗୀମାନଙ୍କୁ ସେଠାକୁ ନେଉଥିବା ନେଉଥିବା ଅଭିଯୋଗ ହୋଇଥିଲା। ତେବେ ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ, ସେନେଇ ମଧ୍ୟ ତଦନ୍ତ ଜାରି ରହିଥିବା ସୂଚନା ଦେଇଛି କମିଶନରେଟ ପୁଲିସ। ଯେଉଁ ଯେଉଁ ହସ୍ପିଟାଲକୁ ନେବାକୁ ଚେଷ୍ଟା କରୁଥିଲେ ସେଗୁଡ଼ିକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣାପଡ଼ିଛି।

## ବାର ବାଉନ୍ସରଙ୍କୁ ଗୁଳିକଲେ ଦୁର୍ବୃତ୍ତ

**ଭୁବନେଶ୍ୱର,୧୦।୫(ସଂଚାର ବ୍ୟୁରୋ):** ଚନ୍ଦ୍ରଶେଖରପୁର ଅଞ୍ଚଳରେ ଘନେଇଛନ୍ତି ଅସାମାଜିକ ଅପରାଧୀ । ଭୋର ୪ଟା ସମୟରେ ସେହି ବାରରେ ହୋଇଥିଲା ଗୁଳିକାଣ୍ଡ। ଗୁଳିମାଡ଼ରେ ବାଉନ୍ସର ସୂର୍ଯ୍ୟା ନାମକ ଯୁବକ ଆହତ ହୋଇଛନ୍ତି। ମୋଟ ୫ ରାଉଣ୍ଡ ଗୁଳି ଫୁଟିଥିବା ବେଳେ ସୂର୍ଯ୍ୟାଙ୍କ ଡାହଣ ଗୋଡରେ ଦୁଇଟି ଗୁଳି ବାଜିଛି । ତାଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଗୁଳି ଫୁଟାଇଥିବା ଯୁବକମାନେ ଗୋଟିଏ ଆର୍‌ୱାନ କାରରେ ଆସି ପ୍ରଥମେ ବାର ଉପରକୁ ଟେକା ପଥର ପକାଇଥିଲେ । ପରେ ବାରର ବାଉନସର ବାହାରକୁ ଆସି ପ୍ରତିବାଦ କରିବାରୁ ତାଙ୍କ ଉପରକୁ ଗୁଳି ଚଳେଇ ଥିଲେ ଏହି ଯୁବକମାନେ। ସେଠାରୁ ଫେରିବା ବେଳେ କୁଆଡ଼େ ଗୋଟିଏ ବୋମା ପକାଇଥିଲେ । ତେବେ ସେହି ସମୟରେ ବୋମା ନ ଫୁଟିବାରୁ ପୁଣି ବୋମାଟିକୁ ନେଇଯାଇ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଏନେଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ଖୋକା ଜବତ କରିଛି । କାହିଁକି ଏଭଳି ଘଟଣା ଘଟିଲା ତାର ତଦନ୍ତ ଜାରି ରଖିଛି । ବୋମା ପକାଇଥିବା ଯୁବକମାନେ ଫେରାର ଅଛନ୍ତି । ପୋଲିସ ସେମାନଙ୍କୁ ଖୋଜାଖୋଜି କରୁଛି । କିନ୍ତୁ ଗୁଳିକାଣ୍ଡ ପଛର କାରଣ କଣ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ହୁଏତ ପୂର୍ବ ଶତ୍ରୁତା, ବାର ମାଲିକଙ୍କ ସହ ବିବାଦ କିମ୍ବା ସେହି ବାଉନସରଙ୍କ ସହ ଗଣ୍ଡଗୋଳରୁ ଏଭଳି ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଉଛି।

## ନକଲି ନୋଟ୍‌ରେ ଜିନିଷ କିଣି ଧରାପଡ଼ିଲେ

- ପକେଟ୍‌ରୁ ବାହାରିଲା ୧୦ ହଜାର ଟଙ୍କାର ଜାଲ୍ ନୋଟ୍

**ଭଦ୍ରକ,୧୦।୫(ସଂଚାର ବ୍ୟୁରୋ):** ଦୋକାନରେ ଜିନିଷ କିଣିବା ବାହାନାରେ ନକଲି ନୋଟ୍ ଦେଇ ଧରାପଡ଼ି ବନ୍ଧା ହେଲେ । ଦୌଡ଼ି ପଳାଇବା ବେଳେ ଜଣେ ଧରା ପଡ଼ିଥିବା ବେଳେ ଜଣେ ଖସିଗଲା । ନିକଟରୁ ମିଳିଲା ପ୍ରାୟ ୧୦ ହଜାର ଟଙ୍କାର ନକଲି ନୋଟ୍ । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଆନନ୍ଦ ବଜାରରେ । ସୂଚନାଯୋଗ୍ୟ ଯେ, ଦୁଇ ଜଣ ଯୁବକ ଆନନ୍ଦବଜାରରେ ଥିବା ମାର୍କେଟକୁ ଆସିଥିଲେ। ଜଣେ ଯୁବକ ଦୋକାନରୁ କ୍ରିମ୍ କିଣିବା ପରେ ୨ ଶହ ଟଙ୍କା ଦେଇ ଖୁଚୁରା ନେଇଥିଲେ। କିଛି ସମୟ ପରେ ପୁଣି ଥରେ ୨ ଶହ ଟଙ୍କା ଦେଇ ଦୁଇଟି ୧୦୦ ଟଙ୍କିଆ ନୋଟ୍ ମାଗିଥିଲେ। ଦୋକାନୀ ଜଣକ ନୋଟ୍‌କୁ ଦେଖି ପାଖ ଦୋକାନୀକୁ ଦେଖାଇଥିଲେ। ଦୋକାନୀମାନେ ଏହି ନୋଟ୍ ନକଲି ବୋଲି କହିବା ମାତ୍ରେ ଯୁବକ ଜଣକ ଦୌଡ଼ି ପଳାଉଥିବା ବେଳେ ସ୍ଥାନୀୟ ଲୋକେ ଗୋଡ଼ାଇ ଗୋଡ଼ାଇ ଜଣକୁ ବାନ୍ଧି ଦେଇଥିଲେ ଓ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ । ଲୋକେ ଯୁବକଙ୍କ ପ୍ୟାକେଟ୍‌ରୁ ପ୍ରାୟ ୧୦ ହଜାର ଟଙ୍କାର ୫ ଶହ, ୨ ଶହ ଓ ଶହ ଟଙ୍କିଆ ନୋଟ୍ ପାଇଥିଲେ । ପରେ ଦରଡ଼ା ଫାଣ୍ଡି ପୋଲିସ ଆସି ଯୁବକଙ୍କୁ ଉଦ୍ଧାର କରିଛି । ତେବେ ଯୁବକ ଜଣକ ସହ ଆହୁରି ଅନେକ ଲୋକ ସାମିଲ ଥିବା ସ୍ଥାନୀୟ ଲୋକଙ୍କୁ କହିଥିବା ସୂଚନା ମିଳିଛି ।



# ପ୍ରତିରକ୍ଷା ପ୍ରତିଷ୍ଠାନ ଉପରେ ତୀକ୍ଷ୍ଣ ନଜର

**ଭୁବନେଶ୍ୱର,୧୦।୫:** ଭାରତ ଓ ପାକିସ୍ତାନ ଉଭୟ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ମଧ୍ୟ ଓଡ଼ିଶାରେ ଥିବା ପ୍ରତିରକ୍ଷା ବିଭାଗର ବିଭିନ୍ନ ଅନୁଷ୍ଠାନ ଉପରେ ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିରାପତ୍ତା ଦୃଷ୍ଟିରୁ ତୀକ୍ଷ୍ଣ ନଜର ରଖିଛନ୍ତି । କେବଳ ସେତିକି ନୁହେଁ, ସଂପୃକ୍ତ ଅଞ୍ଚଳର ସାଧାରଣ ଲୋକେ ବି ପ୍ରତିରକ୍ଷା ବାହିନୀର ଏହି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ଯେଭଳି ନିରାପଦ ରହିପାରିବ ସେଥିଘେନି ମଧ୍ୟ ଚର୍ଚ୍ଚା କରୁଛନ୍ତି । ଏଥିରୁ ସାଧାରଣ ଲୋକଙ୍କର ଦେଶ ପ୍ରେମ ମନୋଭାବ ସ୍ପଷ୍ଟ ବାରି ହୋଇଯାଉଛି ।

ବଲାଙ୍ଗୀର ଜିଲ୍ଲାର ସଇଁତଳାରେ ରହିଛି ପ୍ରତିରକ୍ଷା ବିଭାଗର ଗୋଳାବାରୁଦ କାରଖାନା । ପ୍ରାୟ ୪୦ବର୍ଷ ଧରି ଏହି କାରଖାନା ଆମ ପ୍ରତିରକ୍ଷା ବାହିନୀକୁ ଭରପୁର ସହାୟତା ଯୋଗାଇ ଆସୁଛି । କଡ଼ା ନିରାପତ୍ତା ବଳୟ ମଧ୍ୟରେ ଥିବା ଏହି ପ୍ରତିଷ୍ଠାନର ସୁରକ୍ଷା ବ୍ୟବସ୍ଥାକୁ ଏବେ ଢେର ବଢ଼ାଇ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ବ୍ୟତୀତ ରାଜ୍ୟ ପୋଲିସ ଓ ଜିଲ୍ଲା ପ୍ରଶାସନ ମଧ୍ୟ ଏହା ଉପରେ ସତର୍କ ନଜର ରଖିଛି।




ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ ରହିଛି ବହୁଚର୍ଚ୍ଚିତ କ୍ଷେପଣାସ୍ତ୍ର ପରୀକ୍ଷାଗାର । ଆମ ପ୍ରତିରକ୍ଷା ବ୍ୟବସ୍ଥାକୁ ସମୃଦ୍ଧ କରିବା କ୍ଷେତ୍ରରେ ପ୍ରାୟ ୭ ଦଶନ୍ଧି ଧରି ଏହି ସଂସ୍ଥାନର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତାହା ପାଖରେ ଥିବା ହ୍ୱିଲର ଦ୍ୱୀପ ବି ପ୍ରତିରକ୍ଷା ବ୍ୟବସ୍ଥାର ଏକ ଅଙ୍ଗ ଭାବେ କାମ କରିଆସୁଛି । ଚାନ୍ଦିପୁରରେ ଚାଲିଥିବା ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଗବେଷଣା ଅନନ୍ୟ ବୋଲି କୁହାଯାଇଥାଏ ।

ସେହିଭଳି କଟକ ଜିଲ୍ଲାର ଚାରିବାଟିଆଠାରେ ବାୟୁ ସେନାର ଏକ ଘାଟି ମଧ୍ୟ ରହିଛି। ବ୍ରିଟିଶ ଶାସନ ସମୟରୁ ଚାରିବାଟିଆ ବିମାନ ବନ୍ଦର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇ ଆସୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମୃତି ସହିତ ଚାରିବାଟିଆ ଜଡ଼ିତ। ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲା ସୀମାନ୍ତରେ ଚିଲିକା ଉପକୂଳରେ ରହିଛି ନୌସେନାର ଏକ ତାଲିମ ପ୍ରତିଷ୍ଠାନ । ଏହା ମଧ୍ୟ ପ୍ରାୟ ୪୦ବର୍ଷ ଧରି ନୌସେନା ପାଇଁ ଅନେକ ଯୋଦ୍ଧା ସୃଷ୍ଟି କରିଛି । କେବଳ ସେତିକି ନୁହେଁ, ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ସମୟରେ ଏହି ତାଲିମ ପ୍ରତିଷ୍ଠାନର ଯବାନମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବା ସହିତ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇଛନ୍ତି । ଗଞ୍ଜାମ ଜିଲ୍ଲାର ଗୋପାଳପୁର ସମୁଦ୍ର ବେଳାଭୂମି ନିକଟରେ ଥିବା ଗୋଳାବନ୍ଧ ଠାରେ ପଦାତିକ ସେନାର ଏକ ସଶକ୍ତ ଘାଟି ରହିଛି । ଏଠାରେ ତାଲିମପ୍ରାପ୍ତ ଯବାନମାନେ ପ୍ରାୟ ୫୦ବର୍ଷ ଧରି ବିଭିନ୍ନ ଯୁଦ୍ଧରେ ସୁନାମ ଅର୍ଜନ କରିଛନ୍ତି । ଗୋଳାବନ୍ଧର ଏହି ଘାଟି ଭିତରେ ସାମାରିକ ବାହିନୀର ଏ.ଡି. କଲେଜ୍ ରହିଛି। ଶତ୍ରୁର ପ୍ରତିରୋଧ କରିବା ପାଇଁ ଏଠାରେ ସ୍ୱତନ୍ତ୍ର ତାଲିମ ଦିଆଯାଇଥାଏ ।

ଏହାଛଡ଼ା ରାଜ୍ୟର ଆଉ କେତେକ ସ୍ଥାନରେ ମଧ୍ୟ ପ୍ରତିରକ୍ଷା ବାହିନୀର ଛୋଟବଡ଼ ପ୍ରତିଷ୍ଠାନମାନ ରହିଛି । ଅତୀତରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ପ୍ରସଂଗରେ ଗୁଇନ୍ଦାଗିରି କରିଥିବା ଅଭିଯୋଗରେ କିଛି ବ୍ୟକ୍ତି ଧରାପଡିଥିଲେ। ତାହା ପରଠାରୁ ରାଜ୍ୟରେ ଥିବା ସମସ୍ତ ପ୍ରତିରକ୍ଷା ପ୍ରତିଷ୍ଠାନଗୁଡ଼ିକ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଜାଗ ଦୃଷ୍ଟି ରଖିଛନ୍ତି । ସଂପ୍ରତି ପହେଲଗାମ୍ ଆତଙ୍କୀ ନରସଂହାର ପରେ ଭାରତ-ପାକ୍ ସୀମାରେ ଉତ୍ତେଜନା ପ୍ରକାଶ ପାଇବା ପରିପ୍ରେକ୍ଷୀରେ ଭାରତୀୟ ଯବାନମାନେ ଅଧିକ ସକ୍ରିୟ ହୋଇପଡିଛନ୍ତି । ଏ ପରିପ୍ରେକ୍ଷୀରେ ଓଡ଼ିଶାରେ ଥିବା କେନ୍ଦ୍ରୀୟ ତଟରକ୍ଷୀ ବାହିନୀର ଦାୟିତ୍ୱ ବଢ଼ିଯାଇଛି। ରାଜ୍ୟ ପୋଲିସ ମଧ୍ୟ ସମୁଦ୍ର ପଥର ଅନୁପ୍ରବେଶକାରୀଙ୍କୁ ଧରିବା ପାଇଁ ଜାଲ ବିଛାଇଛି । (ତଥ୍ୟ)

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତରେ କିଆ କ୍ଲାଭିସ୍‌ର ଆଡଭାନ୍ସ ବୁକିଂ ଆରମ୍ଭ



**ନୂଆଦିଲ୍ଲୀ, ୧୦।୫:** କିଆ ଇଣ୍ଡିଆ ଏହାର ନୂତନ ଏମପିଭି କ୍ଲାଭିସକୁ ଏକ ଅତ୍ୟନ୍ତ ଆକର୍ଷଣୀୟ ଲୁକ୍ ସହିତ ଉପସ୍ଥାପନ କରିଛି। ଏହାର ଫ୍ରଣ୍ଟରେ ଏକ ନୂଆ ବନ୍ଦ ଗ୍ରୀଲ୍ ରହିଛି, ଯାହା ଉଭୟ ପାର୍ଶ୍ୱରେ କ୍ୟୁବ୍-ଷ୍ଟାଇଲ୍ ଏଲଇଡି ହେଡଲ୍ୟାମ୍ପ ଏବଂ ଇଣ୍ଟିଗ୍ରେଟେଡ୍ ଡିଆରଏଲ ସହିତ ଆସିଥାଏ।

ନୂଆ ବମ୍ପର ଏବଂ ଏୟାର ଇନଲେଟ୍ ଏହାର ସ୍ପୋର୍ଟି ଲୁକ୍ କୁ ଆହୁରି ବଢ଼ାଇଥାଏ। ବ୍ୟାକରେ ଏଲଇଡି କନେକ୍ଟେଡ୍ ଟେଲ୍ ଲ୍ୟାମ୍ପ ଏହାକୁ ଏକ ପ୍ରିମିୟମ୍ ଟଚ୍ ଦିଏ। ଏଥି ସହ ଏଥିରେ ୧୭-ଇଞ୍ଚ କ୍ରିଷ୍ଟାଲ୍-କଟ୍ ଡୁଆଲ୍-ଟୋନ୍ ଆଲୟ ହ୍ୱିଲଇ ମଧ ସାମିଲ୍ ଅଛି।

କିଆ କ୍ଲାଭିସ୍‌ର ଇଣ୍ଟେରିୟର ବିଷୟରେ କହିବାକୁ ଗଲେ, ଏଥିରେ ଏକ ଡିଜିଟାଲ୍ ଇନ୍ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଏବଂ ଏକ ବଡ଼ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍ ଅଛି। ଏହା ସହିତ, ୬୪ କଲର ଆମ୍ବିଏଣ୍ଟ ଲାଇଟିଂ, ବୋସର ୮-ସ୍ପିକର ସାଉଣ୍ଡ ସିଷ୍ଟମ, ଡୁଆଲ୍ ପ୍ୟାନ୍ ସନରୁଫ୍, ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍ ଏବଂ ଇଲେକ୍ଟ୍ରିକ୍ ଆଡଜଷ୍ଟେବଲ୍ ଡ୍ରାଇଭର୍ ସିଟ୍ ଭଳି ଦମଦାର୍ ଫିଚର୍ସଗୁଡିକ ମଧ ରହିଛି। ଆଉ ଏକ ଖାସ୍ କଥା ହେଉଛି ଏଥିରେ ଇନଫୋଟେନମେଣ୍ଟ ଏବଂ କ୍ଲାଇମେଟ୍ କଣ୍ଟ୍ରୋଲ୍ ପାଇଁ ଏକ ବଟନ୍-ବେସ୍ଡ ସ୍ୱାପ୍ ସିଷ୍ଟମ୍ ଅଛି, ଯାହା ଏହାକୁ ଟେକ୍ନିକାଲ୍ ଦୃଷ୍ଟିରୁ ଉନ୍ନତ କରିଥାଏ। ଇଞ୍ଜିନ୍ ଅପ୍ସନ ବିଷୟରେ କହିବାକୁ ଗଲେ, କିଆ କ୍ଲାଭିସ୍‌ରେ ତିନୋଟି ପାୱାରଫୁଲ୍ ଅପ୍ସନରେ ଉପଲବ୍ଧ – ପ୍ରଥମଟି ହେଉଛି ୧.୫-ଲିଟର ନ୍ୟାଚୁରାଲ୍ ଆସ୍ପିରେଟେଡ୍ ପେଟ୍ରୋଲ୍ ଇଞ୍ଜିନ୍, ଦ୍ୱିତୀୟଟି ହେଉଛି ୧.୫ଲିଟର ଟର୍ବୋ-ପେଟ୍ରୋଲ୍ ଇଞ୍ଜିନ୍ ଯାହା ଏବେ ଏକ ନୂଆ ୬-ସ୍ପିଡ୍ ମାନୁଆଲ୍ ଗିଅର୍ବକ୍ସ ସହିତ ଆଡ୍ ହୋଇଛି, ଏବଂ ତୃତୀୟଟି ହେଉଛି ୧.୫-ଲିଟର ଡିଜେଲ୍ ଇଞ୍ଜିନ୍ ଯାହା ୬-ସ୍ପିଡ୍ ମାନୁଆଲ୍ ଏବଂ ଅଟୋମେଟିକ୍ ଟର୍କ କନଭର୍ଟର ୟୁନିଟ୍ ଅପ୍ସନରେ ଉପଲବ୍ଧ। ଏହି ସମସ୍ତ ଇଞ୍ଜିନ୍ ଅପ୍ସନଗୁଡ଼ିକୁ ଭାରତୀୟ ରାସ୍ତା ଏବଂ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଖାସ୍ ଭାବରେ ଡିଜାଇନ୍ କରାଯାଇଛି।

ସେଫ୍ଟି ଦୃଷ୍ଟିରୁ କିଆ କ୍ଲାଭିସ୍ ମଧ ବହୁତ ଉନ୍ନତ। ଏଥିରେ ଲେଭଲ୍-୨ ଏଡିଏଏସ (ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ସ) ଟେକ୍ନୋଲୋଜି ସାମିଲ୍, ଯାହା ସ୍ମାର୍ଟ କ୍ରୁଜ୍ କଣ୍ଟ୍ରୋଲ୍, ଫରୱାର୍ଡ୍ କୋଲିଜନ ଏଭଏଡାନ୍ସ, ଲେନ୍ କିପ୍ ଆସିଷ୍ଟ ଏବଂ ବ୍ଲାଇଣ୍ଡ ସ୍ପଟ୍ ୱାର୍ଣ୍ଣିଂ ଭଳି ହାଇ-ଟେକ୍ନୋଲୋଜୀ ଫିଚର୍ସ ପ୍ରଦାନ କରେ। ଏହା ବ୍ୟତୀତ, କାରଟିରେ ୬ଟି ଏୟାରବ୍ୟାଗ, ଇଲେକ୍ଟ୍ରୋନିକ୍ ଷ୍ଟାବିଲିଟି କଣ୍ଟ୍ରୋଲ, ରିୟର ପାର୍କିଂ ସେନ୍ସର, ହିଲ୍ ଆସିଷ୍ଟ, ୩୬୦-ଡିଗ୍ରୀ କ୍ୟାମେରା ଏବଂ ରିୟର ଡୋର୍ ମାଉଣ୍ଟେଡ୍ ସ୍ପଟ୍ ଲାଇଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ସେଫ୍ଟି ଫିଚର୍ସଗୁଡ଼ିକ ମଧ ରହିଛି।

ଏଥିସହ ଆପଣଙ୍କୁ ଜଣାଇ ଦେଉଛୁ ଯେ କିଆ କ୍ଲାଭିସ୍‌ର ବୁକିଂ ମଧରାତ୍ରିରୁ ଆରମ୍ଭ ହୋଇଯାଇଛି, ଯାହାକୁ ଗ୍ରାହକମାନେ କିଆର ଅଫିସିଆଲ୍ ୱେବସାଇଟ୍ କିମ୍ବା ନିକଟତମ ଡିଲରସିପ୍ ମାଧ୍ୟମରେ ସହଜରେ ବୁକ୍ କରିପାରିବେ। କମ୍ପାନୀ ପକ୍ଷରୁ ଆଗାମୀ କିଛି ସପ୍ତାହ ମଧରେ ମୂଲ୍ୟ ଘୋଷଣା କରାଯିବ, କିନ୍ତୁ ଏହାର ଦମଦାର୍ ଫିଚର୍ସଗୁଡ଼ିକୁ ଦୃଷ୍ଟିରେ ରଖି, ଏହି କାରଟି ଲୋକଙ୍କ ମଧରେ ଖୁବ୍ ଚର୍ଚ୍ଚା ଚାଲିଛି।

# ନିରୀକ୍ଷଣ ପାଇଁ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ

**ନୂଆଦିଲ୍ଲୀ, ୧୦।୫:** ଭାରତ-ପାକିସ୍ତାନ ଯୁଦ୍ଧ ଭଳି ସ୍ଥିତିରେ ଲୋକମାନଙ୍କୁ ନିରବଚ୍ଛିନ୍ନ ଟେଲିକମ୍ ସେବା ପ୍ରଦାନ କରିବା ଲାଗି ଟେଲିକମ୍ କମ୍ପାନିଗୁଡ଼ିକ ନେଟ୍‌ୱର୍କ ଉପରେ ନିରୀକ୍ଷଣ ବଢ଼ାଇଛନ୍ତି। ସେମାନେ ଇଣ୍ଟ୍ରା ସର୍କଲ୍ ରୋମିଂକୁ କାର୍ଯ୍ୟକ୍ଷମ କରିଥିବା ବେଳେ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରିଛନ୍ତି। ଟାୱାରଗୁଡ଼ିକୁ ଚାଲୁ ରଖିବା ଲାଗି ଡିଜେଲ୍ ମହଜୁଦ ରଖିଛନ୍ତି। ଇଣ୍ଟ୍ରା ସର୍କଲ୍ ରୋମିଂ କାର୍ଯ୍ୟକାରୀ ହୋଇଥିବାରୁ କୌଣସି ସର୍କଲ୍‌ରେ ଯଦି କୌଣସି ଗୋଟିଏ କମ୍ପାନିର ନେଟ୍‌ୱର୍କ କାମ କରୁଥିବ ତେବେ ସେଥିରେ ସବୁ କମ୍ପାନିର ମୋବାଇଲ୍ କାମ କରିବ। ବର୍ତ୍ତମାନ ସମୟରେ ଟେଲିକମ୍ କମ୍ପାନିଗୁଡ଼ିକ କିଭଳି ପ୍ରସ୍ତୁତ ରହିବା ଦରକାର, ତାହାକୁ ନେଇ ଟେଲିଯୋଗାଯୋଗ ବିଭାଗ ଏକ ବିବରଣୀ ଜାରି କରିଥିଲା। କଣ୍ଟ୍ରୋଲ୍ ରୁମ୍‌ର ନୋଡାଲ୍ ଅଧିକାରୀଙ୍କ ନମ୍ବର ଦେବା ଓ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ କମ୍ପାନିଗୁଡ଼ିକୁ କୁହାଯାଇଥିଲା। ଏନେଇ ଟେଲିକମ୍ କମ୍ପାନିଗୁଡ଼ିକ ସହ ଚଳିତ ମାସ ୭ରେ ଏକ ବୈଠକ ହୋଇଥିଲା। ପରସ୍ପର ସହ ଯୋଗାଯୋଗରେ ରହିବାକୁ କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟୁତ ବିଭ୍ରାଟ ଭଳି ସଙ୍କଟର ମୁକାବିଲା କରିବା ଲାଗି ଡିଜି ସେଟ୍ ପାଇଁ ପର୍ଯ୍ୟାପ୍ତ ଡିଜେଲ୍ ମହଜୁଦ ରଖିବାକୁ ସେମାନଙ୍କୁ କୁହାଯାଇଥିଲା। କୌଣସି ସ୍ଥାନରେ ନେଟ୍‌ୱର୍କ ସମସ୍ୟା ଦେଖାଦେଲେ ତୁରନ୍ତ ସରକାରଙ୍କୁ ଜଣାଇବାକୁ କମ୍ପାନିଗୁଡ଼ିକୁ କୁହାଯାଇଛି।

**ଇଣ୍ଟ୍ରା ସର୍କଲ୍ ରୋମିଂ କାର୍ଯ୍ୟକ୍ଷମ**

# ହ୍ୱାଟ୍ସଅପ୍ ଜରିଆରେ ଦେଇପାରିବେ ଏଲଆଇସି ପ୍ରିମିୟମ

**ନୂଆଦିଲ୍ଲୀ,୧୦।୫:** ଭାରତୀୟ ଜୀବନ ବୀମା ନିଗମ ଏହାର ପଲିସି ଧାରକଙ୍କ ପାଇଁ ଏକ ବଡ଼ ଘୋଷଣା କରିଛି। ଏଲଆଇସି ପ୍ରିମିୟମ ଦେବା ପାଇଁ ଏବେ ଆପଣଙ୍କୁ ଏଜେଣ୍ଟଙ୍କ ପାଖକୁ ଯିବାକୁ ପଡିବ ନାହିଁ। ଆପଣ ଘରୁ ହ୍ୱାଟ୍ସଆପ ମାଧମରେ ପ୍ରିମିୟମ ପୈଠ କରିପାରିବେ। ଏଥିପାଇଁ, ଏଲଆଇସି ହ୍ୱାଟ୍ସଆପ ବୁଟ୍ ଜାରି କରିଛି। ଘରେ ବସି ଆପଣ କିପରି ପ୍ରିମିୟମ ପୈଠ କରିପାରିବେ ତାହା ଜାଣନ୍ତୁ। ଏଲଆଇସି ପ୍ରିମିୟମ ପୈଠ କରିବା ପାଇଁ ୮୯୭୬୮୬୨୦୯୦ ନମ୍ବର ଜାରି କରିଛି। ଏହି ହ୍ୱାଟ୍ସଆପ ନମ୍ବରରେ ଏକ ମେସେଜ ପଠାଇ, ଆପଣ ୟୁପିଆଇ ମାଧମରେ ପେମେଣ୍ଟ କରି ଆପଣଙ୍କର ପଲିସି ପୂରଣ କରିପାରିବେ। ବୀମା କମ୍ପାନୀ କହିଛି ଯେ ଏହି ବିକଳ୍ପ ଏଲ୍ଆଇସି ଗ୍ରାହକମାନଙ୍କୁ ଅନଲାଇନରେ ପ୍ରିମିୟମ ପୈଠ କରିବାର ବିକଳ୍ପ ଦେବ। ଏହା ମାଧମରେ, ଗ୍ରାହକମାନେ ବଟ୍ ମଧରେ ହିଁ ପେମେଣ୍ଟ କରିପାରିବେ। ହ୍ୱାଟ୍ସଆପ ମାଧମରେ ପଲିସି ପୂରଣ କରିବାକୁ, ପ୍ରଥମେ ଆପଣଙ୍କୁ ୮୯୭୬୮୬୨୦୯୦ ନମ୍ବରରେ Hi ପଠାଇବାକୁ ପଡିବ। ଏହା ପରେ ବଟ ସକ୍ରିୟ ହୋଇଯିବ ଏବଂ ଆପଣଙ୍କ ଚାଟ୍ ସ୍କ୍ରିନରେ ଅନେକ ବିକଳ୍ପ ଦେଖାଯିବ। ଆପଣଙ୍କୁ ଯେଉଁ ସେବା ପାଇବାକୁ ଚାହୁଁଛନ୍ତି ତାହା ଚୟନ କରିବାକୁ ପଡିବ। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କୁ ପଲିସି ପ୍ରିମିୟମ ଦେବାକୁ ପଡ଼େ, ତେବେ ଆପଣଙ୍କୁ ସେହି ବିକଳ୍ପ ଉପରେ କ୍ଲିକ୍ କରିବାକୁ ପଡିବ। ଏହା ପରେ ଆପଣଙ୍କୁ ଏକ ଲିଙ୍କ ମିଳିବ, ଯେଉଁଥିରେ ଆପଣଙ୍କୁ କ୍ଲିକ କରି ପଞ୍ଜୀକରଣ କରିବାକୁ ପଡିବ।

# ଚାରି ଧାମ ଯାତ୍ରା ହେଲିକପ୍ଟର ସେବା ବନ୍ଦ

**ଡେରାଡୁନ, ୧୦।୫:** ଉତ୍ତରାଖଣ୍ଡ ବେସାମରିକ ବିମାନ ଚଳାଚଳ ବିକାଶ ପ୍ରାଧିକରଣ (ୟୁସିଏଡିଏ) ଉତ୍ତରାଖଣ୍ଡରେ ଚାରି ଧାମ ଯାତ୍ରା ହେଲିକପ୍ଟର ସେବାକୁ ତୁରନ୍ତ ସ୍ଥଗିତ ରଖିଛି। ରିପୋର୍ଟ ଅନୁଯାୟୀ, ହେଲିକପ୍ଟର ସେବା କେବଳ ଚାରିଧାମ ଯାତ୍ରା ସ୍ଥାନରୁ ତୀର୍ଥଯାତ୍ରୀମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ଉପଲବ୍ଧ ହେବ। ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଭାଗୀରଥି ନଦୀ ନିକଟରେ ଏକ ହେଲିକପ୍ଟର ଦୁର୍ଘଟଣାରେ ପାଞ୍ଚ ଜଣ ମହିଳାଙ୍କ ସମେତ ଛଅ ଜଣଙ୍କର ମୃତ୍ୟୁ ହେବାର ଦୁଇ ଦିନ ପରେ ଏହାକୁ ସ୍ଥଗିତ ରଖାଯାଇଛି। ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିଲେ। ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଜାତୀୟ ସୁରକ୍ଷା ଚିନ୍ତା ବୃଦ୍ଧି ପାଇବା ଏବଂ ତୀର୍ଥଯାତ୍ରୀଙ୍କ ସୁରକ୍ଷା ବିପଦକୁ ଦର୍ଶାଇ ଉତ୍ତରାଖଣ୍ଡ ବେସାମରିକ ବିମାନ ଚଳାଚଳ ବିକାଶ କର୍ତ୍ତୃପକ୍ଷ ଶନିବାର ଦିନ ଚାରିଧାମ ଯାତ୍ରା ପାଇଁ ସମସ୍ତ ହେଲିକପ୍ଟର ସେବାକୁ ତୁରନ୍ତ ବନ୍ଦ କରିଦେଇଛନ୍ତି। ଏହା ଦ୍ୱାରା କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ତୀର୍ଥଯାତ୍ରୀମାନେ ପରବର୍ତ୍ତୀ ନିର୍ଦ୍ଦେଶ ପରେ ପୁଣି ଯାତ୍ରା କରିପାରିବେ।



ଏକ ସରକାରୀ ବିବୃତ୍ତିରେ, ୟୁସିଏଡିଏ ସ୍ପଷ୍ଟ କରିଛି, ଚାରିଧାମ ଯାତ୍ରା ପାଇଁ ହେଲିକପ୍ଟର ସେବା ତୁରନ୍ତ ସ୍ଥଗିତ ରଖାଯାଇଛି। ସେବାଗୁଡ଼ିକ ଏବେ କେବଳ ସ୍ଥାନାନ୍ତର ଉଦ୍ଦେଶ୍ୟରେ ସୀମିତ ରହିବ। ମନ୍ଦିର ସ୍ଥାନରୁ ଫସି ରହିଥିବା କିମ୍ବା ଅସୁବିଧାରେ ପଡ଼ିଥିବା ତୀର୍ଥଯାତ୍ରୀମାନଙ୍କୁ ବିମାନରେ ସ୍ଥାନାନ୍ତର କରିବା ପାଇଁ ଏହା ବ୍ୟବହାର କରାଯିବ ଏହି କଟକଣା ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ସୀମାପାର ଶତ୍ରୁତା ବୃଦ୍ଧିର ପ୍ରତିକ୍ରିୟାରେ ଉତ୍ତର ରାଜ୍ୟଗୁଡ଼ିକରେ ସକ୍ରିୟ ହୋଇଥିବା ଏକ ବ୍ୟାପକ ସୁରକ୍ଷା ପ୍ରୋଟୋକଲର ଏକ ଅଂଶ ବୋଲି କୁହାଯାଉଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ସ୍ଥିତିରୁ ସୃଷ୍ଟି ହୋଇଥିବା ଆକାଶ ସୀମା ପ୍ରତିବନ୍ଧକ, ଡ୍ରୋନ୍ ଅନୁପ୍ରବେଶ ଏବଂ କ୍ଷେପଣାସ୍ତ୍ର ବିପଦ ସମେତ ଉତ୍ତର ଭାରତରେ ସୁରକ୍ଷା ସତର୍କତା ଜାରି କରାଯିବା ପରେ ଏହି ପଦକ୍ଷେପ ନିଆଯାଇଛି।

ଉତ୍ତରାଖଣ୍ଡର ପ୍ରମୁଖ ତୀର୍ଥକ୍ଷେତ୍ର, ବିଶେଷକରି କେଦାରନାଥ ଏବଂ ବଦ୍ରିନାଥ, ସମ୍ବେଦନଶୀଳ ଉଚ୍ଚ କ୍ଷେତ୍ରରେ ଅବସ୍ଥିତ। ଚଳିତ ସପ୍ତାହର ଆରମ୍ଭରେ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସମସ୍ତ ରାଜ୍ୟର ବିମାନ ଚଳାଚଳ ସଂସ୍ଥାଗୁଡ଼ିକୁ ନିରୀକ୍ଷଣ ବୃଦ୍ଧି କରିବା ଏବଂ କଡ଼ା ଉଡ଼ାଣ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଜାରି କରିଥିଲେ। ୟୁସିଏଡିଏ ଅଧିକାରୀମାନେ ଗୁରୁତ୍ୱାରୋପ କରିଛନ୍ତି ଯେ, ତୀର୍ଥଯାତ୍ରୀଙ୍କ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା। ଚାରିଟି ଧାର୍ମିକ ସ୍ଥଳରେ ସ୍ଥାନୀୟ ପ୍ରଶାସନ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ଦଳଗୁଡ଼ିକୁ ନିୟୋଜିତ କରାଯାଇଛି, ଏବଂ ତୀର୍ଥଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଓହ୍ଲାଇବାରେ ସାହାଯ୍ୟ କରିବା ପାଇଁ ଭୂମିରେ ପରିବହନ ବ୍ୟବସ୍ଥା କରାଯାଉଛି। ଆମେ ସମସ୍ତ ତୀର୍ଥଯାତ୍ରୀଙ୍କୁ ଶାନ୍ତ ରହିବା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଅନୁରୋଧ କରୁଛୁ। ଉଚ୍ଚ-ଉଚ୍ଚତାରେ ଥିବା ଧର୍ମସ୍ଥଳରେ ଥିବା ଲୋକମାନଙ୍କୁ ପରବର୍ତ୍ତୀ ସ୍ଥାନାନ୍ତର ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳରେ ରହିବାକୁ ପରାମର୍ଶ ଦିଆଯାଉଛି ବୋଲଇ ଜଣେ ବରିଷ୍ଠ ୟୁସିଏଡିଏ ଅଧିକାରୀ କହିଛନ୍ତି। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକର୍ଷିତ କରୁଥିବା ଚାରିଧାମ ଯାତ୍ରାରେ ବିମାନ ସେବା ବନ୍ଦ ହେବା ଦ୍ୱାରା ବିଳମ୍ବ ଏବଂ ଲଜିଷ୍ଟିକ୍ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ପୂର୍ବରୁ ବୁକ୍ ହୋଇଥିବା ହେଲିକପ୍ଟର ଟିକେଟ୍ ଥିବା ତୀର୍ଥଯାତ୍ରୀମାନଙ୍କୁ ଟଙ୍କା ଫେରସ୍ତ କିମ୍ବା ପୁନଃନିର୍ଦ୍ଧାରିତ ବିକଳ୍ପ ପାଇଁ ସେମାନଙ୍କ ଅପରେଟରଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି।

ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ୟୁସିଏଡିଏ, ପୋଲିସ, ବିପର୍ଯ୍ୟୟ ମୁକାବିଲା ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗର ଅଧିକାରୀଙ୍କ ସହିତ ପରିସ୍ଥିତି ସମୀକ୍ଷା କରିଛନ୍ତି। ଯାହା ଦ୍ୱାରା ସଙ୍କଟର ସମନ୍ୱିତ ପରିଚାଳନା ସୁନିଶ୍ଚିତ ହୋଇପାରିବ ଏବଂ ସ୍ଥଳଭାଗରେ ତୀର୍ଥଯାତ୍ରୀଙ୍କ ପାଇଁ ଅତ୍ୟାବଶ୍ୟକୀୟ ସେବା ବଜାୟ ରହିବ। ବର୍ତ୍ତମାନ ଚାରିଧାମକୁ ଯାଉଥିବା କିମ୍ବା ସେମାନଙ୍କ ଯାତ୍ରା ଯୋଜନା କରୁଥିବା ତୀର୍ଥଯାତ୍ରୀମାନଙ୍କୁ ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ ଯାତ୍ରା ସ୍ଥଗିତ ରଖିବାକୁ ଏବଂ ଉତ୍ତରାଖଣ୍ଡ ସରକାରଙ୍କ ସରକାରୀ ପୋର୍ଟାଲ୍ ଏବଂ ୟୁସିଏଡିଏ ଚ୍ୟାନେଲ ମାଧ୍ୟମରେ ଅପଡେଟ୍ ରହିବାକୁ ପରାମର୍ଶ ଦିଆଯାଇଛି।

# ପାକ୍ ନିବେଶକଙ୍କ ୮୨,୦୦୦ କୋଟି କ୍ଷତି

**ମୁମ୍ବାଇ, ୧୦।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ପ୍ରଭାବରେ ଗତାକଲି ସୁଦ୍ଧା ଚାରି ଦିନ ଲଗାତାର ଭାବେ ହ୍ରାସ ପାଇବା ପରେ ପାକିସ୍ତାନର ଷ୍ଟକ୍ ବଜାର କାରବାରରେ ଆଜି ସୁଧାର ଘଟିଛି। କରାଚି ଷ୍ଟକ୍ ଏକ୍ସଚେଞ୍ଜ ସୂଚୀ କେଏସ୍ଇ-୧୦୦ ଆଜି ୧୦୨୬ ପଏଣ୍ଟ ବୃଦ୍ଧି ପାଇ ୧,୦୩,୭୦୦ ପଏଣ୍ଟରେ ବନ୍ଦ ହୋଇଛି। ତେବେ ଗତ ଚାରିଦିନରେ ଘଟିଥିବା ହ୍ରାସ ପ୍ରଭାବରେ ପାକିସ୍ତାନୀ ନିବେଶକମାନେ ୮୨,୦୦୦ କୋଟି ଟଙ୍କା ହରାଇଛନ୍ତି। ଗତ ଏପ୍ରିଲ୍‌ରେ କେଏସ୍ଇ-୧୦୦ ସୂଚୀ ଏହାର ସର୍ବୋଚ୍ଚ ସ୍ତର ୧,୨୦,୭୯୬ ପଏଣ୍ଟରେ ପହଞ୍ଚିଥିଲା। ଏପ୍ରିଲ୍ ୨୨ରେ ପହଲଗାମ ଆତଙ୍କୀ ଆକ୍ରମଣ ପରଠାରୁ ତାହା ଲଗାତାର ଭାବେ ତଳକୁ ଖସି ପ୍ରାୟ ୧୩,୦୦୦ ପଏଣ୍ଟ ହରାଇଛି। ତେବେ, ଭାରତରେ ଶୁକ୍ରବାର, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୮୮୦ ପଏଣ୍ଟ ତଳକୁ ଖସି ୭୯,୪୫୪ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୬୫ ପଏଣ୍ଟ ହ୍ରାସ ପାଇ ୨୪,୦୦୮ ପଏଣ୍ଟକୁ ଖସିଆସିଛି। ଗତକାଲି ମଧ୍ୟ ସେନ୍‌ସେକ୍ସ ଓ ନିଫ୍ଟି ତଳକୁ ଖସିଥିଲା। ଏହି ଦୁଇ ଦିନରେ ଭାରତୀୟ ନିବେଶକମାନେ ପ୍ରାୟ ୭ ଲକ୍ଷ କୋଟି ଟଙ୍କା ହରାଇଥିବା ଆକଳନ କରାଯାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଆଇସିଆଇସିଆଇ ବ୍ୟାଙ୍କ, ପାୱାରଗ୍ରିଡ୍, ଅଲ୍‌ଟ୍ରାଟେକ୍




ସିମେଣ୍ଟ, ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ବଜାଜ ଫିନ୍‌ସର୍ଭ, ଆଦାନୀ ପୋର୍ଟସ୍, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଓ ଏନ୍‌ଟିପିସିର ସେୟାର ମୂଲ୍ୟ ହ୍ରାସ ପାଇଛି। ସେହି ସମୟରେ ଟାଇଟାନ୍, ଏଲ୍‌ଆଣ୍ଡ୍‌ଟି, ଟାଟା ମୋଟର୍ସ, ଷ୍ଟେଟ୍ ବ୍ୟାଙ୍କ ଓ ଏସିଆନ୍ ପେଣ୍ଟସ୍ ସେୟାର ମୂଲ୍ୟ ବଢ଼ିଛି। ଜିଓଜିତ ଇନଭେଷ୍ଟମେଣ୍ଟ ଲିମିଟେଡ୍‌ର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର କହିଛନ୍ତି ଯେ ଖୁଚୁରା ନିବେଶକମାନେ ସାମାନ୍ୟ ସତର୍କ ହୋଇପଡ଼ିଛନ୍ତି।



# ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ନାହିଁ: ସରକାର

**ନୂଆଦିଲ୍ଲୀ, ୧୦।୫:** ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର କୌଣସି ଅଭାବ ନାହିଁ। କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ତଥା ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହା କହିଛନ୍ତି। ଦେଶବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ ସେ କହିଛନ୍ତି ଯେ ଚାଉଳ ହେଉ ଅଥବା ଗହମ, ଡାଲି, ଚଣା, ମସୁର ଓ ମୁଗ ସବୁ କିଛି ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ପରିମାଣରେ ରହିଛି। କୌଣସି ଜିନିଷର କିଛି ବି ଅଭାବ ନାହିଁ। ତେଣୁ ଭୟରେ ବଜାରକୁ ଯାଇ ଖାଦ୍ୟ ସାମଗ୍ରୀ କିଣିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଲୋକମାନଙ୍କୁ କହିଛନ୍ତି। ଯୁଦ୍ଧ ପାଇଁ ଖାଦ୍ୟ ପାନୀୟର ଅଭାବ ଦେଖାଦେବ ବୋଲି ଅନେକ ମିଥ୍ୟା ପ୍ରଚାର ଚାଲିଛି। ସେଭଳି ଗୁଜବକୁ ବିଶ୍ୱାସ ନ କରିବାକୁ ସେ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଦେଶରେ ଖାଦ୍ୟର ଅଭାବ ଦେଖାଦେଲାଣି ବୋଲି ଗୁଜବ ପ୍ରଚାର ହେଉଛି। ସେଭଳି ପ୍ରଚାରରେ ବିଶ୍ୱାସ କରନ୍ତୁ ନାହିଁ। ଆମ ପାଖରେ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ଶସ୍ୟ ରହିଛି। ଆଇନ ପ୍ରଣୟନକାରୀ ଏଜେନ୍ସିମାନଙ୍କ ସହ ସହଯୋଗ କରିବା ଲାଗି ସେ ବ୍ୟବସାୟୀ, ପାଇକାରୀ ଓ ଖୁଚୁରା ବିକ୍ରେତା ଓ ବ୍ୟବସାୟୀମାନଙ୍କୁ କହିଛନ୍ତି। ଯେଉଁମାନେ ସ୍ଥିତିର ଫାଇଦା ଉଠାଇ ଜିନିଷ ମହଜୁଦ ରଖିବେ କିମ୍ବା କଳାବଜାରୀ କରିବାକୁ ଉଦ୍ୟମ କରିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ଥିବା ବ୍ୟବସ୍ଥା ଅଧୀନରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ରାଜ୍ୟରେ ଖାଦ୍ୟ ପଦାର୍ଥ ଓ ଅତ୍ୟାବଶ୍ୟକ ସାମଗ୍ରୀର କୌଣସି ଅଭାବ ନାହିଁ। ସମସ୍ତ ଜିନିଷ ପ୍ରଚୁର ମାତ୍ରାରେ ବଜାରେ ଉପଲବ୍ଧ ରହିଛି। ସରକାରଙ୍କ ପାଖରେ ମଧ ପର୍ଯ୍ୟାପ୍ତ ଶସ୍ୟ ରହିଛି। ତେଣୁ କୌଣସି ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ଜିନିଷ କିଣି ମହଜୁଦ ରଖିବାର କୌଣସି ଆବଶ୍ୟକତା ନାହିଁ ବୋଲି ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି। ଭାରତୀୟ ବ୍ୟବସାୟୀ ମହାସଂଘର ସଚିବ ପ୍ରବୀଣ ଖଣ୍ଡେଲୱାଲ ଓ ଜାତୀୟ ଅଧକ୍ଷ ବ୍ରିଜ ମୋହନ ଅଗ୍ରୱାଲଙ୍କ ଆହ୍ୱାନକୁ ସମର୍ଥନ କରି ସେ କହିଛନ୍ତି ଯେ ଏହି ସଙ୍କଟ ସମୟରେ ଦେଶର ସମସ୍ତ ବ୍ୟବସାୟୀ ଭାରତୀୟ ସେନା ସହ ଠିଆ ହୋଇଛି। ବ୍ୟବସାୟୀମାନେ ଅର୍ଥନୀତିରେ ସେନାର ଭୂମିକା ନିର୍ବାହ କରିବେ। କୌଣସି ପରିସ୍ଥିତିରେ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବାକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ବଜାର ସମ୍ପର୍କିତ ନିଷ୍ପତ୍ତି ନେବାରୁ ବିରତ ରହିବା ଓ ସରକାରୀ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ରାଜ୍ୟର ବ୍ୟବସାୟୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଦେଶରେ ଯୁଦ୍ଧ ଭଳି ସ୍ଥିତି ଲାଗି ରହିଥିବାରୁ ଆର୍ଥିକ ଅନୁଷ୍ଠାନଗୁଡ଼ିକ ଉପରେ ସାଇବର ଆକ୍ରମଣ ଆଶଙ୍କା ବଢ଼ିଯାଇଛି। ଏଭଳି ସମ୍ଭାବ୍ୟ ଆକ୍ରମଣ ପ୍ରତି ସତର୍କ ରହିବାକୁ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିର୍ଦ୍ଦେଶ ଦେଇଛନ୍ତି। କୋର୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବା ଓ ତାହା ଉପରେ ଚବିଶ ଘଣ୍ଟା ନଜର ରଖିବା ଲାଗି ବ୍ୟାଙ୍କଗୁଡ଼ିକୁ କୁହାଯାଇଛି। ଏଟିଏମ୍‌ରେ ସର୍ବଦା ଟଙ୍କା ରହିବା, ନିରବଚ୍ଛିନ୍ନ ୟୁପିଆଇ କାରବାର, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସେମାନଙ୍କୁ କୁହାଯାଇଛି। ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବାକୁ ବ୍ୟାଙ୍କଗୁଡ଼ିକୁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧକ୍ଷତା କରି ସୀତାରମଣ କହିଛନ୍ତି।

ପେଟ୍ରୋଲ ଓ ଡିଜେଲ୍‌କୁ ନେଇ ଯେତେ ସବୁ ପ୍ରଚାର ଓ ଆଲୋଚନା ହେଉଛି, ସବୁ କିଛି ଗୁଜବ ବୋଲି ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ତେଲକୁ ନେଇ କୌଣସି ସମସ୍ୟା ନାହିଁ। ସ୍ଥିତି ପୂର୍ବରୁ ଯାହା ଥିଲା ଏବେବି ସେଇଆ ରହିଛି। କେହି ଚିନ୍ତା କରିବାର କିଛି କାରଣ ନାହିଁ। ପେଟ୍ରୋଲ୍ ପମ୍ପରେ ୟୁପିଆଇ କାରବାର ହେବନି ସମ୍ପର୍କିତ ଖବର ଉପରେ ମତ ଦେଇ ସେ କହିଛନ୍ତି ଯେ କେବଳ ମହାରାଷ୍ଟ୍ରର ପୁଣେରେ ଘଟିଥିବା ଏକ ଘଟଣା ସହ ଏହାର ସମ୍ପର୍କ ରହିଛି। ଅନ୍ୟ ଜଣକ ଭୁଲ ପାଇଁ ପେଟ୍ରୋଲ ପମ୍ପ ଆକାଉଣ୍ଟ ସିଲ୍ କରାଯିବ ଭଳି ଘଟଣାକୁ ସେଠାକାର ତୈଳ ଡିଲରମାନେ ତୀବ୍ର ବିରୋଧ କରି ୟୁପିଆଇ ପେମେଣ୍ଟ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା କିମ୍ବା ସାରା ଦେଶ ସହିତ ଏହି ଘଟଣାର କୌଣସି ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି।

## ସୁନା ଓ ରୁପା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୬୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୪୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୬୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୪୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୬୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୮୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦, ୬୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୬୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୪୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୬୮୦ ଓ ୯୦,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୧,୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲ ଦରରେ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ପରିବାର



**କନ୍ଧମାଳ,୧୦।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଅନ୍ତର୍ଗତ ଟେଲା ପାଲି ଗ୍ରାମର ଶିବାଜୀ ରଣା (୫୩)ଜନ୍ମରୁ ଅନ୍ଧ ହୋଇଥିବା ବେଳେ ସ୍ତ୍ରୀ ସୁନ୍ଦରୀ ରଣା (୪୭)ମଧ୍ୟ ମାନସିକ ବିକଳାଙ୍ଗ। ତାଙ୍କ ଗୋଟିଏ ବୋଲି ଝିଅ କାଜଲ ରଣା(୧୮) ମଧ୍ୟ ଭିନ୍ନକ୍ଷମ। ଏହି ଭିନ୍ନକ୍ଷମ ପରିବାରକୁ ଅନେକ ବର୍ଷ ତଳେ ଏକ ଇନ୍ଦିରା ଆବାସ ଘର ମିଳିଥିଲା। ତାହା ଏବେ ଦୟନୀୟ ଅବସ୍ଥାରେ। ଟିଣ ସବୁ ଫାଟି ଯାଇଥିବା ଘର ଭିତରୁ ଦିନରେ ସୂର୍ଯ୍ୟ ଓ ରାତିରେ ଜହ୍ନ ଦେଖାଯାଉଛି। କହିବାକୁ ଗଲେ ଖରା ଦିନରେ ସୂର୍ଯ୍ୟଙ୍କ ପ୍ରଖର କିରଣ ଛିଦ୍ର ସବୁ ଦେଇ ଭିତରେ ପଶୁଥିବା ବେଳେ ବର୍ଷାଦିନରେ ଛାତରୁ ପାଣିପଶି ଚଟାଣ ସମ୍ପୂର୍ଣ୍ଣ କାଦୁଅ ହୋଇ ଯାଉଥିବାରୁ ପରିବାର ଖରା ଓ ବର୍ଷା ସମୟରେ ବଡ଼ ହଇରାଣ ହେଉଛନ୍ତି। ଅନ୍ୟ ପଟେ ଘର ଅତି ପୁରୁଣା ହୋଇଥିବାରୁ ଘର କାନ୍ଥ ସବୁ ଫାଟି ଆଁ କଲାଣି। କେତେବେଳେ ଯେ ଭୁଶୁଡି ପଡ଼ିବ କହି ହେବ ନାହିଁ। ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଭଙ୍ଗା ଘରେ ଦିନ କାଟୁଛନ୍ତି ଏହି ଭିନ୍ନକ୍ଷମ ପରିବାର ହେଲେ ପ୍ରଶାସନ ଆଖିକୁ ଏ ପରିବାର ର ଦୁଃଖ ଦେଖାଯାଉନି। ଧନୀ ଓ ମଧ୍ୟବିତ୍ତ ପରିବାର ମାନଙ୍କୁ ଗରିବ ଅସହାୟ ଶ୍ରେଣୀରେ ସାମିଲ କରି ଘର ଉପରେ ଘର ଯୋଗେଇ ଦେଉଛନ୍ତି ସିନା, ଶିବାଜୀ ଙ୍କ ଭଳି ନିରୀହ, ଭିନ୍ନକ୍ଷମ ପରିବାର କୁ ଘର ଖଣ୍ଡେ ଯୋଗେଇ ଦେବାକୁ ଅସମର୍ଥ। ନା ସେମାନେ ସେଇ ଘରେ ସୋଇ ପାରୁଛନ୍ତି, ନା ବସି ପାରୁଛନ୍ତି। ଭିନ୍ନକ୍ଷମ ହିସାବରେ ବାପଝିଅ ଓ ସ୍ତ୍ରୀ ଙ୍କୁ ଭତ୍ତା ଟଙ୍କା ମିଳୁଛି।ଅନ୍ୟପଟେ ସ୍ତ୍ରୀ ସୁନ୍ଦରୀ ଏଘର ସେଘର ବୁଲି ଅନ୍ୟ ମୂଳ ଲାଗି ଯାହା କିଛି ବି ଧରିକି ଆସୁଛି ସେଥିରେ ୩ ପ୍ରାଣୀଙ୍କ ପେଟ ପାଇଁ ଦାନାର ଯୋଗାଡ଼ କରୁଛନ୍ତି। ଦିନହୀନ ଶିବାଜୀ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଅନେକ ଥର ଆବେଦନ କରିଥିଲେ ମଧ୍ୟ ପ୍ରଶାସନ ଶିବାଜୀଙ୍କ ପରିବାର ପାଇଁ ଘର ଖଣ୍ଡେ ଯୋଗେଇ ଦେଉନାହାନ୍ତି।ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ବିଡ଼ିଓ ଙ୍କ ନିକଟକୁ ବାରମ୍ବାର ଘର ଆଶାରେ ଦୌଡ଼ିଛନ୍ତି ହେଲେ ପ୍ରଶାସନିକ ଅଧିକାରୀ ମାନେ ସେକେଣ୍ଡ ଲିଷ୍ଟ ରେ ଆସିବ କହି କହି ଠକି ଚାଲିଥିବା ଶିବାଜୀ ଦୁଃଖର ସହ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ପ୍ରଶାସନ ଏହି ଅସହାୟ ପରିବାର ପାଇଁ କେବେ ଛାତ ଯୋଗାଉଛି। ଏନେଇ ଡିଣ୍ଡିରାଗାଁ ପଂଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଝୁଲିଲତା ସାହୁଙ୍କୁ ପଚାରିବାରୁ ସେ ଅନ୍ତୋଦୟ ଓ ପିଏମଏଯାଇ ସର୍ବେ ହୋଇଛି, ତେଣୁ ସେକେଣ୍ଡ ଲିଷ୍ଟ ଆସିଲେ ତାଙ୍କେ ଘର ପାଇଯିବେ ବୋଲି କହିଛନ୍ତି। ପ୍ରକାଶ ଥାଉକି, ଡିଣ୍ଡିରାଗାଁ ଗ୍ରାମ ପଞ୍ଚାୟତର ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧ୍ୟ ଜଣେ ଭିନ୍ନକ୍ଷମ ମହିଳା। ସେ ଭିନ୍ନକ୍ଷମ ଥିବା ବାହାନା କରି ପଞ୍ଚାୟତର କୌଣସି ବି ଗ୍ରାମକୁ ବ୍ୟକ୍ତିଗତ ଭାବେ ପରିଦର୍ଶନ କରନ୍ତି ନାହିଁ। ୱାର୍ଡ ସଭ୍ୟ ଓ ଗାଁ ସାଥି (ମେଟ )ମାନେ ଯାହାବି ସୂଚନା ଦିଅନ୍ତି ତାକୁ ନେଇ କାର୍ଯ୍ୟ କରିଆସୁଛନ୍ତି।ଯାହାର ପରିଣାମ ସ୍ୱରୂପ ଆଜି ବି ପଂଚାୟତରେ ଅନେକ ଯୋଗ୍ୟ ହିତାଧିକାରୀ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି। ତେଣୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଜେ ଘଟଣା ସ୍ଥଳରେ ପହଁଞ୍ଚି ଉପଯୁକ୍ତ ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଜନା ସବୁରେ ସାମିଲ କରିବାକୁ ସାଧାରଣରେ ଦାବୀ ହେଉଛି।

# ଭାରତୀୟ ସେନାଙ୍କ ପାଇଁ ତ୍ରିରଙ୍ଗା ଯାତ୍ରା



**ଯାଜପୁର ରୋଡ଼, ୧୦।୫(ସଂଚାର ବ୍ୟୁରୋ):** ଭାରତ ଓ ପାକିସ୍ତାନ ମଧ୍ୟରେ ବର୍ତ୍ତମାନ ଘମାଘୋଟ ଯୁଦ୍ଧ ଚାଲିଛି। ଏହାରି ଭିତରେ ଭାରତୀୟ ସେନା ତଥା ଭାରତମାତାର ବିଜୟ କାମନା ପୂର୍ବକ ଓ ଭାରତବାସୀ ଏକ ହୋଇ ସେନାର ଶୌର୍ଯ୍ୟପାଇଁ କାମନା କରିବା ସହ ଆତଙ୍କବାଦକୁ ବିଲୋପ ପାଇଁ ପାଣିକୋଇଲିରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। 'ମା' ତାରିଣୀ ମନ୍ଦିରରରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରାଯାଇଥିଲା। ଅବସରପ୍ରାପ୍ତ ସୈନିକ ରାଜିଶୋର ମଲ୍ଲିକଙ୍କ ନେତୃତ୍ୱରେ ସୂର୍ଯ୍ୟମଣି ପଣ୍ଡା, ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଦଳାଇ, ଗୋକୁଳାନନ୍ଦ ମହାପାତ୍ର, ରାମ ଚନ୍ଦ୍ର ମଲ୍ଲିକ, କୋରେଇ ଉନ୍ନୟନ ପରିଷଦର ସଭାପତି ଶ୍ରୀଧର ଦାସ, ସମ୍ପାଦକ ଆଲୋକ ଦାଶ, ଅମୂଲ୍ୟ ଦାସ, କେଶବ ରାଓ ଭୁକ୍ତା, ତାରିଣୀ ପଟ୍ଟନାୟକ, ମେଘନାଦ ଜେନା, ଷ୍ଟେଟ ବ୍ୟାଙ୍କ ପରିଚାଳକ ମାନସ ବେହେରା, କାର୍ତ୍ତିକ ବେହେରା, ପ୍ରମୋଦ ପଣ୍ଡା, କୃଷକ ନେତା ବଳରାମ ସାହୁ, ଦାମୋଦର ସାହୁ, ଗୋପାଳ ସାହୁ, ମନ୍ମଥ ଗିରି, ବିଶ୍ୱହିନ୍ଦୁ ପରିଷଦର ଭୂପତି ଭୂଷଣ ଦାଶ, ଯଶୋବନ୍ତ ଦାସ, ଅମୀୟ ସାହୁ, ବିଶ୍ୱଜିତ ସାହୁ, ସଞ୍ଜୟ ଦାସ, ଦୀନେଶ ନାୟକ, ନିତେଶ ବେହେରା, ସନ୍ତୋଷ ମଲ୍ଲିକ, ହୃଷିକେଶ ମହାନ୍ତ, ରାଇ ଚରଣ ସାହୁ, ଲକ୍ଷ୍ମୀଧର ମଲିକ, କାହ୍ନା ମଲିକ, ବିଜୟ ଜେନା, ଥାନା ଅଧିକାରୀ ରଂଜିତ ମହାନ୍ତି, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳଙ୍କ ସମତେ ଶତାଧିକ ଜନସାଧାରଣ ମାନେ ସାମିଲ ହୋଇଥିଲେ।

# କଣାସରେ ଲୋକ ଅଦାଲତ



**କଣାସ,୧୦।୫(ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରତିଷ୍ଠିତ ଜେଏମଏଫସି ଅଦାଲତରେ ଆଜି ଦ୍ୱିୟ ରଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ୨୦ଟି ଫୌଜଦାରୀ ମାମଲାର ବିଚାର ବିମର୍ଶ କରାଯାଇ ସମାଧାନ କରାଯାଇଛି। ବିଚାରପତିଭାବେ ଅନୁସମ ଦାସ, ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ନିଯୁକ୍ତ ପ୍ୟାନେଲ ଆଇନଜୀବ ଶୁଶାନ୍ତ କୁମାର ମହାନ୍ତ.କାର୍ଯ୍ୟରତ ପେସ୍କାର ଦିଲ୍ଲୀପ କୁମାର ତରାଇ, ଜ୍ୟୋତି ରଞ୍ଜନ ପାଢ଼ୀ, କଣାସ ଓକିଲ ସମ୍ପାଦକ ବିଶ୍ୱନାଥ ବେହେରା, ସରକାରୀ ଓକିଲ ବିକ୍ରମ କୁମାର ନାଥ ଓ ସମସ୍ତ ଆଇନଜୀବ ଉପସ୍ଥିତ ଥିଲେ।ଫଟୋ ଇ ମେଲରେ ପଠାଗଲା

### 'ଅଳିଆ ଗଦା ହଟାଅ ଓ ସୈନିକସ୍କୁଲ ବଞ୍ଚାଅ ଅଭିଯାନ'ର ନିଷ୍ପତି

# କମିଶନରଙ୍କ କ୍ୱାର୍ଟର ଆଗରେ ଅଳିଆ ଢାଳି ପ୍ରତିବାଦ କରିବ



**ଭୁବନେଶ୍ୱର, ୧୦।୫(ସଂଚାର ବ୍ୟୁରୋ):** ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତି ଅନୁଯାଇ ସୋମବାର ସକାଳେ ଅଭିଯାନର ଶହ ଶହ କର୍ମକର୍ତ୍ତା ମାନେ ଗଷ୍ଟଡ଼କଣ ଅଲିଅଗଦାରୁ ଅଳିଆକୁ ବ୍ୟାଗରେ ଭର୍ତ୍ତି କରି ଆଣି ବିଏମସି କମିଶନରଙ୍କ ୟୁନିଟ -୯ ସ୍ଥିତ ସରକାରୀ କ୍ୱାଟର ଆଗରେ ଢାଳି ପ୍ରତିବାଦ କରିବେ। ତାଙ୍କ କ୍ୱାଟର ଆଗରେ ଅଳିଆ ଗଦା ହେଲେ କିପରି ଦୁର୍ଗନ୍ଧ ହୋଇ ନାକ ଫାଟିଯାଉଛି ଓ କି ଅନୁଭବ ହେଉଛି ସିଏ ପ୍ରଥମେ ଜାଣନ୍ତୁ ଓ କେତେ ଅସୁବିଧାରେ ଦୀର୍ଘ ବର୍ଷ ହେଲା ସେ ଅଞ୍ଚଳ ଲୋକ ହନ୍ତସନ୍ତ ହେଉଛନ୍ତି ତାକୁ ମର୍ମେ ମର୍ମେ ଉପଲବ୍ଧି କରନ୍ତୁ ବୋଲି ଅଭିଯାନ କହିଛି। ଗଷ୍ଟଡ଼କଣ ସୈନିକ ସ୍କୁଲ ଠାରେ ଥିବା ଭୁବନେଶ୍ୱର ମହାନଗର ନିଗମର ଅସ୍ଥାୟୀ ଅଳିଆ ଗଦାକୁ ସ୍ଥାୟୀ ଭାବେ ଶହ ଶହ ଗାଡ଼ିରେ ଶହ ଶହ ଟନ ଅଳିଆ ନେଇ ଦୈନିକ ପକାଉଛି। ଯାହା ବର୍ତ୍ତମାନ ସେଠିକାର ଲୋକଙ୍କ ବଂଚିବା ଦୁର୍ବିସହ କରିଦେଇଛି। ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ବି ଏମ ସି ହିଁ ଦାୟୀ। ବହୁତ ପୂର୍ବରୁ ଏଥିପାଇଁ ବିରୋଧ ହୋଇ ଆସୁଥିଲା। ହେଲେ ବର୍ତ୍ତମାନ ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ଏଠାରୁ ଅଳିଆ ଗଦା ହଟାଇବାକୁ ଦୁର୍ବାର ଶପଥ ଶହ ବିଭିନ୍ନ ସ୍ତରରେ ଆନ୍ଦୋଳନ ଜୋରଦାର କରିଛି। ପୂର୍ବ ବୈଠକ ନିଷ୍ପତି ଅନୁସାରେ ଅଳିଆ ବ୍ୟାଗ ଧରି କମିଶନର, ମେୟର, ସଚିବ ଓ ସହର ବିକାଶ ମନ୍ତ୍ରୀଙ୍କ ଘର ଆଗରେ ବିରୋଧ ପଦର୍ଶନ କରିବା କଥା। ସୋମବାର ପ୍ରଥମ ଦଫାରେ ଆଗ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସରକାରୀ ବାସଭବନ ସମ୍ମୁଖରେ ଅଳିଆ ଗଦା ଢ଼ାଳି ପ୍ରତିବାଦ କରିବାକୁ ନିଷ୍ପତି ହେଉଛି। ଅଳିଆ ଗଦା ହଟେଇବାକୁ ତୁରନ୍ତ ପଦକ୍ଷେପ ନନେଲେ ପରବର୍ତୀ ସମୟରେ ଅନ୍ୟ ମାନଙ୍କ ଘରେ ଅଳିଆ ଢଳାଯିବ। ସୈନିକସ୍କୁଲ ଆଜିଠୁ ଗ୍ରୀଷ୍ମ ଛୁଟି ହେଉଥିବାରୁ ସୈନିକ ସ୍କୁଲର ଅଭିଭାବକ ମାନେ ପିଲାଙ୍କୁ ନେବାକୁ ଆସିଥିବା ଅବସରରେ ସେଠାରେ ସେମାନଙ୍କ ପକ୍ଷରୁ ସ୍କୁଲ ସ୍ଥାନାନ୍ତରଣ ହେଲେ ଆଗକୁ ଗୁରୁତର ଅସୁବିଧା ନେଇ ଅଭିଯାନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ହୋଇଥିଲା। ସେମାନେ ଜାତୀୟ ସ୍ତରରେ ସୋସିଆଲ ମିଡ଼ିଆରେ ଡିଜିଟାଲ କ୍ୟାମ୍ପେନ ମାଧ୍ୟମରେ ପ୍ରତିରକ୍ଷା ବିଭାଗର ଅବଗତି ନିମନ୍ତେ ସଚେତନତା ଜାଗ୍ରତ ସହ ଅନ୍ୟାନ୍ୟ ପଦକ୍ଷେପ ସହିତ ଏହି ଅଭିଯାନରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଥିଲେ।

# ମୁଜାଗଡ, ଲାଲସିଂରେ ଠାକୁରାଣୀ ଯାତ୍ରା ଆରମ୍ଭ

**ଭଞ୍ଜନଗର,୧୦।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମୁଜାଗଡ,ଲାଲସିଂରେ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ଯାତ୍ରା ୨୧ ଦିନ ଧରି ଚାଲିବ। ଉଭୟ ଗ୍ରାମବାସୀ ଦେବୀଙ୍କୁ ବିଭିନ୍ନ ସ୍ଥାୟୀ ମନ୍ଦିରରୁ ନିମନ୍ତ୍ରଣ କରି ଆଣି ଅସ୍ଥାୟୀ ମଣ୍ଡପରେ ରଖାଯାଇଛି। ଆତସବାଜି,ପାରମ୍ପରିକ ନୃତ୍ୟ, ବାଦ୍ୟର ତାଳେ ତାଳେ ଲୋକେ ନୃତ୍ୟ କରିବା ସହ ଦେବୀଙ୍କୁ ପାଛୋଟି ନେଇଥିଲେ। ଉଭୟ ଯାତ୍ରା ୨୧ ଦିନ ଧରି ଯାତ୍ରା ଚାଲିବ। ଏହି ସମୟରେ ଦେବୀ ବିଭିନ୍ନ ଦିବସରେ ନଗର ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି। ଶନିବାର ମୁଜାଗଡରେ ଦେବୀଙ୍କ ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ହୋମ ଯଜ୍ଞ ହୋଇଥିଲା। ରବିବାର ମଧ୍ୟ ହୋମଯଜ୍ଞ ହେବ। ସୋମବାର ଠାରୁ ଦେବୀଙ୍କ ନଗର ଭ୍ରମଣ ଆରମ୍ଭ ହେବ। ଉଭୟ ଯାତ୍ରାରେ ଆଗକୁ ଭିଡ ହେବ। ତେଣୁ ରାମ ଦୋଳି ସମେତ ବିଭିନ୍ନ ଦୋକାନ ବଜାର ଖୋଲିବ। ଅପରପକ୍ଷେ ବେଲଗୁଣ୍ଠା ଯାତ୍ରା ମଧ୍ୟ ବର୍ତ୍ତମାନ ଚାଲିଛି। ଯାତ୍ରା ଗୁଡ଼ିକ କିଭଳି ଶାନ୍ତିଶୃଙ୍ଖଳାର ସହ ସରିବ ସେଥିପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି।

# ହନୁମାନ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



**କଣାସ,୧୦।୫(ସଂଚାର ବ୍ୟୁରୋ):** କଣାସ ବ୍ଲକ କାଦୁଆ ପଞ୍ଚାୟତର ସାନଓରା ଗ୍ରାମରେ ପ୍ରତିଷ୍ଠିତହନୁମାନ ମନ୍ଦିରରେ ସାତ ତାରିଖଠାରୁ ଆରମ୍ଭ ହୋଇଥିବା ୧୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ।।ଜି ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ କରାଯାଇ ଉଦଯାପିତ ହୋଇଯାଇଛି। ବାଜାବାଣ ପଟୁଆର ସହ ୧୦୮ ଜଳକଳସ ଦୟାନଦୀରୁ ସଂଗ୍ରହ କରାଯାଇ ଯଜ୍ଞ ସ୍ଥଳକୁ ଅଣାଯାଇଥିଲା। ୧୦୮ ହନୁମାନ ଚାଳିଶା କାର୍ଯ୍ୟକ୍ରମରେ ରାମନାରାୟଣ ସାହୁ, ଅରୁଣ ମହାପାତ୍ର, ଦାସରଥି ସାହୁ ପ୍ରମୁଖ ତତ୍ୱାବଧାନ କରିଥିଲେ। ଆର୍ଶିବାଦ ଶିଶୁ ମନ୍ଦିରର ୩୬ ଜଣ ଛାତ୍ରଛାତ୍ରୀ ଭକ୍ତିସଂଙ୍ଗୀତ ନୃତ୍ୟ ପ୍ରଦାନ କରିଥିଲେ। ଶେଷଦିନ ରାମଲୀଳା ପରିବେଷଣ ହୋଇଥିଲା। ବିକ୍ରମ ସାହୁ, ରବୀନ୍ଦ୍ର ମହାପାତ୍ର, ଇନ୍ଦ୍ରମଣି ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତ୍ୟହଃ ପ୍ରସାଦ ସେବନ କାର୍ଯ୍ୟକ୍ରମ ଚାଲିଥିଲା। ବଲୁଙ୍କି ସାହି ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦଯାପନ ସଭାରେ ସର୍ବେଶ୍ୱର ଜେନା, ଅଜୟ ସେଠୀ, ପ୍ରଫୁଲ ସ୍ୱାଇଁ, କବି ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ ଅତିଥୀ ଭାବେ ଯୋଗ ଦେଇଥିଲେ। ଫଟୋ ଇ ମେଲରେ ପଠାଗଲା

# ମିକ୍ସଚର ଅପରେଟରଙ୍କ ଅବହେଳା ପାଇଁ ଚାଲିଗଲା ଶ୍ରମିକଙ୍କ ଜୀବନ

**ନୀଳଗିରି,୧୦।୫(ସଂଚାର ବ୍ୟୁରୋ):** ମିକ୍ସଚର ମେସିନ ଅପରେଟରଙ୍କ ବେପରୁଆ ଗାଡ଼ି ଚାଳନାପାଇଁ ଚାଲିଗଲା ଜଣେ ଶ୍ରମିକଙ୍କ ଜୀବନ। ଏଭଳି ଅଘଟଣ ଦେଖିବାକୁ ମିଳିଛି ନୀଳଗିରି ରାଇଗାଁ ଅଞ୍ଚଳରେ। ହଦଗଡ଼ ସାଳନ୍ଦୀ କେନାଲର ବାମପର୍ଶ୍ୱ କାମ ଚାଲିଥିବା ବେଳେ ଝାଡ଼ଖଣ୍ଡ ଅଞ୍ଚଳର ମିକ୍ସଚର ମେସିନ ହେଲପର ଭାବେ କାର୍ଯ୍ୟରତ ନୟନ କିସ୍କୁ (୨୯) ମେସିନ ଓଲଟି ପଡ଼ିବା ଫଳରେ ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂଭୂମ ଜିଲ୍ଲା ଚାକୁଲିଆ ଥାନା ମାଟିଆବନ୍ଧ ଗ୍ରାମର ସ୍ୱର୍ଗତ ଖୁଦିରାମ କିସ୍କୁଙ୍କ ପୁଅ ନୟନ କିସ୍କୁ ଲାର୍ଡ୍ସ ଇମ୍ପାକନ ପ୍ରାଃ ଲିମିଟେଡରେ ମିକ୍ସଚର ମେସିନ ହେଲପର ଭାବରେ କାର୍ଯ୍ୟକରୁଥିଲେ। ଶନିବାର ଅପରାହ୍ନ ପ୍ରାୟ ୫ଟା ସମୟରେ ଜେଏଚ- ୦୫ଡିଏସ - ୩୫୩୩ ନଂ ମିକ୍ସଚର ମେସିନର ଡ୍ରାଇଭର ମାଲ ଲୋଡକରି ଯାଉଥିବା ସମୟରେ ହଠାତ୍ ମେସିନଟି ଓଲଟିପଡ଼ିବା ଫଳରେ ହେଲ୍ପର ନୟନ ମେସିନ ତଳେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ନୟନକୁ କମ୍ପାନୀ କର୍ତୃପକ୍ଷ ଏବଂ ଉପସ୍ଥିତଶ୍ରମିକମାନେ ତାଙ୍କୁ ତୁରନ୍ତ ନୀଳଗିରି ମେଡିକାଲ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।ଏନେଇ ନୟନଙ୍କ ସାନଭାଇ ଶଙ୍କର କିସ୍କୁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରି ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ପାଇଁ ତାଙ୍କ ଭାଇଙ୍କର ଜୀବନ ଯାଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ କମ୍ପାନୀ କର୍ତୃପକ୍ଷ ନୟନଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବୀ ହୋଇଛି।

# କବାଟ ଭାଙ୍ଗି ଘରୁ ସୁନାଗହଣା, ଟଙ୍କା ଚୋରି

**ଦିଗପହଣ୍ଡି,୧୦।୫(ସଂଚାର ବ୍ୟୁରୋ):** ଦିଗପହଣ୍ଡି ସହର ଗୁଡ଼ିଆଗଳି ବାସିନ୍ଦା ସୁଦର୍ଶନ ସାହୁଙ୍କ ଘରୁ ଦୁର୍ବୃତ୍ତମାନେ ପ୍ରାୟ ୪୦ ହଜାର ଟଙ୍କା ଏବଂ ବହୁ ପରିମାଣର ସୁନାଗହଣା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସୁଦର୍ଶନ ପରିବାର ସହ ଜଣେ ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବାକୁ ଯାଇଥିବା ବେଳେ ବୁଧବାର ରାତିରେ ଦୁର୍ବୃତ୍ତମାନେ ବାରିପଟ କବାଟ ଭାଙ୍ଗି ଘରେ ପଶି ଚୋରି କରିଥିବା ଜଣାପଡିଛି। ଗୁରୁବାର ସୁଦର୍ଶନ ଘରେ ପହଞ୍ଚିବା ପରେ ଘରୁ ଚୋରି ହେଉଥିବା ଜାଣିବାକୁ ପାଇଥିଲେ। ଏନେଇ ଉଜ୍ଜଳ ସାହୁ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି।

# କାଳବୈଶାଖୀରେ ବୃଦ୍ଧାଙ୍କ ଘର ଛପର ଉଡ଼ିଲା



**ନୂଆପଡ଼ା,୧୦।୫(ସଂଚାର ବ୍ୟୁରୋ):** ନୂଆପଡ଼ା ସଦର ବ୍ଲକ୍ ଚୂଳାଭାଟ ପଞ୍ଚାୟତ ଗଙ୍ଗାଦିଗଡ଼ ଗାଁରେ ଶୁକ୍ରବାର କାଳବୈଶାଖୀରେ ଜଣେ ବୃଦ୍ଧାଙ୍କ ଘର ଛପର ଉଡ଼ିଯାଇଛି। ସୂଚନାକ୍ରମେ ଗାଁର ଶାନ୍ତିବାଈ ମାଝି (୭୦) ଘରେ ଏକାକୀ ରହନ୍ତି। ସେ ଦୀର୍ଘବର୍ଷ ହେବ ଆବାସ ଗୃହ ପାଇଁ ଆବେଦନ କରିଆସୁଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ତେଣୁ ସେ ବହୁ ପୁରୁଣା ଝାଟିମାଟି ଘରେ ରହିଆସୁଥିଲେ। ଏପରିସ୍ଥଳେ ଶୁକ୍ରବାର ରାତ୍ରିରେ ଖାଇ ଶୋଇଥିବା ସମୟରେ ହଠାତ୍ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହୋଇଥିଲା। ଏଥିରେ ତାଙ୍କ ଘର ଛାତ ଉଡ଼ିଯାଇଥିବାବେଳେ କାନ୍ଥ ଭାଙ୍ଗିପଡ଼ିଛି। ସୌଭାଗ୍ୟବଶତଃ ଶାନ୍ତିବାଈ ବର୍ତ୍ତିଯାଇଛନ୍ତି। ଘର ଭାଙ୍ଗିଯିବା ପରେ ସେ ଖୋଲା ଆକାଶ ତଳେ ପଡ଼ିରହିଛନ୍ତି। ଗ୍ରାମବାସୀ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଏ ସମ୍ପର୍କରେ ଲିଖିତ ଭାବରେ ଜଣାଇଛନ୍ତି। ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତକରି କ୍ଷୟକ୍ଷତିର ଆକଳନକରି ସରକାରୀ ସହାୟତା ଯୋଗାଇଦିଆଯିବ ବୋଲି କହିଛନ୍ତି।

### ଆରଟିଆଇ ତଥ୍ୟରେ ବଡ ଖୁଲାସା

# ଜଳଛତ୍ର ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଛି ବିଏମସି




**ବ୍ରହ୍ମପୁର,୧୦।୫(ସଂଚାର ବ୍ୟୁରୋ):** ଗୋଟିଏ ପରେ ଗୋଟିଏ ଦୁର୍ନୀତି ଅନିୟମିୟତା ଓ କେଲେଙ୍କାରୀରେ ଛନ୍ଦି ହୋଇ ପଡ଼ିଥିବା ମହାନଗର ନିଗମ ସୁଧୁରିବାରେ ନାଁ ଧରୁନାହି । ଯେ କୌଣସି ବିଭାଗର ଯେ କୌଣସି କାମକୁ ଲକ୍ଷ୍ୟକଲେ କୋଟି କୋଟି ଟଙ୍କାର ଅନିୟମିୟତା ଓ ଦୁର୍ନୀତି ସ୍ପଷ୍ଟ ବାରି ହୋଇପଡୁଛି। ରୋଡ, ଡ୍ରେନ ଠାରୁ ଆରମ୍ଭ କରି ମଶା ମାରା,ବନ୍ଧ ଖୋଳା , ଗଛ ଲଗା ,କାନ୍ଥରେ ଚିତ୍ର ଆଙ୍କିବା, ପାର୍କ ନବୀକରଣ,ବାଉଁଶ ବ୍ୟାରିକେଟ ,ସ୍ୱାୟତ୍ତ ଶାସନ ଦିବସ ପାଳନରେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ଅନିୟମିୟତା ନଜରକୁ ଆସୁଛି । ନିକଟରେ ବ୍ରହ୍ମପୁରର ଜଣାଶୁଣା ଆଇନଜୀବୀ ତଥା ବିଜେପି ନେତା, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଖରାଦିନେ ଲୋକଙ୍କୁ ପିଇବା ପାଇଁ ମହାନଗର ନିଗମ ତରଫରୁ ଯେଉଁ ଜଳଛତ୍ର ଖୋଲାଯାଉଛି ସେଥିପାଇଁ ମହାନଗର ନିଗମ କେତେ ଟଙ୍କା ଖର୍ଚ୍ଚ କରିଛି ବୋଲି ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ଚାହିଁଥିଲେ । ମହାନଗର ନିଗମ ଗତ ପାଞ୍ଚ ବର୍ଷର ଦେଇଥିବା ତଥ୍ୟ ଅନୁଯାୟୀ ୨୦୨୧ ଓ ୨୦୨୨ ମସିହାରେ ସହରରେ କୌଣସି ଜଳଛତ୍ର ଖୋଲାଯାଇ ନଥିବା ପ୍ରକାଶ କରିଛି। ୨୦୨୩ ମସିହାରେ ସହରରେ ମାତ୍ର ଚାରୋଟି ଜଳଛତ୍ର ଖୋଲା ଯାଇଥିଲା । ତେବେ ୨୦୨୪ ମସିହାରେ ହଠାତ୍ ମହାନଗର ନିଗମ ସହରରେ ୫୩ ଗୋଟି ଜଳଛତ୍ର ଖୋଲିଥିଲା ଓ ସେଥିପାଇଁ ୨୩ ଲକ୍ଷ ୮୭ ହଜାର ୫୦୫ ଟଙ୍କା ଖର୍ଚ୍ଚ କରିଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି। ଏହି ଘଟଣାକୁ ନେଇ ଆଇନଜୀବୀ ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି ଯେ ୨୦୨୩ ମସିହାରେ ମାତ୍ର ଚାରୋଟି ଜଳଛତ୍ର ଖୋଲିଥିବା ବେଳେ ୨୦୨୪ ମସିହାରେ ୫୩ ଗୋଟି ଜଳ ଛତ୍ର ଖୋଲିବାର ଲୁକ୍କାୟିତ ଉଦ୍ଦେଶ୍ୟ କଣ ଥିଲା ? । ଖୋଲା ବଜାରରେ ପାଣିକୁ ଶୁଦ୍ଧ କରୁଥିବା ୪୦ ଲିଟର୍ ମେସିନ୍ ର ଦାମ୍ ୪୦ ହଜାର ଟଙ୍କା ମାତ୍ର। ଏହାକୁ ଯଦି ସହରର ବିଭିନ୍ନ ଛକ ମାନଙ୍କରେ ସ୍ଥାୟୀ ଭାବରେ ପ୍ରତିଷ୍ଠା କରାଯାଇ ପାରିଥାନ୍ତା ତେବେ ଏହି ବିପୁଳ ଧନ ରାଶିରେ ପ୍ରାୟ ୪୭ ଗୋଟି ପାଣି ଶୁଦ୍ଧ କରୁଥିବା ମେସିନ୍ ସ୍ଥାୟୀ ଭାବରେ ସହରରେ ବସା ଯାଇପାରିଥାନ୍ତା । ଜନ ସାଧାରଣ ବର୍ଷ ତମାମ ଶୁଦ୍ଧ ପିଇବା ପାଣି ଏଥିରୁ ପାଇ ପାରିଥାନ୍ତେ । ବ୍ରହ୍ମପୁର ମହାନଗର ନିଗମ ଝିଣ୍ଟିକା ମାରି ବଣି ପୋଷିବା ନାଁରେ ଏହି ବିପୁଳ ଧନ ରାଶି ସ୍ୱଂୟ ସହାୟକ ଗୋଷ୍ଠୀ ର ମହିଳା ମାନଙ୍କ ଦ୍ୱାରା ଖର୍ଚ୍ଚ କରିଥିବା ପ୍ରକାଶ କରିଛନ୍ତି । ଲୋକଙ୍କ ଟଙ୍କାକୁ ହରି ଲୁଟ କରିବା ବନ୍ଦ କରିବା ସହ ଏହି ଘଟଣାର ତଦନ୍ତ କରାଯାଉ ବୋଲି ଆଇନଜୀବୀ ଶ୍ରୀ ପୀତବାସ ପଣ୍ଡା ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

# ୨୩ ଫୌଜଦାରୀ, ୨ ଦେୱାନୀ ମାମଲାର ସମାଧାନ

**ଦିଗପହଣ୍ଡି,୧୦।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି କୋର୍ଟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମାଜିଷ୍ଟ୍ରେଟ୍ ନୀଳିମା ଷଡ଼ଙ୍ଗୀ ୨୩ଟି ଫୌଜଦାରୀ ଏବଂ ୨ ଟି ଦେୱାନୀ ମାମଲାର ଚୂଡ଼ାନ୍ତ ସମାଧାନ କରିଥିବା ଜଣାପଡ଼ିଛି। ସେହିପରି ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକଙ୍କ ପକ୍ଷରୁ ଋଣ ବାବଦରେ ୭୯ ହଜାର ୫୭ ଟଙ୍କା ଆଦାୟ କରାଯାଇଥିବା ଜଣାପଡ଼ିଛି। କୋର୍ଟ କର୍ମଚାରୀ ପ୍ରଦୀପ କୁମାର ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ ଲୋକ ଅଦାଲତରେ ବହୁ ସଂଖ୍ୟକ ଆଇନଜୀବୀ ଏବଂ ବରିଷ୍ଠ କର୍ମଚାରୀ ଶିବରାମ ସାହୁ, ସସ୍ମିତା ମହାରଣା, ଅଞ୍ଜଳି ମହାରଣା, ଅଶ୍ୱିନୀ କୁମାର ପଟ୍ଟନାୟକ, ସଂଗ୍ରାମ କେଶରୀ ପଣ୍ଡା, ପପୁନ ମହାରଣା, କାଳିଆ ନାୟକ, ନିରଞ୍ଜନ ଶବର,ବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଟିପିଏସ୍ଓଡିଏଲକୁ ଓଡ଼ିଶା ଲିଡରସିପ୍ ଆୱାର୍ଡ଼




**ବ୍ରହ୍ମପୁର,୧୦।୫(ସଂଚାର ବ୍ୟୁରୋ):** ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଅଭିନବ ପଦକ୍ଷେପ ଓ ପରିଚାଳନା ପାଇଁ ଓଡ଼ିଶା ଲିଡରସିପ୍ ଆୱାର୍ଡ଼ ୨୦୨୫ରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପୁରସ୍କୃତ ହୋଇଛି। ଏହି ପୁରସ୍କାର ନୂତନ ମାନବ ସମ୍ବଳ ପଦକ୍ଷେପ ମାଧ୍ୟମରେ ଏକ ପ୍ରଗତିଶୀଳ ଏବଂ ଲୋକ କୈନ୍ଦ୍ରିକ କର୍ମକ୍ଷେତ୍ର ନିର୍ମାଣ ଦିଗରେ ଟିପିଏସ୍ଓଡିଏଲର ପ୍ରୟାସକୁ ଦର୍ଶାଉଛି। କମ୍ପାନୀର ବିଭିନ୍ନ ପଦକ୍ଷେପ, ସଫଳତା, ଗଣମାଧ୍ୟମରେ କଭରେଜ୍ ଏବଂ ସହାୟକ ଡକ୍ୟୁମେଣ୍ଟ ଇତ୍ୟାଦିର ବିଶଦ ମୂଲ୍ୟାୟନକୁ ଆଧାର କରି ପୁରସ୍କାର ପାଇଁ ଚୟନ କରାଯାଇଥିଲା। କର୍ମଚାରୀ ନିୟୋଜନ ଓ ସେମାନଙ୍କ କଲ୍ୟାଣ, ବିବିଧତା, ନିରନ୍ତର ଶିକ୍ଷଣ, ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗ ତଥା ଏକ ସମାବେଶୀ କର୍ମ ସଂସ୍କୃତି ଗଠନ ଉପରେ ଟିପିଏସ୍ଓଡିଏଲ୍ ଗୁରୁତ୍ୱ ଦେଇଆସିଛି। ଏସବୁ ପଦକ୍ଷେପ କର୍ମଚାରୀମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ବ୍ୟାବସାୟିକ ଲକ୍ଷ୍ୟ ସହ ଯୋଡ଼ିଥାଏ। ବିଭିନ୍ନ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ଉପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲ୍ ପକ୍ଷରୁ ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜୀବ କୌଶିକ ଏବଂ ମାନବ ସମ୍ବଳର ଡେପୁଟି ଜେନେରାଲ ମ୍ୟାନେଜର ସୁନିଲ କୁମାର ରଥ ପୁରସ୍କାର ଗ୍ରହଣ କରିଥିଲେ। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଏହି ସମ୍ମାନଜନକ ପୁରସ୍କାର ପାଇଥିବାରୁ ଆମେ ସମସ୍ତେ ଗର୍ବିତ, ଯାହା ଏକ ପ୍ରେରଣାଦାୟୀ ଓ ସମାବେଶୀ କର୍ମକ୍ଷେତ୍ର ନିର୍ମାଣ ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ। ଆମେ କାର୍ଯ୍ୟକ୍ଷେତ୍ରରେ ଏଭଳି ପରିବେଶ ତିଆରି କରିଛୁ, ଯେଉଁଠାରେ କର୍ମଚାରୀମାନେ ଉତ୍କର୍ଷ ହାସଲ କରିବା ଦିଗରେ ଅଗ୍ରସର ହୁଅନ୍ତି।

# ଦେବଗଡ ପୌର ପରିଷଦର ତ୍ରିରଙ୍ଗା ଶୋଭାଯାତ୍ରା

**ଦେବଗଡ,୧୦।୫(ସଂଚାର ବ୍ୟୁରୋ):** ଭାରତୀୟ ସେନାର ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ ଦେବଗଡ ପୌର ପରିଷଦ ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେବଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କ ଆବାହନରେ ଏବଂ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶୋଭାଯାତ୍ରା ପୌର ପରିଷଦ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ପୁରୁଣା ମୋଟର ଗ୍ୟାରେଜ ଛକ, ଘରୋଇ ବସଷ୍ଟାଣ୍ଡ ଛକ, ଗୋପବନ୍ଧୁ ଛକ ଓ ଭାରତୀୟ ଷ୍ଟେଟବ୍ୟାଙ୍କ ଛକ ଦେଇ ଗୋପାଳଜୀ ମନ୍ଦିରରେ ପହଞ୍ଚିଥିଲା । ଏଥିରେ ପୌର ସହକାରୀ ଯନ୍ତ୍ରୀ ସ୍ୱାତୀ ମହାନନ୍ଦ, ୧୧ନମ୍ବର ୱାର୍ଡର କାଉନଶିଲର କାର୍ତୀକ ମହାକୁଲ, ସମସ୍ତ ୱାର୍ଡର ସ୍ୱଚ୍ଛ ସାଥୀ ଓ କର୍ମଚାରୀଙ୍କ ସମେତ ପୂର୍ବତନ କାଉନଶିଲର ଇଂ. ସୁଜିତ କୁମାର ପ୍ରଧାନ, ସୁଧୀର କୁମାର କପରଦାର, ସନ୍ତୋଷ କୁମାର ଦେବତା, ଅଶୋକ କୁମାର ନନ୍ଦ, ଭୋଲାନାଥ ଦାସ,ସତ୍ୟ ନାରାୟଣ ପାଣି, ପ୍ରକାଶ ପାଳ, ଜୟନ୍ତ ସାହୁ, ପରିରପାବନ ସାହୁ,ସୁଜିତ କୁମାର ପାତ୍ର, ଅଶୋକ କୁମାର ନନ୍ଦ, ନିରଞ୍ଜନ ଦ୍ୱିବେଦୀ ,ଅରୁଣ କୁମାର ସାହୁ, ସୁଶୀଳ କୁମାର ଭୋଇ , ବିରେନ କୁମାର ନାୟକ ଓ ଲିପୁନ ସୁହୁଲାଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇ ଜାତୀୟ ପତାକା ଧରି ପାକିସ୍ଥାନ ବିରୁଦ୍ଧରେ ଏବଂ ଭାରତୀୟ ସେନା ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଶୋଭାଯାତ୍ରା ସେଠାରେ ଗୋପାଳଜୀ ମନ୍ଦିରରେ ପହଞ୍ଚିବାପରେ ଭାରତୀୟ ସେନାର ଶକ୍ତି ଏବଂ ମନୋବଳ ବୃଦ୍ଧି ନିମନ୍ତେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଠାକୁରଙ୍କୁ ପ୍ରାର୍ଥନା କରାଯାଇଥିଲା ।




# ସ୍ୱାସ୍ଥ୍ୟ



# ଦୁରାରୋଗ୍ୟ ‘ଧଳାଛଉ’

ମାଇକେଲ ଜ୍ୟାକ୍‌ସନ୍ ଓ ବିନ୍ ହାର୍ଲୋଙ୍କ ପରି ଅନେକ ସେଲିବ୍ରିଟି କେବଳ ସେମାନଙ୍କ ଆଦର୍ଶ କ୍ୟାରିଅର ପାଇଁ ନୁହେଁ, ବରଂ ସେମାନଙ୍କ ଚର୍ମର ଅନନ୍ୟ ଅବସ୍ଥା ପାଇଁ ଜଣାଶୁଣା। ତାହା ଆଉ କିଛି ନୁହେଁ, ଚର୍ମର ରଙ୍ଗବଦଳା ଅବସ୍ଥା। ତେବେ ଚର୍ମ ଉପରେ ତାଳି ପକାଇଲା ପରି ରଙ୍ଗ ବଦଳୁଥିବାର ଲକ୍ଷଣ ଥିବା ‘ଭିଟିଲିଗୋ’ ବା ଧଳା ଛଉ ପରି ରୋଗର କୌଣସି ଉପଶମ ନାହିଁ। ଏହା ସଂକ୍ରାମକ ମଧ ନୁହେଁ। ମାତ୍ର ଏହା ପ୍ରତି ଘେରି ରହିଥିବା କଳଙ୍କ ଜଣେ ପୀଡ଼ିତକୁ ଦୁର୍ବଳ ମନୋବଳ, ଆତ୍ମସମ୍ମାନ ଓ ସାମାଜିକ ଦୁଶ୍ଚିନ୍ତା ପରି ମାନସିକ ସ୍ୱାସ୍ଥ୍ୟ ପ୍ରଭାବର ଅନୁଭବ ଆଣିଥାଏ। ଫଳରେ ଏଥିରୁ କାଳେ କିଛି ଉପଶମ ମିଳିଯିବା ଆଶାରେ ଲୋକେ କ୍ୱାକ୍‌ମାନଙ୍କ ଦ୍ୱାରା ଠକାମିର ଶିକାର ହୋଇଥା’ନ୍ତି। ଧଳା ଛଉ ରୋଗ ହେଉଛି ଚର୍ମର ଏପରି ଏକ ଅବସ୍ଥା, ଯାହାକୁ ଆମେ କୌଣସି ପରିବାର ସଦସ୍ୟ କି ପଡ଼ୋଶୀଙ୍କ ଠାରେ ଦେଖିଛେ ଏବଂ ଏହା ବାବଦରେ ମଧ ନାନା କଥା ଶୁଣିଛେ। ଚର୍ମର କିଛି ଅଂଶରେ ପିଗ୍‌ମେଣ୍ଟ (ଚର୍ମକୁ ରଙ୍ଗ ପ୍ରଦାନ କରୁଥିବା ପଦାର୍ଥ) ନଷ୍ଟ ହେବା ଦ୍ୱାରା ଧଳା ଧଳା ପଟି ଦେଖାଯାଇଥାଏ। ପିଗ୍‌ମେଣ୍ଟ (ମେଲାନିନ୍) ସୃଷ୍ଟି କରୁଥିବା କୋଷ(ମେଲାନୋସାଇଟ୍‌ସ) ନଷ୍ଟ ହୋଇଗଲେ କି ତାହାର କାର୍ଯ୍ୟ ବନ୍ଦ ହୋଇଗଲେ ଏପରି ଅବସ୍ଥା ହୋଇଥାଏ। ଏହାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନଥିଲେ ହେଁ ଶରୀରର ଏହା ଏକ

**ବୟସ-ଲିଙ୍ଗ-ସମ୍ପ୍ରଦାୟ ନିର୍ବିଶେଷରେ ଯେ କୌଣସି ଲୋକ ଏହି ଛଉର ଶିକାର ହୋଇପାରନ୍ତି। ଗାଢ଼ ରଙ୍ଗର ଚର୍ମ ଥିବା ଲୋକଙ୍କ ଠାରେ ଏହା ସ୍ପଷ୍ଟ ବାରି ହୋଇପଡ଼େ। ଏହା ସଂକ୍ରାମକ କି ଜୀବନ ପ୍ରତି ବିପଜ୍ଜନକ ନୁହେଁ, ମାତ୍ର ପୀଡ଼ିତଙ୍କ ଉପରେ ମାନସିକ ଓ ସାମାଜିକ ପ୍ରଭାବ ପକାଇଥାଏ।**

ସ୍ୱୟଂ-ରୋଗପ୍ରତିରୋଧକ ସ୍ଥିତି ବୋଲି ବିଶ୍ୱାସ କରାଯାଏ, ଯହିଁରେ ଶରୀରର ପ୍ରତିରକ୍ଷା ପ୍ରଣାଳୀ ଏହି ପିଗ୍‌ମେଣ୍ଟ ଉତ୍ପାଦନକାରୀ କୋଷଗୁଡ଼ିକୁ ଆକ୍ରମଣ କରି ନଷ୍ଟ କରି ଦେଇଥାଏ। ବୟସ-ଲିଙ୍ଗ-ସମ୍ପ୍ରଦାୟ ନିର୍ବିଶେଷରେ ଯେ କୌଣସି ଲୋକ ଏହି ଛଉର ଶିକାର ହୋଇପାରନ୍ତି। ତେବେ ଗାଢ଼ ରଙ୍ଗର ଚର୍ମ ଥିବା ଲୋକଙ୍କ ଠାରେ ଏହା ସ୍ପଷ୍ଟ ବାରି ହୋଇପଡ଼େ। ଏପରି ଅବସ୍ଥା ସଂକ୍ରାମକ କି ଜୀବନ ପ୍ରତି ବିପଜ୍ଜନକ ନୁହେଁ, ମାତ୍ର ପୀଡ଼ିତଙ୍କ ଉପରେ ଏହା ମାନସିକ ଓ ସାମାଜିକ ପ୍ରଭାବ ପକାଇଥାଏ। ଲକ୍ଷଣ ସ୍ୱରୂପ ଯଦିଓ ଚର୍ମର ଯେ କୌଣସି ସ୍ଥାନରେ ଧଳା ରଙ୍ଗର ଦାଗ ଦେଖାଯାଇଥାଏ, ତେବେ ମୁହଁ, ହାତ, ପକ୍ଷ ଓ ପାଦ ଆଦିରେ ତାହା ବେଶୀ ଦେଖାଦେଇଥାଏ। ସେହିପରି ତାଳୁ, ଭ୍ରୂଲତା ଓ ଦାଢ଼ି ଆଦିର ଚୁଟି ଆଗୁଆ ଧୂସର ହୋଇଯାଏ। ପାଟି ଓ ନାକ ପୁଡ଼ାର ତନ୍ତୁର ରଙ୍ଗ ମଧ ନଷ୍ଟ ହୋଇଯାଏ। ତେବେ ଏହା କର୍କଟର ଆଶଙ୍କା ଆଣେ ବୋଲି ରହିଥିବା ଧାରଣା ସଂପୂର୍ଣ୍ଣ ଭୁଲ୍। ସେହିପରି ନଷ୍ଟ ହୋଇଥିବା ମେଲାନୋସାଇଟ୍‌ର ଭରଣା ପାଇଁ କୌଣସି ଔଷଧ ନଥିବାରୁ ଛଉର କୌଣସି ପ୍ରତିକାର ମଧ ନାହିଁ। ତେଣୁ ଏଥି ଯୋଗୁଁ କେହି ବିବ୍ରତ ହେବାର କାରଣ ନାହିଁ।

### ଉପଚାରର ରାସ୍ତା ଖୋଲୁଛି ଅତ୍ୟାଧୁନିକ ଚିକିତ୍ସା



ଧଳାଛଉ ଏକ ଅଟୋଇମ୍ୟୁନୋ ରୋଗ ହୋଇଥିବା ବେଳେ ଏବେ ଏହାର ଚିକିତ୍ସା ସମ୍ଭବ ହୋଇପାରୁଛି। ପ୍ରଥମରୁ ଚର୍ମ କୁଣ୍ଡାଇ ହୋଇ ଧଳା ଚିହ୍ନ ଆରମ୍ଭ ହେବା ବେଳକୁ ଏହାର ଚିକିତ୍ସା କରିବା ଜରୁରି। ଏହି ରୋଗର ଚିକିତ୍ସା ସମୟରେ ପ୍ରଥମେ ରୋଗକୁ ନିୟନ୍ତ୍ରଣକୁ ଅଣାଯାଏ, ଏହା ପରେ ଧଳାଛଉ ଅଂଶକୁ ଡି-ପିଗ୍‌ମେଣ୍ଟେଡ୍ କରି ଏହାକୁ ଶରୀର ସହ ମିଶାଇବାକୁ ଚେଷ୍ଟା କରାଯାଏ। ପୁରୁଣା ଧଳା ଛଉକୁ ଏବେ ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ ଯୋଗୁଁ ବି ଚିକିତ୍ସା କରାଯାଇପାରୁଛି। ଫଟୋଥେରାପି, ଲେଜର ଟ୍ରିଟ୍‌ମେଣ୍ଟ୍ ଓ ଲାଇଟ୍ ଥେରାପି ସହ ସର୍ଜରି ଦ୍ୱାରା ଧଳା ଛଉରୁ ମୁକ୍ତି ମିଳିପାରୁଛି।

– ଡାକ୍ତର ମାନସ ରଞ୍ଜନ ପୁହାଣ, ଚର୍ମ ବିଶେଷଜ୍ଞ

# ମଧୁମେହର ସଂପୂର୍ଣ୍ଣ ଚିକିତ୍ସା!




ଆନ୍ତର୍ଜାତିକ ମଧୁମେହ ସଂଘର ଏକ ଆକଳନ ଅନୁଯାୟୀ, ୨୦୩୦ ମସିହା ସୁଦ୍ଧା ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ୬୪.୩ କୋଟି ହେବ ଓ ୨୦୪୫ ବେଳକୁ ଏହା ୭୮.୩ କୋଟି ଟପିଯିବ। ମଧୁମେହ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଯେତିକି ଚିନ୍ତାଜନକ, ତା’ଠାରୁ ଅଧିକ ବିବ୍ରତବୋଧକ ହେଉଛି- ପୀଡ଼ିତଙ୍କ ଭିତରୁ ପ୍ରାୟ ତିନି-ଚତୁର୍ଥାଂଶ ନିମ୍ନ ଓ ମଧ୍ୟମ ଆୟବର୍ଗ ଦେଶର ବାସିନ୍ଦା। ତେଣୁ ମଧୁମେହ ପରି ଏକ ସାଧାରଣ ରୋଗର ସଫଳ ମୁକାବିଲା ଏବେ ସମଗ୍ର ବିଶ୍ୱ ସମୁଦାୟ ପାଇଁ ଆହ୍ୱାନ ପାଲଟିଛି। ତେବେ ଏ ପରିପ୍ରେକ୍ଷୀରେ ଚୀନୀ ବୈଜ୍ଞାନିକମାନେ ଏକ ଆଶ୍ୱସ୍ତି ଆଣିଛନ୍ତି। ଏକ ଅଭିନବ କୋଷ ଚିକିତ୍ସା ଦ୍ୱାରା ମଧୁମେହ ଦୂର ହୋଇପାରୁଛି ବୋଲି ସେମାନେ ଦାବି କରିଛନ୍ତି। ପରୀକ୍ଷାମୂଳକ ଭାବେ ଜଣେ ୫୯ ବର୍ଷୀୟ ଟାଇପ୍-୨ ମଧୁମେହ ପୀଡ଼ିତଙ୍କୁ ସେମାନେ ସଂପୂର୍ଣ୍ଣ ଆରୋଗ୍ୟ କରିପାରିଛନ୍ତି। ୨୫ ବର୍ଷ ହେଲା ମଧୁମେହରେ ଘାଣ୍ଟି ହୋଇ ଦୈନିକ ଇନସୁଲିନ୍ ଇଞ୍ଜେକ୍ସନ୍ ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କଠାରେ ଗବେଷକମାନେ ପ୍ରାକୃତିକ ଭାବେ ଇନ୍‌ସୁଲିନ୍ କ୍ଷରଣ ସମ୍ଭବ କରାଇପାରିଛନ୍ତି। ସେମାନେ ପରୀକ୍ଷାଗାରରେ ଇନସୁଲିନ୍ ସୃଷ୍ଟିକାରୀ କୋଷର ପ୍ରତିରୂପ ବିକଶିତ କରି ତାହାକୁ ପୀଡ଼ିତଙ୍କ ଠାରେ ପ୍ରତିରୋପଣ କରି ଏହି ସଫଳତା ପାଇଛନ୍ତି। କୋଷ ଚିକିତ୍ସାର ମାତ୍ର ୧୧ ସପ୍ତାହ ଭିତରେ ପୀଡ଼ିତଙ୍କୁ ବାହାରୁ ଇନସୁଲିନ୍ ଇଞ୍ଜେକ୍ସନ୍ ଦେବା ବନ୍ଦ କରାଯାଇଥିଲା। ସେ ଖାଉଥିବା ବଟିକା ସଂଖ୍ୟା ମଧ ଧୀରେଧୀରେ ହ୍ରାସ କରାଯାଇଥିଲା। ୩୩ ମାସର ଚିକିତ୍ସା ପରେ ତାଙ୍କୁ ଆଉ ମଧୁମେହ ପାଇଁ କୌଣସି ବଟିକା କି ଇଞ୍ଜେକ୍ସନ ନେବା ଦରକାର ପଡ଼ିଲାନି। ତାଙ୍କ ଅଗ୍ନ୍ୟାଶୟରୁ ଆବଶ୍ୟକ ପରିମାଣର ଇନ୍‌ସୁଲିନ୍ ଝରିବା ଆରମ୍ଭ ହୋଇଯାଇଥିଲା।

# କଦଳୀର ୬ ଉପକାରୀ ଗୁଣ

ପାଚିଲା କଦଳୀ ବିଶ୍ୱବାସୀଙ୍କର ଏକ ପ୍ରିୟ ଫଳ। ତାହା କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ସେଥିରେ ପୋଟାସିଅମ୍, ଭିଟାମିନ୍ ସି’ ଓ ଭକ୍ଷଣୀୟ ତନ୍ତୁ ପରି ଅନେକ ପୋଷକତତ୍ତ୍ୱ ଭରି ରହିଛି। ତେଣୁ ତାହାକୁ ଏକ ଉଚ୍ଚମାନର ପୋଷକ ବିକଳ୍ପ ଭାବେ ଗ୍ରହଣ କରାଯାଇଥାଏ। ସେଥିରେ ଥିବା ଉଚ୍ଚସ୍ତରର ଶର୍କରା ଯୋଗୁଁ ତାହା ଏକ ତତ୍କାଳ ଶକ୍ତିବର୍ଦ୍ଧକ ଭାବେ କାମ କରିଥାଏ। ସେଥିରେ ଥିବା ତନ୍ତୁସାରଗୁଡ଼ିକ ଖାଦ୍ୟ ହଜମରେ ସାହାଯ୍ୟ କରିଥାଏ। ସେହିପରି କଦଳୀରେ ଥିବା ପୋଟାସିଅମ୍ ଖଣିଜ ରକ୍ତଚାପକୁ ନିୟନ୍ତ୍ରଣ କରିବା ସହ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। କଦଳୀର କିଛି ଲୁକ୍କାୟିତ ଗୁଣ ସମ୍ପର୍କରେ ଆଲୋଚନା କରିବା।

- କଦଳୀରେ ଥିବା ଭିଟାମିନ୍ ସି ଓ ଭିଟାମିନ୍ ଇ ପରି ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାକୁ କମନୀୟ ରଖିବାରେ ସାହାଯ୍ୟ କରିଥାଏ। ଚର୍ମ ଉପରେ କଦଳୀର ଏକ ପ୍ରଲେପ ବୋଳିଲେ ତାହା ତ୍ୱଚାକୁ ଆର୍ଦ୍ର ରଖିବା ସହ ଭାଙ୍ଗ ଦାଗ ଦୂର କରିଥାଏ।
- ନିୟମିତ କଦଳୀ ଖାଇଲେ ଦୃଷ୍ଟିଶକ୍ତି ବଜାୟ ରହେ। କଦଳୀରେ ଥିବା ପୋଟାସିଅମ୍ ଶରୀରର ରକ୍ତ ଆଦି ତରଳ ପଦାର୍ଥକୁ ସନ୍ତୁଳିତ ରଖି କିଡ୍‌ନି ଷ୍ଟୋନ୍ ଆଶଙ୍କା ଦୂର କରିଥାଏ।
- କଦଳୀରେ ଥିବା ମଧ୍ୟମ ପରିମାଣର ଲୌହସାର ରକ୍ତରେ ହିମୋଗ୍ଲୋବିନ୍ ସ୍ତର ବଢ଼ାଇଥାଏ। ଲୋହିତ ରକ୍ତ କଣିକା ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଭିଟାମିନ୍ ‘ବି-୬’ ମଧ କଦଳୀରେ ରହିଛି।
- ସାଧାରଣତଃ ଗର୍ଭବତୀମାନେ ସକାଳେ ଉଠିଲା ବେଳେ ମାତ୍ରାଧିକ ଦୁର୍ବଳ ଅନୁଭବ କରିଥା’ନ୍ତି। କଦଳୀ ଖାଇବା ଦ୍ୱାରା ତାହା ଦୂର ହୋଇଥାଏ। କଦଳୀ ମହିଳାମାନଙ୍କର ମାସିକ ଋତୁକାଳୀନ ତଳିପେଟ ଯନ୍ତ୍ରଣା ଦୂର କରିଥାଏ।
- ଅସ୍ଥି ସ୍ୱାସ୍ଥ୍ୟ ପାଇଁ ଜରୁରୀ କ୍ୟାଲସିଅମ୍‌ର ପରିମାଣ ଉଲ୍ଲେଖନୀୟ ନ ହେଲେ ବି ତାହା କ୍ୟାଲସିଅମ୍ ଶୋଷଣକୁ ଉତ୍ପ୍ରେରିତ କରି ପରୋକ୍ଷରେ ଅସ୍ଥି ସ୍ୱାସ୍ଥ୍ୟରେ ସହାୟକ ହୋଇଥାଏ।
- କଦଳୀରେ ଥିବା ଭିଟାମିନ ‘ବି-୬’ ଓ ମ୍ୟାଗ୍ନେସିଅମ ଖଣିଜସାର ଆମର ସ୍ନାୟବିକ ସ୍ୱାସ୍ଥ୍ୟ ବଜାୟ ରଖିବା ସହ ଜ୍ଞାନାତ୍ମକ କ୍ରିୟାକୁ ମଧ ସୁଗମ କରିଥାଏ।



# ଶୁଷ୍କଚର୍ମ, ଆଜ୍‌ମା ପଛରେ ଏସି



ସହରାଞ୍ଚଳର କ୍ରମବର୍ଦ୍ଧିଷ୍ଣୁ ଦ୍ରୁତ ଆଗମନ ସାଙ୍ଗକୁ ଲୋକଙ୍କର ଆୟ ଅଭିବୃଦ୍ଧି ଯୋଗୁଁ ସମ୍ପ୍ରତି ଅଧିକ ତାପମାତ୍ରା ସଂପନ୍ନ ପରିବେଶରେ ନିଜକୁ ଆରାମ ଦେବା ପାଇଁ ଲୋକେ ଶୀତ-ତାପ-ନିୟନ୍ତ୍ରଣ(ଏସି) ଯନ୍ତ୍ରର ବହୁଳ ବ୍ୟବହାର କରିଚାଲିଛନ୍ତି। ଅବଶ୍ୟ, ପରିବେଶର ମାତ୍ରାଧିକ ତାପମାତ୍ରା ବେଳେ ଏହି ଏସି ଯନ୍ତ୍ର ଆଶ୍ୱସ୍ତି ଦେବାରେ ଅତ୍ୟାବଶ୍ୟକ ହୋଇପାରେ, ମାତ୍ର ଏହାର ଦୀର୍ଘକାଳୀନ ବ୍ୟବହାର ଶ୍ୱାସକ୍ରିୟାରେ ସମସ୍ୟା ସମେତ ଅନେକ ସ୍ୱାସ୍ଥ୍ୟ ବିପଦ ଆଣିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଦୀର୍ଘ ସମୟ ଧରି ଏସି ଆଗରେ ରହିଲେ ଅସ୍ୱାଭାବିକ ଶୁଷ୍କ ଚର୍ମଠାରୁ ଆରମ୍ଭ କରି ମୁଣ୍ଡବିନ୍ଧା, ଶୁଖିଲା କାଶ, ମୁଣ୍ଡ ବୁଲାଇବା ଓ ବାନ୍ତି ଲାଗିବା ସମେତ ଏକାଗ୍ରତାରେ ସମସ୍ୟା, ଥକାପଣ ଓ ଗନ୍ଧ ପ୍ରତି ସମ୍ବେଦନହୀନତାରେ ସମସ୍ୟା ସୃଷ୍ଟି ଆଦି ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଏଥି ସହିତ ଏସି ଯନ୍ତ୍ରର ରକ୍ଷଣାବେକ୍ଷଣ ଯଦି ଠିକ୍‌ରେ କରା ନଯାଏ, ତେବେ ଆଲର୍ଜିକ୍ ରିନାଇଟିସ୍ ଓ ଆଜ୍‌ମା ପରି ରୋଗ ସହ ସଂକ୍ରମଣ ଆଶଙ୍କା ମଧ ବଢ଼ିପାରେ। ଉକ୍ତ ବୈଦ୍ୟୁତିକ ଉପକରଣରେ ଉପଯୁକ୍ତ ପରିସ୍ରବଣ ବ୍ୟବସ୍ଥାର ଅଭାବ ଯୋଗୁଁ ଏପରି ଘଟିବ ବୋଲି କୁହାଯାଇଛି। ଏହାର ଶୀତଳୀକରଣ ତାର କୁଣ୍ଡଳି ଉପରେ ବୀଜାଣୁମାନେ ଏକ ଜୈବଆବରଣ ଗଠନ କରି ସଂକ୍ରମଣ ଆଶଙ୍କାକୁ ୯୦ ପ୍ରତିଶତ ବଢ଼ାଇଦେଇଥା’ନ୍ତି। ତେବେ ଘରୋଇ ଏସି ବ୍ୟବସ୍ଥା ତୁଳନାରେ ସର୍ବସାଧାରଣ ସ୍ଥାନରେ ଖଞ୍ଜା ଯାଇଥିବା ବ୍ୟବସ୍ଥାରେ ସଂକ୍ରମଣ ଆଶଙ୍କା ଅଧିକ ରହିଥାଏ। ସେହିପରି ଶୀତତାପ ନିୟନ୍ତ୍ରିତ କୋଠରିରୁ ହଠାତ୍ ବାହାରକୁ ଆସି ମାତ୍ରାଧିକ ତାପମାତ୍ରା ପରିବେଶରେ ପହଞ୍ଚିଲେ ଶ୍ୱାସନଳୀ ସଂକୁଚିତ ହୋଇ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଏହି ସମସ୍ୟା ଆଜ୍‌ମା ପୀଡ଼ିତଙ୍କ ଠାରେ ସାଂଘାତିକ ରୂପ ନେଇପାରେ। ତେଣୁ ଏସି ଉପକରଣର ଫିଲ୍‌ଟରଗୁଡ଼ିକୁ ନିୟମିତ ସଫାସଫି କରିବା ସହ ଏକକାଳୀନ ଦୁଇ ଘଣ୍ଟା ଚାଲିବା ପରେ ଏସି ସୁଇଚ୍ ବନ୍ଦ କରିଦେବାକୁ ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି।

# ଅସମୟରେ କେଶ ଝଡ଼େ କାହିଁକି



ମୁଣ୍ଡରୁ କେଶ ଝଡ଼ିବା ଏବେ ସବୁ ବୟସର ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରିଛି। ବୟସ ସହ କେଶ ପତଳା ହେବାଟା ଯଦିଓ ଏକ ସାଧାରଣ ପ୍ରକ୍ରିୟା, ତେବେ ଅନେକଙ୍କର ମାତ୍ରାଧିକ କେଶ ଝଡ଼ିବା ହିଁ ଚିନ୍ତାର କାରଣ ପାଲଟିଥାଏ। ଅନେକଙ୍କ ପାଇଁ ଏହା ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନର ପ୍ରଶ୍ନ ମଧ ହୋଇଥାଏ। ତେଣୁ ଏହି ସମସ୍ୟାର ସମାଧାନ ହିଁ ଗୁରୁତ୍ୱ ବହନ କରେ। କେଶ ଝଡ଼ିବାର ବିଭିନ୍ନ କାରଣ ମଧ୍ୟରେ ଦୀର୍ଘକାଳୀନ ମାନସିକ ଚାପ ଅନ୍ୟତମ। ସେହିପରି ପିତାମାତା ବା ପୂର୍ବପୁରୁଷଙ୍କ ଠାରୁ ଆହରଣ କରିଥିବା ଆନୁବଂଶିକ ଗୁଣସୂତ୍ର(ଜିନ୍) ମଧ ଏଥିପାଇଁ ଦାୟୀ। ହୃଦ୍‌ରୋଗ, ଆଣ୍ଠୁଗଣ୍ଠି ବାତ, ଅବସାଦ ଓ କର୍କଟ ପରି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ମଧ ଚୁଟି ଦ୍ରୁତ ଝଡ଼ିଥାଏ। ଆଧୁନିକ ଜୀବନଶୈଳୀରେ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଏବଂ ଧୂମ୍ରପାନ ଓ ମଦ୍ୟପାନ ପରି ଅଭ୍ୟାସ ମଧ କେଶ ଝଡ଼ି ପତଳା ହେବାର ଅନ୍ୟତମ କାରଣ। ସେହିପରି କେଶକୁ ସୁନ୍ଦର ଓ କୋମଳ କରିବା ଲାଗି ଦୀର୍ଘକାଳ ଧରି ଜେଲ୍ ଓ ବାକ୍ସ ଆଦି ରାସାୟନିକ ଏବଂ ସ୍ପ୍ରେ ଓ ତାପର ବହୁଳ ପ୍ରୟୋଗାଦି ମଧ ଚୁଟିର ସ୍ଥାୟୀ କ୍ଷତି ଆଣିଥାଏ। ତେବେ କାରଣ ଯାହା ହେଉ ନା କାହିଁକି, ଥରେ ଚୁଟି ଝଡ଼ିଗଲା ପରେ ପୂର୍ବାବସ୍ଥାକୁ ସଂପୂର୍ଣ୍ଣ ଫେରି ପାଇବା ସବୁବେଳେ ସମ୍ଭବ ନୁହେଁ। ତେବେ କିଛି ସମୟୋଚିତ ପଦକ୍ଷେପ ଦ୍ୱାରା ଅଧିକ କେଶ ଝଡ଼ାକୁ ରୋକାଯାଇପାରିବା ସହ କିଛି ପୁରୁଣା କେଶ ମଧ ଫେରି ଆସିପାରିବ। ସେଥିପାଇଁ ନିଜକୁ ବିଭିନ୍ନ ମନୋରଞ୍ଜନରେ ସାମିଲ କରି ମାନସିକ ଦୁଶ୍ଚିନ୍ତାକୁ ଦୂର କରିବାକୁ ହେବ। ସେହିପରି ଓଦା ଚୁଟିକୁ ଉତ୍ତପ୍ତ ଡ୍ରାୟରରେ ନଶୁଖାଇ ପ୍ରାକୃତିକ ଉପାୟରେ ଶୁଖାଇବା ଦରକାର। ଲୌହସାର ଅଭାବଜନିତ ରକ୍ତହୀନତା ହେଉଛି କେଶ ପତଳା ହେବାର ଏକ ପ୍ରମୁଖ କାରଣ। ଅଣ୍ଡା, ଶୁଖିଲା ଫଳ, ଓଏଷ୍ଟର, ସାଲମନ ଆଦି ହେଉଛି ଲୌହସାରର ଗନ୍ତାଘର। ତେଣୁ ବିଭିନ୍ନ ପୋଷକତତ୍ତ୍ୱ ଓ ପୁଷ୍ଟିସାରଭରା ଖାଦ୍ୟ ଖାଇଲେ ଚୁଟି ଫେରି ଆସିପାରିବ। ସେହିପରି ବାୟୋଟିନ୍ ବା ଫୋଲିକ୍ ଏସିଡ୍ ପରି ଖାଦ୍ୟ ପରିପୂରକ ବା ସେରମ୍ ସେବନ କରି ମଧ ଚୁଟିଝଡ଼ା ରୋକାଯାଇପାରିବ। ଅବଶ୍ୟ ସେଥିପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ ଜରୁରି। ଏଥି ସହିତ ମୁଣ୍ଡରେ କଖାରୁ ମଞ୍ଜିର ପ୍ରଲେପ ବା ଚାହା ଗଛର ତୈଳ ଘଷି ପ୍ରାକୃତିକ ଉପାୟରେ ମଧ ନୂଆ ଚୁଟି ସମ୍ଭବ କରାଯାଇପାରିବ।

# ଏଣ୍ଡୋସ୍କୋପିରେ ବୈପ୍ଳବିକ ପିଲ୍‌ବଟ୍




ଭେଷଜ ବିଜ୍ଞାନରେ ରୋବୋଟିକ୍ସର ଅବିସ୍ମରଣୀୟ ଅବଦାନ ରହିଛି। ଏବେ ତାହାର ଏକ ସଦ୍ୟ ସଂସ୍କରଣ ନୈଦାନିକ ପରୀକ୍ଷଣରେ ସାମିଲ ହୋଇଛି। ବଟିକା ପରି ପାଟିରେ ଗିଳି ହୋଇପାରୁଥିବା ‘ପିଲ୍‌ବଟ୍’ ନାମକ ଏହି କ୍ଷୁଦ୍ର ରୋବଟ୍‌କୁ ପାକସ୍ଥଳୀ ଓ ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟ ତଥ୍ୟ ସଂଗ୍ରହରେ ଉନ୍ନତି ଆଣିବା ଲକ୍ଷ୍ୟରେ ବିକଶିତ କରାଯାଇଛି। ହାରାହାରି ୧୩ ମି.ମି. ପ୍ରସ୍ଥ ଓ ୩୦ ମି.ମି. ଦୈର୍ଘ୍ୟ ବିଶିଷ୍ଟ ବଡ଼ ଭିଟାମିନ୍ ବଟିକା ଆକାରର ଏହି ରୋବଟ୍‌ରେ ଏକ ଅତିକ୍ଷୁଦ୍ର କ୍ୟାମେରା, ବିଭିନ୍ନ ସେନ୍‌ସର୍ ଓ ବେତାର ଯୋଗାଯୋଗ ବ୍ୟବସ୍ଥା ଖଞ୍ଜାଯାଇଛି। ଏଥିରେ ମଧ ଏକ କ୍ଷୁଦ୍ର ମୋଟର୍ ଓ ପ୍ରପେଲର୍ ରହିଛି ଯଦ୍ୱାରା ଏହା ପାକସ୍ଥଳୀରେ କି ଅନ୍ତନାଡ଼ିରେ ସହଜରେ ଗତି କରିପାରିବ। ଏଥି ସହିତ ଏହା ସେକେଣ୍ଡକୁ ୨.୩ ଭିଡିଓ ପ୍ରସାରଣ କରିବାର ସାମର୍ଥ୍ୟ ରଖିଛି। ଏଣ୍ଡୋସ୍କୋପି ଉପକରଣକୁ ପାଟି ବାଟେ ବଳପୂର୍ବକ ପେଟ ଭିତରକୁ ଠେଲି ପଠାଇବାର କଷ୍ଟକର ଉପାୟ ତୁଳନାରେ ଏହା କମ୍ କଷ୍ଟକର ହେବ। ପିଲ୍‌ବଟ୍‌ର ସଦ୍ୟ ସଂସ୍କରଣର ପରିଚାଳନା ପାଇଁ ସମ୍ପ୍ରତି ଜଣେ ଡାକ୍ତରଙ୍କର ଉପସ୍ଥିତି ଦରକାର ହେଉଥିବା ବେଳେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାର୍ଗଦର୍ଶନରେ ଏହା ସ୍ୱୟଂଚାଳିତ ହୋଇପାରିବ ବୋଲି ତାହାର ନିର୍ମାତା ଆଶା ପୋଷଣ କରିଛନ୍ତି। ନିରାପତ୍ତା ଦୃଷ୍ଟିରୁ ମଧ ଏହା ଏଣ୍ଡୋସ୍କୋପି ଉପକରଣଠାରୁ ଢେର ଆଗରେ। କାରଣ ଏଥିରେ ସମସ୍ତ ସରଞ୍ଜାମ ଗୋଟିଏ ଜୈବଅନୁକୂଳ ଖୋଳପା ଭିତରେ ରହିଥିବାରୁ ଜଣେ ରୋଗୀ ଥରେ ତାହାକୁ ଗିଳିଦେଲେ ଝାମେଲା ଶେଷ। ପାରମ୍ପରିକ ଏଣ୍ଡୋସ୍କୋପି ପାଇଁ ରୋଗୀକୁ ଡାକ୍ତରଖାନା ଯିବାକୁ ପଡୁଥିବା ବେଳେ ଏହା ଦ୍ୱାରା ରୋଗୀ ନିଜ ଘରେ ପରୀକ୍ଷା କରିପାରିବେ।

# ଯୌନରୋଗ ସାଜୁଛି ପୁରୁଷ ବନ୍ଧ୍ୟାତ୍ୱର କାରଣ



ଯୌନ ସମ୍ପର୍କ ଦ୍ୱାରା ସଂକ୍ରମିତ ବିଭିନ୍ନ ପ୍ରକାର ରୋଗ ପୁରୁଷଙ୍କର ପ୍ରଜନନ କ୍ଷମତା କମାଇବା ସହ ପ୍ରୋଷ୍ଟେଟ୍ କର୍କଟ ଓ ଗଳା କର୍କଟ ସମେତ ଅନ୍ୟାନ୍ୟ ଚରମ ସ୍ୱାସ୍ଥ୍ୟ ସଂକଟ ଆଣିଥାଏ ବୋଲି ଜଣାଯାଇଛି।

ସୂଚନାଯୋଗ୍ୟ, ବନ୍ଧ୍ୟାତ୍ୱ ବା ପ୍ରଜନନହୀନତା ଏବେ ବିଶ୍ୱବ୍ୟାପୀ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସଂକଟ ଭାବେ ଉଭା ହୋଇଛି। ପ୍ରଜନନହୀନତା ପଛରେ ଅନେକ କାରଣ ରହିଥିବା ବେଳେ ଯୌନ ସଂକ୍ରମିତ ରୋଗ ବା ସେକ୍‌ସୁଆଲି ଟ୍ରାନ୍‌ସମିଟେଡ୍ ଡିଜିଜ୍ (ଏସ୍‌ଟିଡି) ଏହାର ଅନ୍ୟତମ ପ୍ରମୁଖ କାରଣ। ତେବେ ମହିଳାଙ୍କ ତୁଳନାରେ ପୁରୁଷମାନେ ଏହାର ବେଶୀ ଶିକାର ହେଉଥିବା ଜଣାଯାଏ। ଏଭଳି ଯୌନ ରୋଗ ମଧ୍ୟରେ ‘କ୍ଲେମିଡିଆ’ ଅନ୍ୟତମ। ଏହା ଏପରି ଏକ ଏସ୍‌ଟିଡି ଯାହା ଯୌନକ୍ରିୟା ବେଳେ ବୀଜାଣୁ ସଂକ୍ରମଣରୁ ହୋଇଥାଏ। ଏଥି ଯୋଗୁଁ ଅଣ୍ଡକୋଷ ଫୁଲିଯିବା ସହ ପରିସ୍ରା ଓ ଯୌନକ୍ରିୟା କଲା ବେଳେ ପୁରୁଷର ଗୁପ୍ତାଙ୍ଗରେ ଭୀଷଣ ଯନ୍ତ୍ରଣା ହୁଏ।

ସେହିପରି ଏକ ଏସ୍‌ଟିଡି ହେଉଛି ‘ଗନେରିଆ’, ଯାହା ମଳଦ୍ୱାର, ତଣ୍ଟି ଓ ମୂତ୍ରାଶୟକୁ ପ୍ରଭାବିତ କରିବା ସହ କ୍ଲେମିଡିଆ ଅନୁରୂପ ଯନ୍ତ୍ରଣା ଦେଇଥାଏ। ଅନ୍ୟ ପକ୍ଷରେ ଅସୁରକ୍ଷିତ ଯୌନାଭ୍ୟାସ ଦ୍ୱାରା ‘ହେପାଟାଇଟିସ ଏ’ ସଂକ୍ରମିତ ହୋଇଥାଏ, ଜ୍ୱର ଓ କ୍ଲାନ୍ତି ଆଣିଥାଏ। ଶାରୀରିକ ସଂସର୍ଗ ଯୋଗୁଁ ଲାଳ, ଝାଳ ଓ ରକ୍ତ ପରି ତରଳ ପଦାର୍ଥ ଦ୍ୱାରା ‘ହେପାଟାଇଟିସ ବି’ ଓ ‘ସିଫିଲିସ’ ପରି ରୋଗ ମଧ ସଂକ୍ରମିତ ହୋଇଥାଏ ଯଦ୍ୱାରା ବାନ୍ତି ହେବା, ଓକାର ଆସିବା, ଭୋକ ନଲାଗିବା ଓ ଜଣ୍ଡିସ୍ ହେବା ଆଦି ଲକ୍ଷଣ ଦେଖାଦେଇଥାଏ। ତେବେ ନିୟମିତ ପରୀକ୍ଷା ଦ୍ୱାରା ଆଗୁଆ ଯୌନ ରୋଗକୁ ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ବଳରେ ସ୍ୱାଭାବିକ ଜୀବନ ବିତାଇହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି।

# ବଡ଼ ବହଲେନ ଯାତ୍ରା ପାଳିତ

**ଥୁଆମୂଳ ରାମପୁର,୧୦।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ବିରିକୋଟ ଗ୍ରାମ ଓ ଗୋପାଳପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୋଖରୀଗୁଡ଼ା ଗ୍ରାମରେ ଆଦିବାସୀଙ୍କ ପାରମ୍ପରିକ ପର୍ବ ବଡ଼ ବହଲେନ ଯାତ୍ରା ପାଳିତ ହୋଇଯାଇଛି। ଗ୍ରାମଦେବୀଙ୍କୁ ପ୍ରସନ୍ନ କଲେ ଗ୍ରାମରୁ ରୋଗ ବ୍ୟାଧି ଦୂରେଇ ସୁଖ ସମୃଦ୍ଧି ଲାଭ ହୋଇପାରିବ ବୋଲି ବିଶ୍ୱାସ ରହିଛି। ଦୀର୍ଘବର୍ଷ ପରେ ଏହି ପର୍ବ ପାଳିତ ହେଉଥିବାରୁ ଗ୍ରାମଟି ବେଶ ଉତ୍ସବମୁଖର ହୋଇଉଠିଥିଲା। ଗାଁ ମୁଣ୍ଡରେ ଠାକୁରାଣୀଙ୍କ ଆବାହନ କରି ପୂଜାର୍ଚ୍ଚନା ପରେ ଗ୍ରାମର ଜାନି, ଦିଶାରୀ ଏବଂ ଗୁରୁମାଏଙ୍କୁ କାଳିସୀ ଲାଗିଥିଲା। ପରେ କଣ୍ଡା ଦୋଳିବସା ଅନୁଷ୍ଠିତ ହୋଇଥିଲା। ଠାକୁରାଣୀଙ୍କୁ ଶାନ୍ତି କରିବା ନିମନ୍ତେ କୁକୁଡ଼ା, ପାରା, ହଂସ, ମେଣ୍ଢା ଭଳି ପଶୁପକ୍ଷୀଙ୍କୁ ବଳି ଦିଆଯାଇଥିଲା। ଏହି ଅବସରରେ ପାରମ୍ପରିକ ନାଚଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୋଖାରିଗୁଡ଼ା ଖଣ୍ଡୁଆଳ ରାଜା ଯୁବକ କମିଟି ଓ ବିରିକୋଟ ଗ୍ରାମ କମିଟି ଏବଂ କନ୍ଦାଗୁଡ଼ା ଗ୍ରାମ କମିଟି ଦ୍ୱାରା ଏହି କାର୍ଯ୍ୟ ସମାପନ ହୋଇଥିଲା।



## ବାୟୁ ପ୍ରଦୂଷଣ ବଢ଼ାଉଛି ବିଏମସି !

# ହଟାଇବା ବଦଳରେ ଜାଳୁଛି ଅଳିଆ ଆବର୍ଜନା

- ଏନଜିଟି ନିୟମର ଖୋଲାଖୋଲି ଉଲ୍ଲଙ୍ଘନ
- ବିଏମସିର ଢିଲା ପଣ ବଢ଼ାଇଛି ଠିକା ସଂସ୍ଥାର ମନମାନି




**ବ୍ରହ୍ମପୁର,୧୦।୫(ସଂଚାର ବ୍ୟୁରୋ):** ଦିନକୁ ଦିନ ବିଏମସିର ଢିଲା ପଣ ଏବଂ ନିଦା ବିଷ୍ଣୁ ନୀତି ଏବେ ଲୋକଙ୍କ ପାଇଁ କାଳ ସାଜିଲାଣି। ନା ସମସ୍ୟା ପ୍ରତି କୌଣସି ଅଧିକାରୀ କିମ୍ବା ଜନ ପ୍ରତିନିଧି ଦୃଷ୍ଟି ଦେଉଛନ୍ତି ନା ଲୋକଙ୍କ ସ୍ୱାର୍ଥ କଥା ବୁଝୁଛନ୍ତି। ଅନେକ ସମସ୍ୟା ଘେରରେ ରେଶମ ସହର ରହିଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଲୋକଙ୍କ ହିତ ବଦଳରେ ନିଜ ସ୍ୱାର୍ଥରେ ମହାନଗର ନିଗମ ବୁଡ଼ି ରହିଥିବା ପୂର୍ବରୁ ବି ଅଭିଯୋଗ ହୋଇ ଆସିଛି। ସମ୍ପ୍ରତି ପୁଣି ବିଭିନ୍ନ ୱାର୍ଡରେ ବିଏମସିର ଠିକା ସଂସ୍ଥା ଦ୍ୱାରା ନିୟୋଜିତ କର୍ମଚାରୀଙ୍କ କାର୍ଯ୍ୟକୁ ଲୋକେ ନା ପସନ୍ଦ କଲେଣି। ବିଭିନ୍ନ ୱାର୍ଡ ସ୍ତରରେ ସଫେଇ କର୍ମଚାରୀ ମାନେ କୁଢ଼ କୁଢ଼ ଅଳିଆ ଆବର୍ଜନା ସଂଗ୍ରହ କରି ସେସବୁକୁ ଗାଡ଼ିରେ ନେବା ବଦଳରେ ସହରର ବିଭିନ୍ନ ସ୍ଥାନ ଓ ରାସ୍ତା କଡରେ ନିଆଁ ଲଗାଇ ଜାଳି ଦେଉଥିବା ଦେଖିବାକୁ ମିଳିଛି। ଯାହା ନ୍ୟାସନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନଜିଟି) ନିୟମର ଖୋଲାଖୋଲି ଉଲ୍ଲଂଘନ। ସହରର ହରିଡାଖଣ୍ଡି ପୋଖରୀ, ବିନାୟକ ଆଚାର୍ଯ୍ୟ କଲେଜ ପଡ଼ିଆ ସମେତ ବିଭିନ୍ନ ଗଳି କନ୍ଦିରେ ସଫେଇରେ ନିୟୋଜିତ କର୍ମଚାରୀ ମାନେ ପ୍ରତ୍ୟେକ ଦିନ ଅଳିଆ ଆବର୍ଜନା ଗୁଡ଼ିକୁ ସଂଗ୍ରହ କରି ଗୋଟିଏ ସ୍ଥାନରେ ଏକାଠି କରି ନିଆଁ ଲଗାଉଛନ୍ତି। ଯାହା ଫଳରେ ବାହାରୁଥିବା ଧୂଆଁ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁ-ପ୍ରଭାବ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି। ହରିଡାଖଣ୍ଡି ପୋଖରୀ ଉପରେ ପ୍ରତିଦିନ ଲୋକେ ନିର୍ଭର କରୁଥିବା ବେଳେ ବିନାୟକ ଆଚାର୍ଯ୍ୟ କଲେଜକୁ ଆସୁଥିବା ଛାତ୍ରଛାତ୍ରୀ ମାନେ ବାୟୁ ପ୍ରଦୂଷଣ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏପରିକି ବ୍ୟାୟାମ ପାଇଁ କଲେଜ ପଡ଼ିଆକୁ ଆସୁଥିବା ଲୋକେ ବି ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ବିଏମସି ପକ୍ଷରୁ ଅଳିଆ ଆବର୍ଜନା ଉଠାଇବା ପାଇଁ ଗାଡ଼ିର ବ୍ୟବସ୍ଥା ରହିଥିବା ବେଳେ କାହିଁକି ରାସ୍ତା କଡରେ ନିଆଁ ଲଗାଯାଉଛି ବୋଲି ଲୋକେ ପ୍ରଶ୍ନ ଉଠାଇଲେଣି। ସଫେଇ କର୍ମଚାରୀ ମାନଙ୍କୁ ଏନେଇ ଲୋକେ ପ୍ରଶ୍ନ କରିବାରୁ ଅଳିଆ ଉଠାଇବାକୁ ଯାନ ବାହାନର ବ୍ୟବସ୍ଥା ନଥିବାରୁ ଏସବୁକୁ ଜାଳି ସଫା କରୁଥିବା କହିଛନ୍ତି। ତେବେ ସହରର ସଫେଇ କ୍ଷେତ୍ରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କାହିଁକି ଏଭଳି ସମସ୍ୟା ସାମ୍ନାକୁ ଆସୁଛି ତାହା ଏବେ ବଡ ପ୍ରଶ୍ନ ଛିଡା କରିଛି। ଚର୍ଚ୍ଚା ପ୍ରକାରେ, ସଫେଇ କାର୍ଯ୍ୟ ହାତକୁ ନେଇଥିବା ଠିକା ସଂସ୍ଥା ଓ ମହାନଗର ନିଗମର ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ସମସ୍ୟା ଉପୁଜୁଛି। ପୂର୍ବରୁ ମଧ୍ୟ ଠିକା ସଂସ୍ଥା ବିରୋଧରେ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଲୋକ ପ୍ରତିନିଧିଙ୍କ ନିକଟରେ ଅନେକ ଅଭିଯୋଗ ହୋଇଥିଲେ ବି କୌଣସି ସୁଫଳ ମିଳିନାହିଁ। ବିଏମସିର ଢିଲା ପଣ ପାଇଁ ଉକ୍ତ ଘରୋଇ ସଂସ୍ଥାର ମନମାନି ବଢ଼ି ଚାଲିଥିବା ଜଣାପଡ଼ିଛି। ତୁରନ୍ତ ବ୍ରହ୍ମପୁର ମହାନଗର ନିଗମର କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଉକ୍ତ ଠିକା ସଂସ୍ଥାକୁ ତାଗିଦ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ବୈଶାଖ ମେଳାରେ ରାଜ୍ୟସ୍ତରୀୟ ରଙ୍ଗୋଲି ଓ ଚିତ୍ରକଳା ପ୍ରତିଯୋଗିତା



**ବରଗଡ଼,୧୦।୫(ସଂଚାର ବ୍ୟୁରୋ):** ପଶ୍ଚିମ ଓଡିଶା ର ପ୍ରସିଦ୍ଧ ତୀର୍ଥ କ୍ଷେତ୍ର ନୃସିଂହନାଥ ପୀଠରେ ପ୍ରଭୁ ଶ୍ରୀ ମାର୍ଜର କେଶରୀ ନୃସିଂହନାଥ ଙ୍କର ଜନମୋତ୍ସବ ମେଳା ପାଳନ ଅବସରରେ ରାଜ୍ୟ ସ୍ତରୀୟ ରଙ୍ଗୋଲି ଏବଂ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବୋହୁ ସଂଖ୍ୟାରେ ବିଭିର୍ଣ୍ଣ ଜିଲ୍ଲା ରୁ ଚିତ୍ର ଶିଳ୍ପୀ ଏବଂ ରଙ୍ଗୋଲି କଳାକାର ଆସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ନିଜର କଳା ପ୍ରଦର୍ଶନ କରିଥିବା ବେଳେ ନୂଆପଡା ରୁ ଆସିଥିବା ଜଣେ କଳାକାର ଦିଗବିଜୟ ସିଂ ନିଜର ରଙ୍ଗୋଲି ମାଧ୍ୟମରେ ପ୍ରଭୁ ନୃସିଂହନାଥ ଙ୍କର ଆଭିର୍ଭାବ ର କଥା ପ୍ରଦର୍ଶିତ କରିଥିଲେ ଯାହା ଦର୍ଶକ ଙ୍କ ଆକର୍ଷଣ ର କେନ୍ଦ୍ର ପାଲଟି ପ୍ରଥମ ସ୍ଥାନ ଅର୍ଜନ କରିଥିବା ବେଳେ ଥିଲା, ବରଗଡ଼ ରୁ ଆସିଥିବା ସୁପ୍ରିୟା ପଲ୍ ଏବଂ ଟିମ୍ ଦ୍ୱିତୀୟ ଓ, ବଲାଙ୍ଗୀର କେସିଙ୍ଗା ର ସରୋଜ ବିଶି ଏବଂ ଟିମ୍ ତୃତୀୟ ସ୍ଥାନ ଅର୍ଜନ କରିଥିଲେ, ସେହିପାରି ହିମଦ୍ରି ନାୟକ, କ୍ରିଶ୍ନମୟୀ ପୁରୋହିତ, ଇଶା ବାଗ ଏବଂ ଟିମ୍, ଆଦ୍ୟାସା ଦିୱାନ୍ ଏବଂ ଟିମ୍, ମିତା ରାଣୀ ସହୁ ଏବଂ ଟିମ୍, ସ୍ନେହା ଦ୍ୱାରି ଏବଂ ଟିମ୍, ଶାଶ୍ୱତୀ ପଣ୍ଡା ଏବଂ ଟିମ୍ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ। ସେହିପରି ଚିତ୍ରକଳା ପ୍ରତିଯୋଗିତାରେ ୧୫ ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ମନ୍ଦିର ଟ୍ରଷ୍ଟ ସଭାପତି ଦେବାଶିଷ ସିହ୍ନା, ସମ୍ମାନିତ ଅତିଥି କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୋଷତ୍ତମ୍ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ସାଂସ୍କୃତିକ ଅଧିକାରୀ ତାହିର ହୁସେନ ଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋସଂପର୍କ ଅଧିକାରୀ ମହେନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ଦିଗ୍ରିଧର ସହୁ, ବଡ଼ ଶତପଥି, ସୁରଥ ସାହୁ, ଧିରେନ୍ ମହାନ୍ତି, ସୋମେଶ ଚନ୍ଦ୍ର ମହାନ୍ତି, ମାନସ ନାଏକ, ଗୋପବନ୍ଧୁ ସିକା ପ୍ରମୁଖଙ୍କ ସହ ମନ୍ଦିର ଟ୍ରଷ୍ଟ କର୍ମଚାରି କାର୍ଯ୍ୟକ୍ରମ ସଞ୍ଚାଳନ ରେ ସହଯୋଗ କରିଥିଲେ।

# ବସ୍- ବାଇକ୍ ଧକ୍କା: ୨ ମୃତ, ଜଣେ ଗୁରୁତର

**ଫୁଲବାଣୀ,୧୦।୫(ସଂଚାର ବ୍ୟୁରୋ):** ଫୁଲବାଣୀରୁ ବ୍ରହ୍ମପୁର ଅଭିମୁଖେ ଘରୋଇ ଯାତ୍ରୀବାହୀ ବସ୍ ଅନୀଲ ଯାଉଥିଲା। ଶୁକ୍ରବା କ୍ରବାର ରାତି ୧୦ଟାରେ ଫୁଲବାଣୀ ସହର ଉପକଣ୍ଠ ଏକ ପେଟ୍ରୋଲ୍ ସ୍କୁଲ୍ ପମ୍ପ୍ ନିକଟରେ ବସ୍ ସହ ବିପରୀତ ଦିଗରୁ ଆସୁଥିବା ବାଇକ୍‌ର ଧକ୍କା ହୋଇଥିଲା। ବସ୍ ଚକା ତଳେ ବାଇକ୍ ପଶିଯାଇଥିଲା। ବାଇ ତିନି ଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟର୍ ଇକ୍‌ରେ ଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଫୁଲବାଣୀ ଦମକଳ ବାହିନୀ ଘଟଣାସ୍ଥଳରୁ) ରୁ ମୃତାହତଙ୍କୁ ମୃତାହତ ଉଦ୍ଧାର ମିଳିନି। ପରମାନନ୍ଦ କରି ଫୁଲବାଣୀସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଯୁବକଙ୍କ ପରିଚୟ ମିଳି ମେଡିକାଲରେ ମୃତ୍ୟୁ ହୋଇଥିବା ଯୁବକ ଜଣଙ୍କ ପରମ କହଁର। ଅନ୍ୟ ଜଣେ ଗୁରୁତର ପ୍ରମୋଦ କୁମାର ମଲ୍ଲିକ ଚିକିତ୍ସିତ ହେଉଛନ୍ତି। ପ୍ରମୋଦଙ୍କ ଘର ଖଜୁରିପଡ଼ା ଥାନା ଆଡାସୀପ ପଞ୍ଚୟତ ବିଦୁଖୋଲ ଗାଁରେ। ପରମାନନ୍ଦଙ୍କ ଘର ଖଜୁରିପଡ଼ ପଡ଼ା ଥାନା ଭୁକ୍ତାକନାଲି ଗାଁରେ। ପେଟ୍ରୋଲ୍ ପମ୍ପ୍ରେ ତେଲ ପକାଇ ରାସ୍ତା ସ୍ତାକୁ ବାହାରିବା ବେଳେ ସେମାନଙ୍କ ଉପରେ ବସ୍ ମାଡ଼ି ଯାଇଥିଲା ବୋଲି ସୂଚନା ମିଳିଛି। ସଦର ଥାନା ପୁଲିସ ଫୁଲବାଣୀସ୍ଥି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।




# ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀ ଏକତ୍ରିତ ହୋଇ ସଚେତନତା ବାର୍ତ୍ତା ଦେଲେ

**ବୈଶିଙ୍ଗା,୧୦।୫(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ସ୍ଥିତ ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ବେତନଟୀ ବ୍ଲକ ଅଧୀନରେ ଥିବା ଅବସର ପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀମାନଙ୍କୁ ନେଇ ଏକ ସଚେତନତା ସଭା ଯୁବକ ସଂଘ କାର୍ଯ୍ୟାଳୟରେ ଶନିବାର ଅପରାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସେନା କର୍ମଚାରୀ ଗୋପିନାଥ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୋଗେଶ୍ୱର ଦାସ , ବିକାଶ କୁମାର ଦଳେଇ, ଭିମ ଚରଣ ମାଝୀ , ପରମେଶ୍ୱର ନାୟକ , ବ୍ରଜ କୁମାର ଦାସ , ରାଜାରାମ ସିଂ , ଫକଲ ହାଁସଦା ,ଚିତ୍ତରଞ୍ଜନ ଦାସ , ଗୋପିନାଥ କର , ଅମୂଲ୍ୟ କୁମାର ମିଶ୍ର , ଦୈତାରୀ ଚରଣ ପରିଡା ,ଦନାର୍ଦ୍ଦନ ମହାନ୍ତ ଏବଂ ହରେକୃଷ୍ଣ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଯୁଦ୍ଧ ସମୟରେ ପ୍ରାକ ସାବଧାନତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହା ସହ ଯୁଦ୍ଧ ସମୟରେ ବିପକ୍ଷ ରାଷ୍ଟ୍ର ଦ୍ୱାରା ହେଉଥିବା ମିଥ୍ୟା ପ୍ରଚାର ଠୁ ଦୂରେଇ ରହିବା ସହ ବିଚଳିତ ନ ହେବା, ବିଭିନ୍ନ ମାଧ୍ୟମରେ ଦେଶର ସେନାବାହିନୀଙ୍କ ମନବଳକୁ ଦୃଢ ଏବଂ ସଶକ୍ତ କରିବା ଦିଗରେ ଯତ୍ନବାନ ହେବା , ସରକାରଙ୍କ ର ଏହି ସମୟରେ ଦିଆଯାଉଥିବା ସତର୍କତା ଅବଲମ୍ବନ କରିବା , ଧର୍ମାନ୍ତରୀକରଣକୁ ବିରୋଧ କରିବା ସହିତ ସଙ୍ଗଠିତ ଭାବେ ଦେଶର ସାର୍ବଭୌମତ୍ୱ କୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ହେବା ଦିଗରେ ସଚେତନ କରାଯାଇଥିଲା । ଅବସରପ୍ରାପ୍ତ ସେନା କର୍ମଚାରୀ ମାନଙ୍କୁ ନେଇ ଏକ ବ୍ଲକ ସ୍ତରୀୟ ସଂଘ ଗଠନ ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୀଣାପାଣି ଯୁବକ ସଂଘ ସଭାପତି ଶିବ ନାରାୟଣ ଘୋଷ, ସମ୍ପାଦକ ଜୀବନ କୁମାର ପରିଡା, ସଂଯୋଜକ ରାଜେନ୍ଦ୍ର ବିନ୍ଧାଣୀ , ଯୁବ ସଂଗଠକ ତଥା ସଂଘ ସଦସ୍ୟ ପ୍ରକାଶଜ୍ୟୋତି ପ୍ରଧାନ ପ୍ରମୁଖ ଭାବେ ଏହି ବୈଠକରେ ସହଯୋଗ କରିଥିଲେ । ପରିଶେଷରେ ଯୁବକ ସଂଘ ସମ୍ପାଦକ ଜୀବନ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କେସିଙ୍ଗାରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କେସିଙ୍ଗା,୧୦।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ତାଲୁକ ଆଇନସେବା ସମିତି ତରଫରୁ ଶନିବାର ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଶ୍ରେଣୀ ବିଚାରବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ୩୮ଟି ପ୍ରାକ୍ ବ୍ୟାଙ୍କ ଋଣଜନିତ ମାମଲାରେ ମୋଟ ୨୦ ଲକ୍ଷ ୨୨ ହଜାର ୭୮୨ ଟଙ୍କା ଋଣ ଆଦାୟ ହୋଇଥିଲା। ସେହିପରି ଗୋଟିଏ ଚେକ୍ ବାଉନ୍ସ ମାମଲାର ବିଚାରକରି ୫୧ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକ ଅଦାଲତରେ ୧୦୨ଟି ରାଜସ୍ୱ ମାମଲାର ବିଚାର କରାଯାଇ ୮୨ ହଜାର ୯୧୭ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସରକାରୀ ଓକିଲ ପ୍ରକାଶ କୁମାର ଦାସ, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ସନ୍ତୋଷ କୁମାର ଦାସ, ସନ୍ଦୀପ ବାନାର୍ଜୀ, ହରିପ୍ରସାଦ ତାଣ୍ଡି, ପ୍ରଭାକର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତରେ ସମବାୟ ସମିତି ଲ୍ୟାମ୍ପସ ଗଠନ ଦାବି



**ବେତନଟୀ,୧୦।୫(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ପାଟୋଳିପୁରା ଠାରେ ସମବାୟ ସମିତି ଲ୍ୟାମ୍ପସ ଗଠନ ପାଇଁ ମୟୂରଭଞ୍ଜ ର ଜିଲ୍ଲାପାଳଙ୍କୁ ଦାବିପତ୍ର ଜଣାଇଛନ୍ତି। ପୂର୍ବରୁ ଉପନିବନ୍ଧକ ସମବାୟ ସମିତି ଙ୍କୁ ପାଟୋଳିପୁରା ଗ୍ରାମପଞ୍ଚାୟତ ର ଜନସାଧାରଣ ଜଣା ଯାଇଥିଲେ ସୁଦ୍ଧା ଅଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି। ଜନସାଧାରଣଙ୍କୁ ସରକାରଙ୍କର ଦୁଇଗୋଟି ଗ୍ରାମପଞ୍ଚାୟତ କୁ ନେଇ ସମବାୟ ସମିତି ଗଠନ ନିମନ୍ତେ ନିର୍ଦ୍ଦେଶାବଳୀ ଜାରି ହୋଇଥିଲା। ନଡ଼ପୁର ଗ୍ରା: ପ ର ୬ ଗୋଟି ଗ୍ରାମର ୪୪୮୯ ଲୋକ ସଂଖ୍ୟା ରୁ ୩୪୩ ଜଣ ଋଣୀ ଥିବା ସମୟରେ ପାଟୋଳିପୁରା ଗ୍ରାମପଞ୍ଚାୟତ ର ୧୫ ଗୋଟି ଗ୍ରାମର ୭୦୧୫ ଲୋକ ସଂଖ୍ୟାରୁ ୭୩୬ ଜଣ ଋଣୀ ସଂଖ୍ୟା ଥିବା ସମୟରେ ସମବାୟ ବିଭାଗର ଅଧିକାରୀ ବୃନ୍ଦ ଏକତରଫା ଭାବରେ ନଡ଼ପୁର ରେ ସମବାୟ ସମିତି ସ୍ଥାପନ ଓ କାର୍ଯ୍ୟାଳୟ ନିର୍ମାଣ କରିଛନ୍ତି। ପୂର୍ବରୁ ଉଭୟ ଗ୍ରା: ପ ର ସମବାୟ ସମିତିର କାର୍ଯ୍ୟାଳୟ ବେଲାଣପୁରାରେ ଚାଲୁଥିଲା। ଉଭୟ ଗ୍ରା: ପ ର ମଝି ଜାଗା ବେଲାଣପୁରା ହେବ ବୋଲି ସମସ୍ତ ଜନସାଧାରଣ ଓ ବିଭାଗୀୟ ଅଧିକାରୀ ଜାଣିଛନ୍ତି। କଣ ସ୍ୱାର୍ଥରଖି ନଡ଼ପୁର ରେ ସମବାୟ ସମିତି କାର୍ଯ୍ୟାଳୟ କରାଗଲା ବୋଲି ଜନ ସାଧାରଣ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଆମ ବିଷୟକୁ ବିଚାର ନକଲେ ଚାଷୀକୂଳ ଗଣଧାରଣା କରିବାକୁ ବାଧ୍ୟ ହେବୁ ବୋଲି ଜଣାଇଛନ୍ତି। ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବେ ବୋଲି ଜଣାଇଥିବାରୁ ଜନସାଧାରଣ ସାଧୁବାଦ୍ ଜଣାଇଛନ୍ତି।

# ଦାରୁପ୍ରାପ୍ତିସ୍ଥାନରେ ହେବ ମହାଯଜ୍ଞ, ଭାରତ ବିଜୟ ପାଇଁ ଆହୁତି



**ଖୋର୍ଦ୍ଧା,୧୦।୫(ସଂଚାର ବ୍ୟୁରୋ):** ଖୋର୍ଦ୍ଧାର ଦାରୁପ୍ରାପ୍ତିସ୍ଥାନ ଦଧିମାଛ ଗାଡ଼ିଆ ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ମନ୍ଦିର ପ୍ରତିଷ୍ଠାର ସପ୍ତବିଂଶତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ବର୍ତ୍ତମାନ ପାକିସ୍ଥାନ ସହ ଆମ ଦେଶର ଯୁଦ୍ଧ ଚାଲିଥିବାରୁ ଭାରତର ସୁବର୍ଣ୍ଣ ବିଜୟ ପାଇଁ ଆହୂତି ଦିଆଯାଇଛି । ଏହି ମହାଯଜ୍ଞରେ ଆସନ୍ତା ୧୧ତାରିଖ ଚାଲିବ। ପ୍ରତିଦିନ ବିଭିନ୍ନ ସାଧୁ ସନ୍ଥଙ୍କ ଦ୍ୱାରା ପ୍ରବଚନ ଓ ଭଜନ କିର୍ତନ କରାଯିବ । ୮ତାରିଖ ସନ୍ଧ୍ୟାରେ ଅଙ୍କୁର ରୋପଣ କରାଯାଇଥିବା ବେଳେ ୯ତାରିଖ ସକାଳୁ ରାମଚରିତ ମାନସ ପରାୟଣ କରାଯାଇଥିଲା। ତେବେ ଭାରତ ଯୁଦ୍ଧରେ ବିଜୟ ପାଇଁ ସକାଳୁ ୧୦୮ ହନୁମାନ ଚାଳିଶା ପାଠ କରାଯିବା ସହ ମହାଯଜ୍ଞରେ ଆହୂତୀ ପ୍ରଦାନ କରାଯାଇଥିଲା । ଏହା ଆସନ୍ତା ୧୧ତାରିଖରେ ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତୀ ଆୟୋଜିତ ହୋଇଛି । ଏଥିରେ, ମନ୍ତ୍ରୀ, ସାଂସଦ, ବିଧାୟକ, ନ୍ୟାୟଧୀଶ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି । ପ୍ରକାଶ ଥାଉକି, ୧୯୯୭ମସିହାରେ ଏହି ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଦାରୁ ପ୍ରାପ୍ତି ହୋଇଥିଲା ।

# ଗାଁ ଗାଁରେ ଦେଶୀ ମଦର ବନ୍ୟା

## ଜିଲ୍ଲା ଅବକାରୀ ବିଭାଗ ନିରବଦ୍ରଷ୍ଟା

**ସୋନପୁର,୧୦।୫(ସଂଚାର ବ୍ୟୁରୋ):** ସୋନପୁର ଜିଲ୍ଲାରେ ଗାଁ ଗାଁରେ ମଦ ବିକ୍ରି ଅଭିଯୋଗ ଜିଲ୍ଲାର ଖମ୍ବେଶ୍ୱରୀପାଲି ମଦ ଭାଟି ଠାରୁ ବେଆଇନ ଭାବେ ମଦ ବିକ୍ରି ହେଉଥିବାରୁ ସାଧାରଣ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୋନପୁର ଜିଲ୍ଲାରେ ଅବକାରୀ ଅଧିକାରୀ ଙ୍କ କାର୍ଯ୍ୟାଳୟ ଠାରୁ ଖମ୍ବେଶ୍ୱରୀପାଲି ମାତ୍ର ୧୫ କିଲୋମିଟର ରହିଛି। ଜିଲ୍ଲା ଅବକାରୀ ବିଭାଗ କାର୍ଯ୍ୟାଳୟ ଠାରୁ ଖମ୍ବେଶ୍ୱରୀପାଲି ମଦ ଭାଟି ମାତ୍ର ୧୫ କିଲୋମିଟର କିନ୍ତୁ ସେହି ଅବକାରୀ ବିଭାଗ ନିରବ ଦ୍ରଷ୍ଟା ସାଜିଛି। ସୋନପୁର ଜିଲ୍ଲା ଅବକାରୀ ବିଭାଗର ଅଧିକାରୀ କୁଚିଆ ମଦ ବେପାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାହିଁକି କରୁ ନାହାନ୍ତି ଏପ୍ରସଙ୍ଗରେ ବୁଦ୍ଧି ଯିବି ମହଲରେ ଅସନ୍ତୋଷ ଦେଖାଦେଇଛି, ସୂଚନାଯୋଗ୍ୟ ଲାଇସେନ୍ସ ପ୍ରାପ୍ତ ଖମ୍ବେଶ୍ୱରୀପାଲି ମଦ ଭାଟି ଠାରୁ କୁଚିଆ ମଦ ବିକ୍ରି ହେବାର ନିୟମ ନାହିଁ ତେଣୁ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ବୁଦ୍ଧି ଯିବି ଅନୁରୋଧ କରିଛନ୍ତି ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା: ଅଂଶୁଘାତ ରୋଗୀଙ୍କ ଚିକିତ୍ସା ଉଦ୍ଦିଷ୍ଟ କକ୍ଷ ଏସି ଅଚଳ



**କଣାସ,୧୦।୫(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲାପାଳ, ବିଡିଓ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ସଜାଗ ରହିବା ପାଇଁ ଗଣମାଧ୍ୟମରେ ଡେଙ୍ଗୁରା ପିଟୁଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଛି ଦିନ ହେଲା ଅଂଶୁଘାର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଥିବା ଶୀତତାପ ନିୟନ୍ତ୍ରଣ କକ୍ଷଟି ଅଚଳ ହୋଇପଡ଼ିଥିବାରୁ ଅଂଶୁଘାତରେ ଆକ୍ରାନ୍ତ ହେଉଥିବା ରୋଗୀମାନେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଆଜି ଡେଲାଙ୍ଗ ଗୋଡିପଡ଼ାର ସନ୍ତୋଷ ପରିଡ଼ା କଣାସଠାରେ କାର୍ଯ୍ୟ କରୁଥିବାବେଳେ ଅଂଶୁଘାତରେ ଆକ୍ରାନ୍ତ ହୋଇଥିଲେ ତାଙ୍କ ସହିତ କାମ କରୁଥିବା ସାଥୀମାନେ ସଂଗେ ସଂଗେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଆସିଥିଲେ। ଏସି ଅଚଳ ଥିବାରୁ ଭୁବନେଶ୍ୱର ସରକାରୀ ଡାକ୍ତରଖାନାକୁ ପଠାଇଦେଇଥିଲେ।

# ସ୍କାଉଟଗାଇଡ଼ ରାଜ୍ୟ ପୁରସ୍କାର ଉତ୍ସବରେ କଣାସ ବ୍ଲକର ୭୯ ଛାତ୍ରଛାତ୍ରୀ ପୁରସ୍କୃତ

**କଣାସ,୧୦।୫(ସଂଚାର ବ୍ୟୁରୋ):** ଭାରତ ସ୍କାଉଟ ଓ ଗାଇଡ ମୁଖ୍ୟ କାର୍ଯ୍ୟାଳୟ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ସ୍ଥିତ ରାଜଭବନ ପରିସରରେ ଆୟୋଜିତ ରାଜ୍ୟ ପୁରସ୍କାର ଉତ୍ସବରେ କଣାସ ବ୍ଲକର ଜନମଙ୍ଗଳ କ୍ଲବ୍ ରୋଭର୍ ରେଞ୍ଜର ଗ୍ରୁପ କଣାସର ୧୧ଜଣ, ସ୍କାଉଟଗାଇଡ ୪୭ଜଣ, କବବୁଲବୁଲ ୨୨ ଜଣ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଛି, କଣାସ ଅଞ୍ଚଳର ସ୍କାଉଟ ଶିକ୍ଷକ ବାଳକୃଷ୍ଣ ସାହା, ପୁରୀ ଜିଲ୍ଲା ଗାଇଡ କମିଶନର ରୂପଶ୍ରୀ ଛୋଟରାୟ, କବ ମାଷ୍ଟର ଟୁଲୁଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ପୂର୍ବରୁ ଛାତ୍ରଛାତ୍ରୀ ମାନେ ସ୍ଥାନୀୟ ଅଞ୍ଚଳରେ ଅନେକ ସମୟରେ ସହାୟତା ଆଦି ସହିତ ଜିଲ୍ଲାସ୍ତରୀୟ କ୍ୟାମ୍ପାରୀ ଏବଂ ରାଜ୍ୟସ୍ତରୀୟ ଜାମ୍ବୋରୀଏଟ୍ ରେ ଯୋଗଦେଇ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମରେ ଅଗ୍ରଣୀ ସ୍ଥାନ ଅଧିକାର କରିଥିବା ଶ୍ରୀମତି ଛୋଟରାୟ ସୂଚନା ଦେଇଛନ୍ତି। ରାଜ୍ୟ ସ୍କାଉଟଗାଇଡ କମିଶନର ଏବଂ ଶିକ୍ଷାଧିକାରୀ ରାଜ୍ୟପୁରସ୍କାର ଉତ୍ସବରେ ଯୋଗ ଦେବା ପାଇଁ ବିଦ୍ୟାଳୟ ଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ, ସ୍କାଉଟଗାଇଡ୍ ରାଜ୍ୟ କମିସନର ଡ଼. କାଳୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ରାଜ୍ୟପାଳ ହରି ବାବୁ କମ୍ଭମପତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ, ଏଥିସହ ଉତ୍ସବରେ ପୁରୀ ଜିଲ୍ଲା ଗାଇଡ଼ କମିଶନର ଶ୍ରୀମତି ରୂପଶ୍ରୀ ଛୋଟରାୟ ଏବଂ କବ ମାଷ୍ଟର ଟୁଲୁ ଚନ୍ଦ୍ର ନାୟକଙ୍କୁ ତାଙ୍କର ନିରବଚ୍ଛିନ୍ନ ସେବା ସଂଗଠନକୁ ପ୍ରଦାନ କରିଥିବାରୁ ଷ୍ଟାରସର୍ଭିସ ଷ୍ଟାରପଦକ ସହିତ ମାନପତ୍ର ପ୍ରଦାନ କରିଛନ୍ତି, , ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀ ରାଜ୍ୟ ପୁରସ୍କାର ପାଇବା ସହିତ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏନେଇ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବ୍ଲକ୍ ଶିକ୍ଷାଧିକାରି, ଜିଲ୍ଲା ସ୍କାଉଟ ଗାଇଡ୍ସ ଅଧିକାରୀ ମହେନ୍ଦ୍ର ବିଶ୍ୱାଳ, ଦେବାଶିଷ ମିଶ୍ର, ମିନାକ୍ଷୀ ମିଶ୍ର, ରୂପଶ୍ରୀ ଛୋଟରାୟ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅଞ୍ଚଳବାସୀ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନୟାଗଡ଼ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

- ଅଦାଲତରେ ୪୧୩୯ ମାମଲା ଫଏସଲା



**ନୟାଗଡ଼,୧୦।୫(ସଂଚାର ବ୍ୟୁରୋ):** ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣା ଏବଂ ସଚିବ ଅଞ୍ଜଳି ମଚ୍ଛଖଣ୍ଡଙ୍କ ତତ୍ୱବଧାନ ରେ ଚଳିତ ବର୍ଷ ର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୪୧୩୯ ମାମଲା ଫଏସଲା ହୋଇଯାଇଛି। ନୟାଗଡ଼ ଜିଲ୍ଲାର ଉକ୍ତ ଲୋକ ଅଦାଲତ ଗୁଡିକରେ ମୋଟ ୯ ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଏସଲା କରାଯାଇ ୪୧,୪୯,୦୦୦ ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରିବା ପାଇଁ ବୀମା କମ୍ପାନୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୮୩ ଟି ଦେୱାନି ମକଦମା ଫଏସଲା କରାଯାଇଛି। ଏନ. ଆଇ ଆକ୍ଟ ୪ ଟି ଫଏସଲା କରାଯାଇ ୧,୧୧,୨୦୦ ଟଙ୍କା ଆଦାୟ କରାଯାଇଛି। ଅନ୍ୟାନ୍ୟ ଫଉଜଦାରୀ ମାମଲା ୩୫୭ ଟି ରୁ ୧୫୭ ଫଏସଲା କରାଯାଇଛି। ଏହି ବାବଦକୁ ୧୦୦୦ ଟଙ୍କା ଫାଇନ ଆଦାୟ କରା ଯାଇଛି। ବ୍ୟାଙ୍କ ଋଣ ନେଇ ଋଣ ପରିଶୋଧ କରିନଥିବା ୨୫୦୮ ଜଣଙ୍କ ମଧ୍ୟରୁ ୭୫ ଋଣ ଗ୍ରହିତାଙ୍କ ଠାରୁ ୨୮, ୫୯, ୭୧୬ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷର ହୋଇଯାଇଛି। ସେହିପରି ୩୮୦୧ ରାଜସ୍ୱ ମାମଲା ଫଏସଲା କରାଯାଇ ୮, ୦୧, ୩୪୩ ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତରେ ୨ ଟି ମାମଲା ସମାଧାନ ହୋଇଯାଇଛି। ବିଦ୍ୟୁତ ବିଲ ସମ୍ବଧୀୟ ୭୦ ଟି ମାମଲା ରୁ ୧ ଟି ଫଏସଲା କରାଯାଇ ୪୦, ୦୦୦ ଆଦାୟ କରାଯାଇଛି।

# ଶିରଡ଼ି ସାଇ ଟ୍ରଷ୍ଟ, ତରଫରୁ ପ୍ରତିଭା ସମ୍ମାନ

**ଗରଦପୁର,୧୦।୫(ସଂଚାର ବ୍ୟୁରୋ):** ଗରଦପୁର ଅଧିନ ବସନ୍ତପୁର ଗ୍ରାମରେ ଥିବା ଶ୍ରୀ ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ପ୍ରତୀଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫଜଲ ହକ୍ ଉଚ୍ଚ ବିଦ୍ୟାଳୟ, ତେଣ୍ଡାକୁଡାର ଛାତ୍ର ଦେବେନ୍ଦ୍ରପାତ୍ର ଓ କଳିଙ୍ଗଭାରତୀ ସ୍କୁଲ ର ତେଣ୍ଡାକୁଡା ଛାତ୍ରୀ ଭାଗ୍ୟଶ୍ରୀ ମହାନ୍ତି ବ୍ଲକ ସ୍ତରରେ ଏ -୧ ଗ୍ରେଡ ରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବାରୁ ଟ୍ରଷ୍ଟ ର ପରିଚାଳନା ଟ୍ରଷ୍ଟି ଡ.ରୁଦ୍ର ମହାନ୍ତି ଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାରୋହରେ ସଂପାଦକ ସୁନିଲ ମହାନ୍ତି ଓ ରବୀନ୍ଦ୍ର ମହାପାତ୍ର ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ମହାନ୍ତି, ଚଣ୍ଡି ପ୍ରସାଦ ମହାନ୍ତି, ରଂଜିତ ମହାନ୍ତି, ସ୍ୱରୂପ ମହାନ୍ତି କମଳ ମହାନ୍ତି, ସଂଯୁକ୍ତା ବିଶ୍ୱାଳ ଓ ନଳିନି ମହାନ୍ତି ସହଯୋଗ କରିଥିଲେ।